# ଭାରତେନ୍ଦୁ ହରିଶ୍ଚନ୍ଦ୍ର

ମଦନ ଗୋପାଳ



OR
810.409 2
B 469 M

ଭାରତୀୟ
ସାହିତ୍ୟସ୍ରଷ୍ଟା
ଗ୍ରନ୍ଥମାଳା

OR
810.409 2
B 469 M

INDIAN INSTITUTE
OF
ADVANCED STUDY
LIBRARY, SHIMLA





ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜ୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ: ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଯାଉଛନ୍ତି । ଅନୁମାନ, ଏହା ଭାରତର ଲିଖନ କଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

# ଭାରତେନ୍ଦୁ ହରିଶ୍ଚନ୍ଦ୍ର

ମଦନ ଗୋପାଲ

ଅନୁବାଦ

ରଘୁନାଥ ମହାପାତ୍ର

ସାହିତ୍ୟ ଅକାଦେମି

*Bharatendu Harishchandra* : Oriya Translation by Raghunath Mohapatra of Madan Gopal's monograph in English, Sahitya Akademi, New Delhi, 1992, Rs. 15.00

© ସାହିତ୍ୟ ଅକାଦେମି

OR
810.4092
B469M

ISBN 81-7201-250-0

ପ୍ରଥମ ପ୍ରକାଶ : ୧୯୯୨

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫. ଫିରୋଜ ସା ରୋଡ଼, ନୂଆଦିଲ୍ଲୀ ୧୧୦ ୦୦୧

ବିକ୍ରୟ କେନ୍ଦ୍ର :

'ସ୍ୱାତୀ', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦ ୦୦୧

ଶାଖା ଅଫିସ :

ଜୀବନତାରା ଭବନ, ୨୩ଏ/୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ଼,
କଲିକତା ୭୦୦୦୫୩

'ଗୁନା ବିଲ୍ଡିଂ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ,
ତେନାମ୍‌ପେଟ୍, ମାଡ୍ରାଜ ୬୦୦ ୦୧୮

୧୭୨ ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦାର, ବମ୍ବେ ୪୦୦୦୧୪

ଏ.ଡି.ଏ. ରଙ୍ଗମନ୍ଦିର, ୧୦୯ ଆଇ. ସି. ରୋଡ, ବାଙ୍ଗାଲୋର-୫୬୦୦୦୨

ମୂଲ୍ୟ : ୧୫ ଟଙ୍କା

ମୁଦ୍ରଣ :

କେଦାର ପ୍ରିଣ୍ଟିଂ ପ୍ରେସ

ପ୍ଲଟ ନଂ ୧୭୦, ୟୁନିଟ-୯ (ଫ୍ଲାଟ), ଭୁବନେଶ୍ୱର ୭

Library IIAS, Shimla
OR 810.409 2 B 469 M
00117746

Indian Institute of Advanced Study
117746
20/12/04
SHIMLA

# ୧

ଊନବିଂଶ ଶତାବ୍ଦୀର ଭାରତରେ ଅନେକ ବୁଦ୍ଧି ସମ୍ପନ୍ନ ଜ୍ୟୋତିଷ୍କ ତୁଲ୍ୟ ବ୍ୟକ୍ତିମାନେ ଜନ୍ମଲାଭ କରିଥିଲେ । ଏମାନଙ୍କ ମଧ୍ୟରୁ ଭାରତେନ୍ଦୁ ହରିଶ୍ଚନ୍ଦ୍ର ଅତୁଳନୀୟ ଓ ସର୍ବଗୁଣସମ୍ପନ୍ନ । ଜଣେ ମହାନ୍ ସମାଜ-ସଂସ୍କାରକ ହେବା ସଙ୍ଗେ ସଙ୍ଗେ ସେ ସର୍ବସାଧାରଣଙ୍କର ମାନସିକ ଓ ଭୌତିକ ଉନ୍ନତିର ପ୍ରସାରଣ ନିମନ୍ତେ ଆନ୍ଦୋଳନ ଚଳାଇଥିଲେ । ତାଙ୍କ ସମୟରେ ପ୍ରସିଦ୍ଧ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ତ୍ରିବାଙ୍କୋରର ମହାମାନ୍ୟ ରାଜକୁମାର କେରଳ ବର୍ମା, କେଶବଚନ୍ଦ୍ର ସେନ୍ ଓ ମଧୁସୂଦନ ଦତ୍ତଙ୍କ ଭଳି ବ୍ୟକ୍ତିମାନଙ୍କ ସହିତ ସେ ସଖ୍ୟ ସ୍ଥାପନ କରିଥିଲେ । 'ନବ ଉତ୍ସାହ' ଦ୍ୱାରା ଅନୁପ୍ରେରିତ ହୋଇ ବଙ୍ଗଳାରେ ଯେଉଁ ନବଜାଗରଣ ସଂଘଟିତ ହେଲା, ତାହାକୁ ହରିଶ୍ଚନ୍ଦ୍ର ହିନ୍ଦୀ ଜଗତରେ ମଧ୍ୟ ପ୍ରବାହିତ କରିଥିଲେ । ଆଧୁନିକ ହିନ୍ଦୀର ପୂର୍ବବର୍ତ୍ତୀ କାଳର ହିନ୍ଦୀ ସାହିତ୍ୟର ବିକାଶ ଓ ପ୍ରଚାର ଏବଂ ହିନ୍ଦୀ ସାହିତ୍ୟର ବିଭିନ୍ନ ଦିଗକୁ ତାଙ୍କର ଅବଦାନ ଏତେ ଶକ୍ତିଶାଳୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଯେ, ହରିଶ୍ଚନ୍ଦ୍ରଙ୍କୁ 'ଆଧୁନିକ ହିନ୍ଦୀର ଜନକ' ବୋଲି ଅଭିହିତ କରାଯାଏ ।

ହିନ୍ଦୀ ନାଟକ କ୍ଷେତ୍ରରେ ଜଣେ ଅଗ୍ରଦୂତଭାବରେ ସେ ମୌଳିକ ହିନ୍ଦୀ ଓ ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ଭାଷାରେ ପ୍ରାୟ ୧୮ଟି ନାଟକ ରଚନା କରିଛନ୍ତି । ଏଥି ସହିତ ସେ ତାଙ୍କ ସମୟରେ ହିନ୍ଦୀ ସାମ୍ବାଦିକତାର ମଧ୍ୟ ବିକାଶ ସାଧନ କରିଛନ୍ତି । ସେ ପ୍ରବନ୍ଧ, ଭ୍ରମଣ-ବୃତ୍ତାନ୍ତ, ଜୀବନୀ, ଇତିହାସ ବା ପୁରାତତ୍ତ୍ୱର ପ୍ରଥମ ସ୍ମରଣୀୟ ହିନ୍ଦୀ ଲେଖକ ଭାବେ ମଧ୍ୟ ପରିଚିତ । ଏତଦ୍ ବ୍ୟତୀତ ସେ ବିଭିନ୍ନ ଛନ୍ଦରେ ୩୦୦୦ଟି ଭକ୍ତିସଙ୍ଗୀତ ରଚନା କରିଛନ୍ତି ଓ ସମ୍ଭବତଃ ସେ ଖଡ଼ିବୋଲି ଭାଷାର ପ୍ରଥମ ହିନ୍ଦୀ କବି । (ଯେଉଁ ଭାଷା ପରବର୍ତ୍ତୀ କାଳରେ ବ୍ରଜଭାଷାକୁ କାବ୍ୟ ଜଗତରୁ ନିଶ୍ଚିହ୍ନ କରି ଦେଇଥିଲା ।)

ତାଙ୍କ ଜୀବନର ଶେଷ ଭାଗରେ ହିନ୍ଦୀ ଉପନ୍ୟାସ ଲେଖିବା ନିମନ୍ତେ ସେ ଅନେକ ଗୁଡ଼ିଏ ଲେଖକଙ୍କୁ ଉତ୍ସାହିତ କରିଥିଲେ । ବିଂଶୋଦ୍ଧ ବିଷା ସମ୍ପୂହର ପ୍ରଥମ ଓ

ମୁଖ୍ୟ ବିଦେଶୀ ସାହିତ୍ୟ ଇତିହାସକାର, ଜର୍ଜ ଗ୍ରୀୟରସନ, ହରିଶ୍ଚନ୍ଦ୍ରଙ୍କ ବିଷୟରେ କହିଥିଲେ ଯେ ତାଙ୍କ ସମୟରେ ଭାରତର ଦେଶୀୟ କବିମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର, ସର୍ବାଧିକ ଯଶସ୍ୱୀ କବି ଥିଲେ । ସେ ଭାରତୀୟ ସାହିତ୍ୟ ଗୁଡ଼ିକର ଲୋକ-ପ୍ରିୟତା ସୃଷ୍ଟି କରିବା ଦିଗରେ ଅନ୍ୟ ଯେ କୌଣସି ଭାରତୀୟଙ୍କ ଅପେକ୍ଷା ଯଥେଷ୍ଟ ବେଶୀ ପ୍ରଚେଷ୍ଟା କରିଛନ୍ତି । ଅନ୍ୟ ଜଣେ ହିନ୍ଦୀ ସାହିତ୍ୟ-ଇତିହାସକାର ଏଫ.ଇ.କିଙ୍କ ମତରେ, "ହରିଶ୍ଚନ୍ଦ୍ର ପ୍ରାୟ ୧୭୫ ଖଣ୍ଡ ସାହିତ୍ୟ ଗ୍ରନ୍ଥ ଲେଖିଛନ୍ତି (ଯାର ୬୩ଟିର ନାମ ଗ୍ରୀଭ୍ସ ଦେଇଛନ୍ତି) । ମାତ୍ର ୩୪ ବର୍ଷ ବୟସରେ ଏତେ ଉଚ୍ଚସ୍ଥାନ ଅଧିକାର କରିବା ଓ ହିନ୍ଦୀ ସାହିତ୍ୟକୁ ବିଭିନ୍ନ ବିଭାବର ପଥ ପ୍ରଦର୍ଶକ ହେବା, କମ କୃତିତ୍ୱର କଥା ନୁହେଁ ।

—o—

## ୨

ହରିଶ୍ଚନ୍ଦ୍ର ବାରାଣସୀର ଅଗ୍ରୱାଲ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରପିତାମହ ସେଠ୍ ଫତେଚାନ୍ଦ ସେଠ୍ ଅମୀନଚାନ୍ଦଙ୍କର ନଅଜଣ ସନ୍ତାନଙ୍କ ମଧ୍ୟରେ ଅନ୍ୟତମ । ସେଠ ଅମୀନଚାନ୍ଦ ନିଜ ସହଯୋଗୀ ମୀର ଜାଫରଙ୍କ ସହିତ ଲର୍ଡ କ୍ଲାଇଭଙ୍କ ଦ୍ୱାରା ପ୍ରବଞ୍ଚିତ ହୋଇଥିଲେ । ଏହି ଆଘାତ ପାଇ ଅମୀନଚାନ୍ଦ ପାଗଳ ହୋଇଯାଇଥିଲେ ଓ ସେ ଅଳ୍ପକାଳ ମଧ୍ୟରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ଫତେଚାନ୍ଦ ବାସସ୍ଥାନ ପରିବର୍ତ୍ତନ କରି ବାରାଣସୀ ଚାଲି ଯାଇଥିଲେ । ପରେ ପରେ ତାଙ୍କର ଆଉ ଜଣେ ଭାଇ ମଧ୍ୟ ବାରାଣସୀ ଚାଲିଗଲେ । ଦୁଇଭାଇ ମିଶି ପରିବାରର ପୂର୍ବ ବିଭବ ଫେରାଇ ଆଣିଲେ ଏବଂ ବାରାଣସୀର ଧନାଢ୍ୟ ପରିବାରର କନ୍ୟା-ମାନଙ୍କୁ ବିବାହ କରି ବିଭବର ବୃଦ୍ଧି ସାଧନ କଲେ । ଅଳ୍ପକାଳ ମଧ୍ୟରେ ଦୁଇ ଭ୍ରାତାଙ୍କର ମିଳିତ ପରିବାର ବାରାଣସୀର ମହାରାଜାଙ୍କୁ ମଧ୍ୟ ଅର୍ଥ ସାହାଯ୍ୟ ଦେବାକୁ ସକ୍ଷମ ହୋଇ ପାରିଥିଲେ ।

ସେଠ ଫତେଚାନ୍ଦଙ୍କ ନାତି ଗୋପାଳଚନ୍ଦ୍ର ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ବ୍ୟବସାୟୀ ଥିଲେ । ବ୍ୟବସାୟିକ ବିଚକ୍ଷଣତା ସହିତ କାବ୍ୟିକ କଳାର ସମନ୍ୱୟ ତାଙ୍କଠାରେ ଘଟିଥିଲା । ସେ 'ଗିରିଧର ଦାସ' ଛଦ୍ମ ନାମରେ ପ୍ରାୟ ୪୦ଟି କାବ୍ୟ ରଚନା କରି ଯାଇଛନ୍ତି । ପରିବାରର ସଭ୍ୟମାନେ ବୈଷ୍ଣବ ଭକ୍ତ ହୋଇଥିବାରୁ ତାଙ୍କର ଅଧିକାଂଶ ରଚନାରେ ବୈଷ୍ଣବ ସନ୍ଥ ମାନଙ୍କର ବାଣୀ ସ୍ଥାନ ପାଇଥିଲା । ପ୍ରତିଭା ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ସମ୍ପନ୍ନ ଗୋପାଳଚନ୍ଦ୍ର ବାରାଣସୀ ଭଳି ସହରରେ ପବିତ୍ର ପୀଠରେ ଖୁବ୍ ଖ୍ୟାତି ଲାଭ କରିଥିଲେ । ବ୍ରିଟିଶ ଶାସକମାନଙ୍କ ଆନୁକୂଲ୍ୟରେ ଆୟୋଜିତ ପୁଷ୍ପ-ପ୍ରଦର୍ଶନୀରେ ତାଙ୍କ ଉଦ୍ୟାନର ପୁଷ୍ପ ଗୁଡିକ ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହେଉଥିଲା । ଗଙ୍ଗା ନଦୀ ବକ୍ଷରେ ସୁନ୍ଦର ସଜ୍ଜିତ ନାବ ଉପରେ ସପ୍ତାହବ୍ୟାପି ଅନୁଷ୍ଠିତ ହେଉଥିବା 'ବୁଧ୍ୱ-ମଙ୍ଗଳ' (ଭାସମାନ) ବାର୍ଷିକ ମେଳାରେ ସହରର ନର୍ତ୍ତକୀ ମାନଙ୍କର ନୃତ୍ୟଗୀତ ଉପଭୋଗ ନିମନ୍ତେ

ବାଲେଶ୍ୱରର ସମଗ୍ର ଜନତା ଆଗ୍ରହରେ ଧରି ସେଠାକୁ ଯାଉଥିଲେ । ଏହି ଉତ୍ସବରେ ଗୋପାଳଚନ୍ଦ୍ରଙ୍କ ପରିବାର ଓତଃପ୍ରୋତ ଭାବରେ ସଂପୃକ୍ତ ଥିଲେ । ବାଲେଶ୍ୱରର ମହାରାଜା ଯେ କେବଳ ଏହି ଉତ୍ସବରେ ଉପସ୍ଥିତ ରହୁଥିଲେ ତା' ନୁହେଁ, ବରଂ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ବରଯାତ୍ରୀ ଦଳରେ ବରର ଭୂମିକା ଯାହା, ଏହି ବୁଧିମଙ୍ଗଳ ଉତ୍ସବରେ ସେଠ ଫତେଚାନ୍ଦଙ୍କ ପରିବାରରେ ମହତ୍ତ୍ୱ ମଧ୍ୟ ତାହା ବୋଲି ମହାରାଜା ଏକାଧିକବାର ସ୍ୱଚକ୍ଷୁରେ ଦେଖିଥିଲେ । ପ୍ରକୃତରେ ଏହା ସତ୍ୟ ହୋଇଥିବ କାରଣ ମେଳାରେ ଯୋଗଦାନ କରିବା ନିମନ୍ତେ ନିମନ୍ତ୍ରଣ ପତ୍ର ପାରମ୍ପରିକ ବିବାହ ନିମନ୍ତ୍ରଣ ଭଳି ଭଣ୍ଡାରୀ ନେଇ ଯାଉଥିଲା ଏବଂ ଅନୁରୋଧ କରି ଯାଉଥିଲା ଯେ ଉତ୍ସବରେ ଯୋଗଦାନକାରୀମାନେ ହାଲ୍କା ଲାଲରଙ୍ଗର ପଗଡ଼ି ଓ କମରବନ୍ଧ ପିନ୍ଧି ଏହି ଉତ୍ସବରେ ଯୋଗଦାନ କରିବେ । କୌଣସି ଅତିଥି ଯଦି ସେହି ରଙ୍ଗର ପଗଡ଼ି ଓ କମରବନ୍ଧ ପିନ୍ଧି ଆସିପାରୁ ନ ଥିଲେ, ନିମନ୍ତ୍ରଣକାରୀଙ୍କ (ଗୋପାଳଚନ୍ଦ୍ରଙ୍କ ପରିବାର) ପକ୍ଷରୁ ତାହା ମୁଫତରେ ଯୋଗାଇ ଦିଆ ଯାଉଥିଲା । ଏହା ନିଶ୍ଚିତ ଯେ ସେମାନେ ତାହା ଯୋଗାଇବାରେ ସକ୍ଷମ ଥିଲେ ।

ଲେଖକ ଓ କଳାକାରମାନଙ୍କ ନିମନ୍ତେ ମଧ୍ୟ ଗୋପାଳଚନ୍ଦ୍ରଙ୍କ ପରିବାର ପୃଷ୍ଠପୋଷକତା କରିଥିଲା । ଏଥିପାଇଁ ଯେ କୌଣସି କାରଣ ଯଥେଷ୍ଟ ଥିଲା । ଫଳତଃ ବନ୍ଧୁଲୋକଙ୍କୁ ନିମନ୍ତ୍ରଣ କରିବା ପାଇଁ ସୁବିଧା ସୁଯୋଗ ସୃଷ୍ଟି କରି ଯାଉଥିଲା । ବସନ୍ତ ଉତ୍ସବରେ ନିମନ୍ତ୍ରଣକାରୀ ଓ ନିମନ୍ତ୍ରିତ ସମସ୍ତେ ପୀତବସ୍ତ୍ର ପରିଧାନ କରୁଥିଲେ । ହୋଲି ଉତ୍ସବରେ ଉଚ୍ଛ୍ୱସିତ ଆନନ୍ଦ ଉଲ୍ଲାସରେ ରଙ୍ଗ ଖେଳା ଯାଉଥିଲା । ସେ ସମୟରେ ଲୋକେ ସୌଷ୍ଠବପୂର୍ଣ୍ଣ ଜୀବନ-ଯାପନ କରୁଥିଲେ । ଭାରତର ଜୀବନ ପ୍ରଣାଳୀ ମନ୍ଥର କିନ୍ତୁ ରମଣୀୟ ଭାବେ ଗତି କରୁଥିଲା । ବାଲେଶ୍ୱରର ଗୋପାଳଚନ୍ଦ୍ରଙ୍କ ଭଳି ଧନୀ ଓ ସୁସଂସ୍କୃତ ପରିବାର ଆଦର୍ଶ ସାମାଜିକ ଆଚାର ବ୍ୟବହାରର ନମୁନା ଦର୍ଶାଉଥିଲେ ।

ଗୋପାଳଚନ୍ଦ୍ର 'ଗିରିଧର ଦାସ'ଙ୍କର ଦୁଇ ପୁତ୍ର—୧୮୫୦ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସରେ ହରିଶ୍ଚନ୍ଦ୍ର, ଏବଂ ତା'ର ପନ୍ଦର ମାସ ପରେ ଗୋକୁଳଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ଗୋକୁଳଚଂଦ୍ର ପରବର୍ତ୍ତୀ କାଳରେ ପରିବାରର ପାରମ୍ପରିକ ବ୍ୟବସାୟ ଚଳାଇଲେ । କିନ୍ତୁ ହରିଶ୍ଚଂଦ୍ର ତାଙ୍କର ଅସାଧାରଣ ସୃଜନୀ ଶକ୍ତିର

ପରିଷ୍କରଣ ମାଧ୍ୟମରେ ହିନ୍ଦୀ ଭାଷା ଓ ସାହିତ୍ୟକୁ ନୂତନ ପ୍ରେରଣା ଓ ନୂତନ ଦିଗ୍‌ଦର୍ଶନ ଦେବାକୁ ଚାହିଁଥିଲେ ।

ହରିଶ୍ଚନ୍ଦ୍ରଙ୍କ ଜନ୍ମ ବର୍ଷ, ଅର୍ଥାତ୍ ୧୮୫୦ ବେଳେ, ବସବାସ କରିବା ନିମନ୍ତେ ବାରାଣସୀ ନିଶ୍ଚୟ ଗୋଟିଏ ମନୋରମ ସ୍ଥାନ ହୋଇଥିବ । ହିନ୍ଦୁମାନଙ୍କର ମୁଖ୍ୟ ତୀର୍ଥସ୍ଥାନ ହୋଇଥିବାରୁ ଭାରତବର୍ଷର ସମସ୍ତ ସ୍ଥାନରୁ ଏହି ସ୍ଥାନଟି କେବଳ ମୁକ୍ତିକାମୀ ଧର୍ମନିଷ୍ଠ ଭକ୍ତମାନଙ୍କୁ ନୁହେଁ, ସେଠାରେ ଗ୍ରାହକ ଯୋଗାଡ଼ ସୁବିଧା ଦୃଷ୍ଟିରୁ ବେପାରୀମାନଙ୍କୁ, ପ୍ରବଞ୍ଚକ, ଠକ ଓ ଅଳ୍ପ ଚାକିରିଆ ମାନଙ୍କୁ ମଧ୍ୟ ଆକୃଷ୍ଟ କରୁଥିଲା । କ୍ଷୟ ସମ୍ରାଟ ଦିଲ୍ଲୀର ମୋଗଲ, ଏବଂ ଅଯୋଧ୍ୟା ଓ ଲକ୍ଷ୍ନୌର ନବାବମାନଙ୍କ ଦରବାରର ଅନୁଗ୍ରହ-ବଞ୍ଚିତ, ବିଚ୍ଛିନ୍ନ ଗୌରବ ଅଭିଜାତ, ଓ ପଦଭ୍ରଷ୍ଟ ବ୍ୟକ୍ତିମାନେ ମଧ୍ୟ ବାରାଣସୀକୁ ବହୁ ସଂଖ୍ୟାରେ ଆସୁଥିଲେ । ଏହି ନଗରୀଟି ପ୍ରତିଭାସମ୍ପନ୍ନ କଳାକାର ମାନଙ୍କୁ ଓ ବାଦବିଦ୍ୟା ଓ ପୌରୋହିତ୍ୟରେ ପ୍ରସିଦ୍ଧି ଲାଭ କରିଥିବା ପଣ୍ଡିତମାନଙ୍କୁ ମଧ୍ୟ ସାହାଯ୍ୟ ପ୍ରଦାନ କରୁଥିଲା । ସ୍ୱଗୁଣରେ କଳାର ବଡ଼ ପୃଷ୍ଠପୋଷକ ବାରାଣସୀର ମହାରାଜା କେବଳ ନୁହନ୍ତି, ନଗରର କେତେକ ଧନୀ ଅଭିଜାତ ପରିବାର ମଧ୍ୟ କବି, ସଙ୍ଗୀତଜ୍ଞ, ନର୍ତ୍ତକୀ ବା ବେଶ୍ୟାମାନଙ୍କ ଭଳି କଳାକାରମାନଙ୍କର ପୃଷ୍ଠପୋଷକତା କରୁଥିଲେ । ଅଳ୍ପ କେତେ ବର୍ଷ ମାତ୍ର ପୂର୍ବରେ ପ୍ରତିଷ୍ଠିତ କଲିକତାରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବ୍ରାହ୍ମ-ସମାଜ ବଙ୍ଗର ଜଗତରେ କେତେକ ଆନ୍ଦୋଳନ ସୃଷ୍ଟି କରି ଭାରତର ନଗରମାନଙ୍କରେ ସନାତନ ପନ୍ଥର ଜୀବନଧାରା ଓ ନୈତିକତାରେ ଧୀରେ ଧୀରେ ପରିବର୍ତ୍ତନ ଆଣିଥିଲା । କିନ୍ତୁ ବାରାଣସୀର ଜୀବନ ଏହି ପରିବର୍ତ୍ତନ ଗୁଡ଼ିକ ପ୍ରତି ପ୍ରାୟତଃ ସଚେତନ ନ ଥିଲା ।

୧୮୪୮ରେ ଲର୍ଡ ଡ଼ାଲହୌସୀର ଆଗମନ ଗୋଟିଏ ଯୁଗର ସମାପ୍ତି ଘୋଷଣା କରିଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପଞ୍ଜାବ ସବୁଠାରୁ ଶେଷରେ ଅଧିକୃତ ହେବା ଦ୍ୱାରା, ବ୍ରିଟିଶ ଭାରତୀୟ ସାମ୍ରାଜ୍ୟର ବିଜୟ କାର୍ଯ୍ୟ ଯେପରି ସମାପ୍ତ ହେଲା । କଲିକତା ଠାରୁ ଆଗ୍ରା ପର୍ଯ୍ୟନ୍ତ ଏକ ଟେଲିଗ୍ରାଫ ଲାଇନ୍ ଟଣା ଯାଇଥିଲା । ପ୍ରଥମ ରେଳଧାରଣା ଓ କଲିକତା ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ରାସ୍ତାଟି ନୂତନଭାବେ

ଉଦ୍‌ଘାଟିତ ହେଲା । ନଦୀରେ ମଧ୍ୟ ନୌଯାନ ଆରମ୍ଭ ହେଲା । ବମ୍ବେ, ମାଂଦ୍ରାଜ ଓ କଲିକତା ଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ପ୍ରାୟତଃ ନିଶ୍ଚିତ ହୋଇ ଯାଇଥିଲା । ହିନ୍ଦୁ-ବିଧବା-ପୁନର୍ବିବାହ ଆଇନ ପ୍ରଣୀତ ହେଲା । ଆକ୍ରମଣାତ୍ମକ ଶୈଳୀରେ ଲୋକଙ୍କର ପାଶ୍ଚାତ୍ୟକରଣ ପ୍ରକ୍ରିୟା ଚାଲିଲା ।

ପ୍ରତ୍ୟେକେ ଏଥିରେ ପ୍ରଭାବିତ ହେଲେ । ଏପରିକି ଗୋପାଳଚଂଦ୍ର ମଧ୍ୟ । ପରବର୍ତ୍ତୀ କାଳରେ ତାଙ୍କ ପୁତ୍ର ହରିଶ୍ଚଂଦ୍ର ଲେଖିଥିଲେ—"ଯଦିଓ ମୋର ପିତା ଇଂରାଜୀ ଶିକ୍ଷା ପାଇ ନ ଥିଲେ, ତଥାପି ସେ ସ୍ପଷ୍ଟ ଭାବେ ବର୍ତ୍ତମାନର ବିକାଶକୁ ଦେଖି ପାରୁଥିଲେ । ବୈଷ୍ଣବ ଜୀବନ ପଦ୍ଧତିରେ ତାଙ୍କର ବିଶ୍ୱାସ ଥିଲା ଓ ଅତୀବ ଧାର୍ମିକ ଥିଲେ ମଧ୍ୟ ସେ ସଂସ୍କାରବାଦୀ ଥିଲେ ଓ ମୂର୍ତ୍ତିପୂଜା ଏବଂ ଉପବାସ ପାଳନ ପରିତ୍ୟାଗ କରିଥିଲେ । ଯେତେବେଳେ ବାରଣସୀରେ ଲେଫ୍‌ଟନାଣ୍ଟ ଗଭର୍ନର ଥମ୍ପସନଙ୍କ ଶାସନ କାଳରେ ପ୍ରଥମ ବାଳିକା ବିଦ୍ୟାଳୟ ଖୋଲାହେଲା, ମୋର ଭଉଣୀଙ୍କୁ ବାପା ସେହି ବିଦ୍ୟାଳୟରେ ଭର୍ତ୍ତି କରାଇଥିଲେ । ସେ ସମୟରେ ଏହା ଥିଲା ଏକ ସାହସିକ ପଦକ୍ଷେପ । କାରଣ ଅନେକେ ଏହାର କଟୁ ସମାଲୋଚନା କରୁଥିଲେ । ତଥାପି ବାପା ଆମକୁ ସମସ୍ତ ଶିକ୍ଷା ଇଂରାଜୀରେ ଦିଆଇଥିଲେ ।"

ଗୋପାଳଚଂଦ୍ରଙ୍କ ପରିବାର ବ୍ରିଟିଶ ସରକାରଙ୍କ ପ୍ରତି ଏତେ ଅନୁଗତ ଥିଲେ ଯେ ୧୮୫୭ରେ ଯେତେବେଳେ ବ୍ରିଟିଶ ଶାସନ ଅସୁବିଧାର ସମ୍ମୁଖୀନ ହେଲା, ବାରଣସୀର ବ୍ରିଟିଶ ଏଜେଣ୍ଟ ସମସ୍ତ ମୂଲ୍ୟବାନ ପଦାର୍ଥ ଗୁଡ଼ିକୁ ସୁରକ୍ଷା ଦୃଷ୍ଟିରୁ ଗୋପାଳଚଂଦ୍ରଙ୍କ ଗୃହକୁ ପ୍ରେରଣ କରିଥିଲେ । ଗୋପାଳଚଂଦ୍ରଙ୍କ ପରିବାରକୁ ବ୍ରିଟିଶ ଅଧିକାରୀମାନଙ୍କ ବ୍ୟକ୍ତିଗତ ସୁରକ୍ଷା ଦୃଷ୍ଟିରୁ ୪୮ଟି ବନ୍ଧୁକ ରଖିବା ନିମନ୍ତେ ଅନୁମତି ଦିଆ ଯାଇଥିଲା । ଅତଏବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ଗୋପାଳଚଂଦ୍ରଙ୍କ ପରିବାର ସମାନଭାବରେ ବ୍ରିଟିଶମାନଙ୍କର ଓ ବାରଣସୀର ମହାରାଜାଙ୍କ ପ୍ରିୟ ଥିଲା ।

—o—

୧୮୫୭ ସ୍ୱାଧୀନତା ସଂଗ୍ରାମର ୭ ବର୍ଷ ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ହରିଶ୍ଚନ୍ଦ୍ରଙ୍କର ଆଶୁ-ବିକାଶ ଘଟି ଥିଲା । ସେ ଅତି ଚପଳ ଥିଲେ ଓ ସାଙ୍ଗ ପଡ଼ିଶା ଘରେ ଉତ୍ପାତ କରୁଥିଲେ । ଫଳଫୁଲରସ ଦ୍ୱାରା ଘର କାନ୍ଥରେ ଭୂତ ଚିତ୍ର କରି, ସେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଭୟଭୀତ କରାଉଥିଲେ ।

ସେ ସମୟର ଧନୀ ପରିବାର ଗୁଡ଼ିକର ବ୍ୟବସ୍ଥାନୁଯାୟୀ, ହରିଶ୍ଚନ୍ଦ୍ରଙ୍କୁ ଉର୍ଦ୍ଦୁ ଓ ଫାରସୀ ପଢା ଯାଉଥିବା ବିଦ୍ୟାଳୟରେ ଭର୍ତ୍ତି କରାଗଲା । ତାଙ୍କୁ ଇଂରାଜୀ ପଢାଇବାର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ହେଲା । ଇଂରାଜୀର ତାଙ୍କ ଶିକ୍ଷକମାନଙ୍କ ମଧ୍ୟରେ ଥିଲେ ରାଜା ଶିବ ପ୍ରସାଦ 'ସିତାରେ-ଇ-ହିନ୍ଦ' ଓ ନନ୍ଦ କିଶୋର ମିଶ୍ର କି ପରବର୍ତ୍ତୀ କାଳରେ ଇଂଲଣ୍ଡରେ ଦେହ ତ୍ୟାଗ କଲେ । ଏହି ଦିଗରୁ ବିଚାର କଲେ ଜଣାଯାଏ ଯେ, ବାଳକ ହରିଶ୍ଚନ୍ଦ୍ରଙ୍କର ଧୀ-ଶକ୍ତି ଅତି ଅସାଧାରଣ ଥିଲା ।

ହରିଶ୍ଚନ୍ଦ୍ର ନିଜ ପିତାଙ୍କ ସାହିତ୍ୟିକ ପ୍ରତିଭାର ମଧ୍ୟ ଅଧିକାରୀ ହୋଇଥିଲେ ଓ କେବଳ ଯେ ବ୍ରଜଭାଷା କାବ୍ୟ କବିତା ବ୍ୟାଖ୍ୟା କରି ପାରୁଥିଲେ ତାହା ନୁହେଁ, ନିଜେ ମଧ୍ୟ ସେଥିରେ ପଦ୍ୟ ରଚନା କରି ପାରୁଥିଲେ । ଅଧିକନ୍ତୁ ସେ ରସ ଉପରେ ନିଜର ସ୍ୱତନ୍ତ୍ର ଏକ ରସ ନିଷ୍ପତ୍ତି ମଧ୍ୟ ପ୍ରସ୍ତୁତ କରିଥିଲେ ଯାହା ସେ ସମୟର ରସ ବିଶାରଦମାନଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଥିଲା ।

ସେ ସମୟରେ ଲୋକେ ଅଳ୍ପ ବୟସରେ ବିବାହ କରୁଥିଲେ । ସେମାନେ ଶୀଘ୍ର ମୃତ୍ୟୁବରଣ ମଧ୍ୟ କରୁଥିଲେ । ହରିଶ୍ଚନ୍ଦ୍ରଙ୍କର ପୂର୍ବ ପୁରୁଷଗଣ ଦଶ ବାର ବର୍ଷ ବୟସରେ ବିବାହ କରିଥିଲେ । ଗୋପାଳଚନ୍ଦ୍ରଙ୍କ ଭାଗ୍ୟରେ ମଧ୍ୟ ତାହା ଘଟିଥିଲା, ଏବଂ ତାଙ୍କ ପ୍ରଥମ ପତ୍ନୀ (ହରିଶ୍ଚନ୍ଦ୍ରଙ୍କ ମା) ଙ୍କର ମୃତ୍ୟୁ ଶୀଘ୍ର ହେଲା । ଏହିଭଳି ଘଟଣା ସେ ସମୟରେ ପ୍ରାୟ ଘଟୁ ଥିଲା । ସେତେବେଳେ ହରିଶ୍ଚନ୍ଦ୍ରଙ୍କୁ ୫ ବର୍ଷ ଏବଂ ଗୋକୁଳଚନ୍ଦ୍ରଙ୍କୁ ସାଢେ ତିନି ବର୍ଷ ହୋଇଥିଲା ।

ଗୋପାଳ ଚନ୍ଦ୍ର ଦ୍ୱିତୀୟଥର ବିବାହ କଲେ । ଏହାର ଅବ୍ୟବହିତ ପରେ ସେ ତାଙ୍କର ବୁଢ଼ୀପୁଅଙ୍କ ନିମନ୍ତେ ଆଡମ୍ବର ସହକାରେ ବ୍ରତ ଘରର ଆୟୋଜନ କଲେ । ଦୁର୍ଭାଗ୍ୟର କଥା ଯେ, ୨୭ ବର୍ଷ ବୟସ୍କ ଭଙ୍ଗ ନିଶାଖୋର ଗୋପାଳଚନ୍ଦ୍ର, ଅତ୍ୟଧିକ ମାତ୍ରାରେ ଭଙ୍ଗ ଖାଇଦେଇଥିବାରୁ, ଉତ୍ସବର ପ୍ରାୟ ମଝିରେ ହିଁ ପ୍ରାଣତ୍ୟାଗ କରିଥିଲେ । ହରିଶ୍ଚନ୍ଦ୍ର କହିଛନ୍ତି :

"ମୁଁ ମୋର ମାନସଚକ୍ଷୁରେ ଏବେ ମଧ୍ୟ ମୋ ପିତାଙ୍କ ଆକୃତି ଦେଖି ପାରୁଛି— ମସ୍ତକରେ ତିଳକ, ଶ୍ୱେତକାୟ ଅଙ୍ଗରେ ଗୋଟିଏ ବଡ଼ ତକିଆକୁ ଆଉଜି ବସିଛନ୍ତି, ମୁଖ ମଣ୍ଡଳ ଏକ ସ୍ୱର୍ଗୀୟ ଶୋଭାରେ ଉଦ୍ଭାସିତ ହୋଇ ଉଠିଛି । ସେ ଠିକ୍ ଏ ହେଲେ ଅସୁସ୍ଥ ଜଣା ପଡ଼ୁ ନଥିଲେ......ମୋତେ ଓ ମୋ ଭଉଣୀକୁ ଏକ ସଙ୍ଗରେ ଦେଖି ହସୋତ୍ ସେ କହି ଉଠିଲେ—'ଝିଅ ଟିକେ ନେ ବାଟ ମୋଡ଼ି ଦ ଯିବି, ଅଚ୍ଛା ଅବ୍ ଚଲେ ଯାଓ' ।"

ବାଳକ ଗୁଡ଼ିକ ଅତି ଛୋଟ ଥିଲେ । ଅତଏବ ପରିବାରର ସମସ୍ତ ବ୍ୟାପାରର ଦେଖାଶୁଣା ଦାୟିତ୍ୱ ଜଣେ ବୟସ୍କ ସମ୍ପର୍କୀୟ ବହନ କରିଥିଲେ ।

କିନ୍ତୁ ସେ ବାଳକର ରୂପେ ହରିଶ୍ଚନ୍ଦ୍ର ଅସ୍ଥିର ହୋଇ ପଡ଼ିଲେ । ଗୋଟାଏ ଶୃଙ୍ଖଳିତ ଜୀବନ-ଯାପନକୁ ଖାତିର କରିବା ଭଳି ପିଲା ସେ ନଥିଲେ । ଗୋପାଳଚନ୍ଦ୍ରଙ୍କ ମୃତ୍ୟୁ ପରେ ସେ ଏକ ପ୍ରକାର ଲଗାମ୍ ଛଡ଼ା ହୋଇ ଯାଇଥିଲେ । ବିମାତା ଓ ଅନ୍ୟମାନେ ତାଙ୍କ ପ୍ରତି କୁଚିନ୍ତ୍ ସ୍ନେହ ଦେଖାଉଥିଲେ । ତାଙ୍କର ଅମିତବ୍ୟୟିତାକୁ ସମସ୍ତେ ନାପସନ୍ଦ କଲେ । ବସ୍ତୁତଃ ପାରମ୍ପରିକ ବିମାତା ଭଳି ହରିଶ୍ଚନ୍ଦ୍ରଙ୍କର ସାମାନ୍ୟ ଆବଶ୍ୟକତା ଟିକିକ ପ୍ରତି ମଧ୍ୟ ତାଙ୍କର ବ୍ୟୟକୁଣ୍ଠ ବିମାତା ଧ୍ୟାନ ଦେଉ ନଥିଲେ, ଏପରି କି ଉତ୍ସବ ଯାହା ଭଳି ଉତ୍ସବମାନଙ୍କରେ ମଧ୍ୟ । ତେଣୁ ହରିଶ୍ଚନ୍ଦ୍ର ଧାର କରଜ ନେଇ ଖର୍ଚ୍ଚ କରିବା ଆରମ୍ଭ କରିଦେଲେ । ଯାହା ଫଳରେ କିଛି ଦିନ ପରେ ତାଙ୍କୁ ଅସମ୍ଭବ ପରିମାଣର ଅର୍ଥ ପରିଶୋଧ କରିବାକୁ ପଡ଼ିଥିଲା । ସେ ଯେ କଷ୍ଟ ଅନୁଭବ କରୁଥିଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଏଗାର ବର୍ଷ ବୟସରେ ତାଙ୍କୁ ବିବାହ କରିବାକୁ ବାଧ୍ୟ କରାଇବା ଦ୍ୱାରା ହରିଶ୍ଚନ୍ଦ୍ରଙ୍କର କଷ୍ଟ ଆହୁରି ବଢ଼ିଗଲା । ଏହି ବିବାହ ଅଳ୍ପ ବୟସରେ ହେଲା ସତ, କିନ୍ତୁ ତାଙ୍କ ପିତା, ପିତାମହ, ପ୍ରପିତାମହ ମଧ୍ୟ ଅଳ୍ପ ବୟସରେ ବିବାହ କରିଥିଲେ ।

ହରିଶ୍ଚନ୍ଦ୍ର ହଠାତ୍ ପାଠ ଛାଡ଼ିଦେଲେ । ସେ ଯାହା ହେଉନା କାହିଁକି ତାଙ୍କର ବିବାହ ତାଙ୍କ ନିମନ୍ତେ ନୂତନ ଦାୟିତ୍ୱବୋଧ ଏବଂ ନୂତନ ସୁଯୋଗମାନ ସୃଷ୍ଟି କରିଥିଲା ।

ଏହାର ଠିକ ପରେ-ପରେ ସେ ଜଗନ୍ନାଥଧାମ ପୁରୀକୁ ତୀର୍ଥଯାତ୍ରାରେ ବାହାରି ପଡ଼ିଲେ । ଏହି ଯାତ୍ରା ତାଙ୍କ ନିମନ୍ତେ ନୂତନ ମାର୍ଗ ଖୋଲି ଦେଲା । ଏହା ଦ୍ୱାରା ତାଙ୍କର ଭ୍ରମଣ ଇଚ୍ଛା ବୃଦ୍ଧି ପାଇଲା ଏବଂ ପରବର୍ତ୍ତୀ କାଳରେ ସେ ପ୍ରବଳ ଢଙ୍ଗରେ ଭ୍ରମଣ କଲେ ।

ଏହାର ଅଳ୍ପ କିଛି ଦିନ ପରେ ସେ ପୁଣି ଶିକ୍ଷାର ମହତ୍ତ୍ୱ ଅନୁଭବ କଲେ । ଏହି ଅନୁଭୂତି ଏତେ ଗଭୀର ଥିଲା ଯେ, ସେ ନିଜ ଘରେ ଗରିବମାନଙ୍କ ନିମନ୍ତେ ଏକ ବିଦ୍ୟାଳୟ ସ୍ଥାପନ କଲେ । ଯେଉଁ ପିଲାମାନେ ଏଠାରେ ଅଧ୍ୟୟନ କରୁଥିଲେ, ସେମାନଙ୍କୁ ମାଗଣାରେ ପୁସ୍ତକ ଏବଂ ପାଠ୍ୟ ସାମଗ୍ରୀ ଯୋଗାଇ ଦିଆ ଯାଉଥିଲା । କହିବା ବାହୁଲ୍ୟ ଯେ ଛାତ୍ରମାନଙ୍କୁ କୌଣସି ଦରମା ଦେବାକୁ ପଡ଼ୁ ନ ଥିଲା ।

—o—

# ୪

ହରିଶ୍ଚନ୍ଦ୍ର ନିଜ ପରିବାରର ପରମ୍ପରା ଠାରୁ ଅଧିକ ପରିମାଣରେ ବର୍ଦ୍ଧନ କରିବା ଦ୍ୱାରା ଫଳ ଏହା ହେଲା ଯେ, ସେ ଅଯଥା ଖର୍ଚ୍ଚ କରିବା ପାଇଁ ଆଉ ଟିକିଏ ଅଧିକ ସ୍ୱାଧୀନତା ପାଇଲେ ଏବଂ ଦେଖାଗଲା ଯେ ସେ କିଛି ନ ଭାବି ନ ଚିନ୍ତି ଅର୍ଥ ବ୍ୟୟ କରି ଚାଲିଛନ୍ତି ।

ଅତର କେତେକ ଉତ୍କୃଷ୍ଟ ରୁଚି ଚରିତାର୍ଥ କରିବା ଦିଗରେ ସେ ମୁକ୍ତ ହସ୍ତରେ ଖର୍ଚ୍ଚ କରୁଥିଲେ । ଅତର, ରୁଚିବୈଚିତ୍ର୍ୟପୂର୍ଣ୍ଣ ପୋଷାକ-ପତ୍ର ଓ ଦାମିକା ରେଶମୀ ଲୁଗା ତାଙ୍କର ଅତି ପ୍ରିୟ ଥିଲା । ଆଗରୁ କୁହାଯାଇଛି ଯେ ଅତର ବିକାଳିମାନେ ମୋଗଲ ଦରବାର ଏବଂ ଅଯୋଧ୍ୟା ଓ ଲକ୍ଷ୍ନୌର ନବାବମାନଙ୍କ ଦରବାରର ପୃଷ୍ଠପୋଷକତା ଲାଭ କରି ନ ପାରି ହରିଶ୍ଚନ୍ଦ୍ରଙ୍କ ଭଳି ବ୍ୟକ୍ତିଙ୍କ ନିକଟକୁ ଆସୁଥିଲେ ଏବଂ ସେମାନେ କଦାପି ତାଙ୍କ ଗୃହରୁ ରିକ୍ତ ହସ୍ତରେ ଫେରୁ ନ ଥିଲେ । ସମସାମୟିକ ବିବରଣୀରୁ ଜଣାଯାଏ ଯେ ସେ ଏତେ ପରିମାଣରେ ଅତର କିଣୁଥିଲେ ଯେ ତା'ର ସଦୁପଯୋଗ ହୋଇ ପାରୁ ନ ଥିଲା । ତାଙ୍କର ପାନ ଖାଇବା ନିମନ୍ତେ ଏକ ବିଶେଷ ପ୍ରକାର ଅତରର ଆବଶ୍ୟକତା ଅତ୍ୟଧିକ ଥିଲା କାରଣ ଏକ ହିସାବରୁ ଜଣାଯାଏ ଯେ ସେ ଦୈନିକ ଏକାଧିକ ଶହ ପାନ ଖାଉଥିଲେ । ଯେଉଁମାନେ ତାଙ୍କ ସମ୍ପର୍କରେ ଆସୁଥିଲେ, ସେମାନେ କହନ୍ତି ଯେ, ଯେଉଁ ଅତର ସେ ଆଘ୍ରାଣ କରୁଥିଲେ, ସେଥିରୁ ଶିଳ୍ପ ସତ୍ତ୍ୱା ବିଶୋଧିତ ଅତର ଭଳି ଉତ୍କୃଷ୍ଟ ବାସ୍ନା ବାହାରୁଥିଲା । ସେ ରାଜକୁମାର ଭଳି ବସ୍ତ୍ର ପରିଧାନ କରୁଥିଲେ ଓ ଅତର ବିକାଳି ବା ରେଶମ ବିକାଳି ବା କଳା ସାଧକ ଯିଏ ହୁଅନ୍ତୁ ନା କାହିଁକି ସେମାନେ ଯଦି ତାଙ୍କର ରୁଚି ପ୍ରିୟତାରେ ସାହାଯ୍ୟ କରୁଥିଲେ ତେବେ ସେ ସେମାନଙ୍କର ପୃଷ୍ଠ ପୋଷକତା କରୁଥିଲେ ।

ବହୁ ସ୍ଥାନରୁ ଲୋକେ ଆସି ଦୁର୍ଲ୍ଲଭ ଚିଜ ଓ ଆଲବମ୍, ପୁରୁଣା ବହି ଓ ପାଣ୍ଡୁଲିପି ଆଣି ତାଙ୍କୁ ବିକ୍ରୟ କରୁଥିଲେ । ଏହା ଦ୍ୱାରା ହରିଶ୍ଚନ୍ଦ୍ରଙ୍କ ପିତା

ପୁଅମାନଙ୍କୁ ଦାନ କରି ଯାଇଥିବା ମୂଲ୍ୟବାନ ପୁସ୍ତକାଳୟର ବିକାଶ ସାଧନ ହୋଇ ପାରିଥିଲା । ହରିଶ୍ଚନ୍ଦ୍ର ଏହି ପଦାର୍ଥ ଗୁଡ଼ିକୁ ପାଇବା ପାଇଁ ଯଥେଷ୍ଟ ଅର୍ଥ ପ୍ରଦାନ କରୁଥିଲେ । ତାଙ୍କ ଅମିତବ୍ୟୟିତାର ଏକମାତ୍ର କାରଣ ଥିଲା ପ୍ରାଚୀନ ପରମ୍ପରା ନିମନ୍ତେ ସମ୍ମାନ ପ୍ରଦର୍ଶନ ଓ କଳାର ସମ୍ବର୍ଦ୍ଧକ ଓ ପୃଷ୍ଠପୋଷକ ଭାବେ ପରିବାରର ଖ୍ୟାତି । ବାରାଣସୀକୁ ଭାରତୀୟ ବା ବିଦେଶୀ ଯେତେ ଯେତେ ପ୍ରମୁଖ ଯାତ୍ରୀ ଆସୁଥିଲେ, ସେମାନେ ନିଶ୍ଚିତ ରୂପେ ହରିଶ୍ଚନ୍ଦ୍ରଙ୍କୁ ଭେଟୁଥିଲେ ଏବଂ ପରିବାରର ସାମାଜିକ ମର୍ଯ୍ୟାଦା ଦୃଷ୍ଟିରୁ, ସେମାନଙ୍କର ଆଡ଼ମ୍ବରପୂର୍ଣ୍ଣ ଅତିଥି ସତ୍କାର ମଧ୍ୟ କରାଯାଉଥିଲା ।

ଯେ କୌଣସି ନୂତନ ବସ୍ତୁ ତାଙ୍କର କୌତୂହଳ ସୃଷ୍ଟି କରୁଥିଲା । ହାତ ଘଣ୍ଟା ତାଙ୍କର ଅତି ପ୍ରିୟ ବସ୍ତୁ ଥିଲା ଏବଂ ସେ ଘଡ଼ିକୁ ମୋଟା ଦରରେ କ୍ରୟ କରି ନିଜର ବନ୍ଧୁ ଓ ଆଶ୍ରିତ ବ୍ୟକ୍ତିଙ୍କୁ ଦାନ କରି ଦେଉଥିଲେ । ଭାରତରେ ସେ ସମୟରେ ଫଟୋଚିତ୍ର ଉଠାଇବା ନୂଆ କରି ଆରମ୍ଭ ହୋଇଥିବା ଦୃଷ୍ଟିରୁ ହରିଶ୍ଚନ୍ଦ୍ର ସେଥିପ୍ରତି ବିଶେଷ ଭାବେ ଆକୃଷ୍ଟ ହୋଇଥିଲେ ଏବଂ ବହୁ ଫଟୋ ଗ୍ରାଫରଙ୍କୁ ସ୍ୱତନ୍ତ୍ର ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ସାହାଯ୍ୟ କରିଥିଲେ । ସେହି ସମୟରେ ହୋମିଓପାଥି ଚିକିତ୍ସା ବିଜ୍ଞାନ ମଧ୍ୟ ନୂଆ-ନୂଆ ଆରମ୍ଭ ହୋଇଥିଲା । ହରିଶ୍ଚନ୍ଦ୍ର ସେଥିପ୍ରତି ଆଗ୍ରହୀ ହୋଇ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ଖୋଲିଲେ ଏବଂ ପ୍ରତି-ମାସରେ ୧୨୦ ଟଙ୍କା ସେଥି ନିମନ୍ତେ ଖର୍ଚ୍ଚ କରୁଥିଲେ ।

ବାରାଣସୀକୁ ଠିକ୍ ସେହିକ ବେଳେ ପ୍ରଥମକରି ଲିଥୋ ଛାପାଯନ୍ତ୍ର ଆସିଲା ଏବଂ ହରିଶ୍ଚନ୍ଦ୍ର ନିଜ ପିତାଙ୍କ ରଚିତ ପାଣ୍ଡୁଲିପି ଗୁଡ଼ିକ ଲିଥୋ ଛାପାରେ ପ୍ରକାଶ-କଲେ । 'ସୁନ୍ଦରୀ ତିଲକ' ନାମ ଦେଇ ପ୍ରସିଦ୍ଧ କବିମାନଙ୍କର ଏକ କବିତା ସଂଗ୍ରହ ମଧ୍ୟ ସେ ପ୍ରକାଶ କଲେ । ଛାପାଖାନା ମଧ୍ୟ ସେ ସମୟରେ ବାରାଣସୀ ନିମନ୍ତେ ଏକ ନୂତନ ବସ୍ତୁ ଥିଲା । ସେ ସେଥିରେ ପ୍ରଭାବିତ ହୋଇ, ମିତ୍ରମାନଙ୍କୁ ଛାପାଖାନା ସ୍ଥାପନ ନିମନ୍ତେ ଅର୍ଥଦାନ କରିଥିଲେ । ସେ ସମୟରେ ଯେ କୌଣସି ନୂତନ ପ୍ରଚେଷ୍ଟା ତାଙ୍କର ପୃଷ୍ଠପୋଷକତା ଲାଭ କରୁଥିଲା—ତାହା ଘେକୋଣ ନିର୍ମାଣ ହେଉ ବା ମଲ୍ଲଯୁଦ୍ଧ ବା ଯାଦୁବିଦ୍ୟା ପ୍ରଦର୍ଶନର ବ୍ୟବସ୍ଥା ହେଉ । କୌଣସି ଅସହାୟ ତା

ଅଭାବଗ୍ରସ୍ତ ବ୍ୟକ୍ତି ଆସି ଯଦି ତା ଦୁଃଖ ଜଣାଉଥିଲା, ତେବେ ସେ ତାଙ୍କ ନିକଟରେ ଥିବା ଯେତେ ମୂଲ୍ୟବାନ ପଦାର୍ଥ ହେଲେ ମଧ୍ୟ ତାକୁ ଖୁସିରେ ଦାନ କରି ଦେଉଥିଲେ । ଏପରି କି ତାହା ସୁନା ମୁଦି କିମ୍ବା ହୀରାର ଯେ କୌଣସି ଜିନିଷ ହୋଇଥାଉ । ଶୀତ ପ୍ରକୋପରେ ଥରୁଥିବା ଏକ ଭିକ୍ଷୁକକୁ ସେ ଥରେ ନିଜର ଦାମୀ ଶାଲଟିକୁ ମଧ୍ୟ ଦାନ କରି ଦେଇ ଥିଲେ । କୌଣସି ଅଭାବଗ୍ରସ୍ତ ବ୍ରାହ୍ମଣଙ୍କୁ ସେ ନିଜର ହୀରା ମୁଦିଟିକୁ ମଧ୍ୟ ଦେଇଥିଲେ । ହରିଶ୍ଚନ୍ଦ୍ରଙ୍କ ସୁନା ବାକ୍ସଟି ପ୍ରତି ଏକଦା କୌଣସି ଏକ ବାଳକ ଆକୃଷ୍ଟ ହୋଇ ପଡିବାରୁ, ପରେ-ପରେ ତାର ପିତା ସେହି ବାକ୍ସଟି ଉପହାର ସ୍ୱରୂପ ପାଇଥିଲେ ।

ପ୍ରଚୁର ଅର୍ଥର ଅଧିକାଂଶ ଏହି ସୁଦର୍ଶନ ଯୁବକଟିକୁ ସ୍ୱଭାବତଃ ବହୁ ଆଶ୍ରିତ, ଚାଟୁକାର ଓ ତାର ଯୌନ-ଲାଳସା ପରିତୃପ୍ତିରେ ସାହାଯ୍ୟ କରୁଥିବା ଲୋକମାନେ ସବୁବେଳେ ଘେରି ରହିଥିଲେ ଏବଂ ହିତାକାଙ୍କ୍ଷୀଙ୍କର ମୁଣ୍ଡ ପିଟି ତାର ଦୁର୍ବଳତାକୁ ଖୋରାକ ଯୋଗାଉଥିଲେ ।

ହିନ୍ଦୀର ସମ୍ଭବତଃ ପ୍ରଥମ ଆତ୍ମଚରିତ ମୂଳକ ପ୍ରବନ୍ଧରେ, ହରିଶ୍ଚନ୍ଦ୍ର ଯୁବ କଳାକାର ରୂପେ ନିଜର ଆତ୍ମ ଚରିତ ବର୍ଣ୍ଣନା କଲାବେଳେ କେବଳ ଯେ ତାଙ୍କୁ ଘେରି ରହିଥିବା ଲୋକମାନଙ୍କର ମଜା-ମଜା ବର୍ଣ୍ଣନା ଦେଇଥିଲେ ତା ନୁହେଁ, ତାଙ୍କ ବେଳର ସମାଜର ଆଭାସ ମଧ୍ୟ ଦେଇଥିଲେ—

"ମୁଁ ଝରକା ନିକଟରେ ବସି ବସନ୍ତ ଓ ମଳୟ ପବନର ପ୍ରଶଂସା କରୁଥାଏ । ସନ୍ଧ୍ୟା ଆସି ଯାଇଥାଏ । ଗୋଟିଏ ପଟେ ସୂର୍ଯ୍ୟ ଏବଂ ଅନ୍ୟ ପଟେ ଚନ୍ଦ୍ର, ଉଭୟେ ଈଷତ୍ ଲାଲ ଦେଖା ଯାଉଥାନ୍ତି । ଏ ଦୃଶ୍ୟଟି ଅତି ଚମତ୍କାର ଦେଖା ଯାଉଥିଲା ।

"ଆଖୁଖଣ୍ଡ, କସେରୁ ଓ ଫୁଲ ବିକାଳିମାନେ ନିଜ-ନିଜ ଜିନିଷ ଗୁଡିକର ନାମ ଘୋଷଣା କରି କରି ରାସ୍ତାରେ ଚାଲି ଯାଉ ଥାଆନ୍ତି । ସମାଜର ଉତ୍ଥାନ ପତନ ପ୍ରତି ସମ୍ପୂର୍ଣ୍ଣ ଅନ୍ୟମନସ୍କ ହୋଇ, ପ୍ରେମ ପୁଲକରେ ବିଭୋର ହୋଇ ମୁଁ ଯୁବକ ସୁଲଭ ସ୍ୱପ୍ନରାଜ୍ୟରେ ବୁଡି ରହିଥାଏ । ଅଳ୍ପ ବୟସର ଝିଅଟେ

ହେଲେ ବି ମୁଁ ଜାଣିଥିଲି, ପ୍ରକୃତ ପ୍ରେମ କଅଣ । ସଙ୍ଗୀତ, ପ୍ରବନ୍ଧ, ଓ ସ୍ଥାପତ୍ୟକାରମାନଙ୍କର ସ୍ତୁତିଗାନ ଭିତରେ ଥାଇ ମଧ୍ୟ ମୁଁ ଏକଥା ବୁଝିପାରିଥିଲି । ........ ...ଜଣେ କହିଥିଲା, 'ତୁମପରି ସୁନ୍ଦର ଏହି ବିଶ୍ୱର ଦ୍ୱିତୀୟ ବ୍ୟକ୍ତି ମୁଁ ଦେଖି ନାହିଁ'............ଦ୍ୱିତୀୟ ଜଣେ କହିଥିଲା, 'ମୁଁ ତୁମପରି ଅନ୍ୟ କୌଣସି ବିଦ୍ୱାନ ବ୍ୟକ୍ତିର ସମ୍ପର୍କରେ ଆସିନାହିଁ'..............ଅନ୍ୟ ଜଣେ କହିଲେ, 'ଚମେଲି ଜାନ୍ ସମ୍ପୂର୍ଣ୍ଣ ରୂପେ ତୁମ ପ୍ରେମରେ ସମ୍ମୋହିତ ହୋଇ ପଡ଼ିଛି । ସେ ତୁମକୁ ନ ଦେଖି ରହି ପାରିବ ନାହିଁ' ............ଅନ୍ୟ ଜଣେ କେହି କହିଥିଲେ, 'ହେ ଭଗବାନ ! ତୁମେ କି କବିତା ରଚନା କରିଛ । ଆମେ ତା ଦ୍ୱାରା ଏତେ ପ୍ରଭାବିତ ହୋଇ ପଡ଼ିଲୁ ଯେ, ସାରା ରାତି ଖାଲି କାନ୍ଦିଲୁ' ............ ଜଣେ ସଙ୍ଗେ-ସଙ୍ଗେ ସେଥିରେ ଯୋଡ଼ିଦେଲେ, 'ଯେତେବେଳେ 'ଧ୍ୟାସ' ଆପଣଙ୍କର ଗୋଟାଏ ଗଜଲ ଗାଇଲେ, ସେତେବେଳେ ଶ୍ରୋତାମାନେ ନ ହସି ରହି ପାରିଲେ ନାହିଁ ଏବଂ ପେଟ ବଥା କଲା ଯାଏଁ ସେମାନେ ତୁହାକୁ ତୁହା ହସି ଚାଲିଥିଲେ, ............ଅନ୍ୟ ଜଣେ କହିଲେ, 'ତୁମେ ପ୍ରକୃତରେ ଭାଗ୍ୟବାନ ଏବଂ ଅଭିଜ୍ଞ । ହୃଦୟର ଅଭିବ୍ୟକ୍ତିକୁ ପ୍ରକାଶ କରିବା କି ଯେ କଷ୍ଟକର ।' ..... .....ଚତୁର୍ଥ ବ୍ୟକ୍ତି କହିଲେ, 'ଆପଣଙ୍କର ମୁହଁରେ ବସିଥିବା ସେ ପଟେଟି କିଏ ? ସିଏ ନା ଅନ୍ୟ ପଚିତ କାକର ବନ୍ଧୁ ?' ବିହଙ୍ଗ ପ୍ରେମୀ ମିର ସାହାବ୍ ପ୍ରସଙ୍ଗ ବଦଳେଇ କହିଲେ, 'ତୁମ ପାରିମାନଙ୍କ ଭଳି ଉନ୍ନତ ଧରଣର ପାରି ଅନ୍ୟ କାହାର ନାହିଁ । ଭଦ୍ରଲୋକ, ସେ ଗୁଡ଼ିକ କଣ ପ୍ରକୃତରେ ପାରି ନା ସୁନ୍ଦରୀ ପରୀ । ମୋର ପୂର୍ଣ୍ଣ ବିଶ୍ୱାସ, ଯଦି ତାଙ୍କର ଛାୟା ପୁରାଣ ବର୍ଣ୍ଣିତ 'ହୁମା' * ଉପରେ ପଡ଼େ, ତେବେ ସେମାନେ 'ଈଗଲ' ହୋଇ ଯିବେ । ............ ପ୍ରକୃତରେ ଏହିପରି ସୁନ୍ଦର ଜୀବମାନଙ୍କ ଭିତରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଦେବତାଙ୍କ ଛବି ଦେଖି ପାରନ୍ତି । ସେମାନଙ୍କୁ ନୀଳ ଆକାଶରେ ଉଡ଼ୁଥିବାର ଦେଖି ଦେଇ ହେଲେ କଣ କେହି ନିଜର ଆଖିକୁ ଜନ୍ମ ଦୂରରେ ରଖିପାରିବ ? ମୁଁ ସର୍ବଶକ୍ତିମାନ ଈଶ୍ୱରଙ୍କ ଶପଥ ନେଇ କହୁଛି ଯେ, 'ମଟିଆବୁର୍ଜ'ର ପାରିମାନଙ୍କୁ ତାଲିମ ଦେଉଥିବା ଦକ୍ଷ ଲୋକେ ମଧ୍ୟ ଏଭଳି ସୁନ୍ଦର ପକ୍ଷୀ ସ୍ୱପ୍ନରେ ସୁଦ୍ଧା ଦେଖି ନାହାନ୍ତି'.......... ଜଣେ ଟାଉଟର ଆଗେଇ ଆସି

---

* ପୁରାଣ ବର୍ଣ୍ଣିତ ଏକ ଅଦ୍ଭୁତ ପକ୍ଷୀ ।

ମୋର ଘୋଡା ଗୁଡ଼ିକର ପ୍ରଶଂସା କଲେ । ଜଣେ ଢଙ୍ଗିଆ ମୋର ଚେରି ମାନଙ୍କର ପ୍ରଶଂସା କଲେ ଏବଂ ଜଣେ ବ୍ୟବସାୟୀ ମୋର ପୁଷ୍ପ ଉଦ୍ୟାନର ଖୁବ୍ ପ୍ରଶଂସା କରି କହିଲେ ଯେ, ଭଗବାନଙ୍କୁ ସମର୍ପଣ କରିବା ନିମନ୍ତେ ମେ ମୋ ବଗିଚାରୁ ଫୁଲ ତୋଳନ୍ତୁ' ।.... ମୁଁ ଜାଣିଥିଲି ଯେ, ଏହି ସମସ୍ତ ପ୍ରଶଂସା ମୋ ନିମନ୍ତେ ହିଁ ଉଦ୍ଦିଷ୍ଟ ଥିଲା । ମୋର ବିଚିତ୍ର ଆତ୍ମ ପ୍ରବୃତ୍ତି ଏତେ ପ୍ରକାରର ପ୍ରଶଂସା ଏବଂ ଅଭିନନ୍ଦନ ଭିତରେ ପୋଷି ହୋଇ ପଡ଼ି ଥାଏ । ଯାହା ହେଉ ଏ ସବୁ ଶୀଘ୍ର ସରିଗଲା... ଏହି ସମସ୍ତ ବାର୍ତ୍ତାଲାପ ବୈଠକ ଘରେ ହେଉଥିଲା ।

“ବର୍ତ୍ତମାନ ଆପଣ ସିଡ଼ି ପାଖକୁ ଆସନ୍ତୁ । ଦେଖିବେ ଚାରି-ପାଞ୍ଚ ଜଣ ବୃଦ୍ଧ ଏବଂ ସେହି ସମୟରେ ବନ୍ଧୁକଧାରୀ ମୁସଲମ୍ ଗାର୍ଡ, ଜଣେ ଜମାଦାର, ଦୁଇ-ତିନିଜଣ ସ୍କୁଲ ଛାତ୍ର ଏବଂ ଗୁଡ଼ାଏ ନବୁଁକିଆ ଲୋକ ସେଠି ଜମିଛନ୍ତି । କେତେକ ଛିଡା ହୋଇଛନ୍ତି ଏବଂ କେତେକ ବସିଛନ୍ତି, କିନ୍ତୁ ସମସ୍ତେ ପଇସା ମାଗିବା ଅପେକ୍ଷାରେ ।

“କହିଲେ ଏକଥା ବି କହିବି ଯେ, ସେମାନଙ୍କ ମଧ୍ୟରୁ ସମସ୍ତେ ନିଜ ସ୍ୱାର୍ଥରେ ଆସି ନଥିଲେ । ଅଳ୍ପ କେତେକ ମୋ ପ୍ରତି ଅନୁରକ୍ତ ଥିଲେ । ଥରେ କେହି ଜଣେ, ମୋର ଜଣେ ଦଲାଲ ସହ ତର୍କ କରୁଥିଲା, ମୋତେ ଟଙ୍କାପଛ ଦୁଇଅଣା ଦିଅ, ନହେଲେ ଆମେ ତୁମକୁ ଏମିତି ହଇରାଣ କରିଦେବୁ ଯେ, ବାବୁଜାନ ଏହି ଦରବାର ଭିତରକୁ ବି ପ୍ରବେଶ କରି ପାରିବେ ନାହିଁ ।' ଅନ୍ୟ କେହିଜଣେ ଏକ ବସ୍ତ୍ରବିକ୍ରେତାଙ୍କୁ କହୁଥିଲା, ‘ଯଦି ତୁମେ ସେହି କଳାଶାଲଟି ମତେ ନଦିଅ, ତେବେ ତୁମର ପୋଷାକ ବାବଦ ପଇସା ପାଇବା ନିମନ୍ତେ ବର୍ଷ-ବର୍ଷ ଧରି ଦଉଡୁଥିବ । ତୁମର ପ୍ରାପ୍ୟତ ଦୂରର କଥା, ଏହି ଦାଣ୍ଡର ଧୂଳିକଣାଏ ମଧ୍ୟ ପାଇ ପାରିବ ନାହିଁ ।'

“ଅନ୍ୟ ଜଣେ ମଧ୍ୟସ୍ଥି ବହୁ ଗୋଟାଏ ଚୁକ୍ତି କରୁଥିଲେ । କେହି ଜଣେ ଆନନ୍ଦ ଗଦ-ଗଦ ହୋଇ କହୁଥିଲେ ଯେ ତାଙ୍କ ବ୍ୟତୀତ ଅନ୍ୟ କେହି ମାଲିକଙ୍କର ବିଶ୍ୱାସଭାଜନ ନୁହେଁ, (ଯାହା କିଛି କିଣି ଅଣା ଯାଉଛି, ତାହା ମୋ ମାଧ୍ୟମରେ ହିଁ ଅଣାଯାଉଛି ।)'

"ଅନ୍ୟ ଜଣେ କହିଲେ, 'ତୁମେ ମୋତେ ନିଜର ମୁହଁ ଦେଖାଇବାକୁ ସାହସ କରୁଛ କିପରି ? ସ୍ତ୍ରୀ ଲୋକମାନଙ୍କର ସମସ୍ତ ପାଉଣା ମୋ ଦ୍ୱାରା ହିଁ ବଣ୍ଟା ଯାଉଛି ।'

"ହରିଶ୍ଚନ୍ଦ୍ର ଇଙ୍ଗିତ କଲେ, 'ଏମାନଙ୍କ ଭିତରୁ ଜଣେ କାହାକୁ ବାହାର କରନ୍ତୁ ତ, ଯିଏ କି ମୋର କାମରେ ଆସିବ' । କର୍ମୀ ବାଛିଲେ ଏହି ଲୋକଟି କଲା । ଶରୀରର ଗଢ଼ଣ ମଧ୍ୟମ ଧରଣର, ବଳିଷ୍ଠ ବାହୁ । ବଡ଼ ବଡ଼ ନଖ, ଆଖି ଛୋଟ-ଛୋଟ । ତା ପରିଧାନ ଅତି ସାମାନ୍ୟ । ମୁଣ୍ଡରେ ନାଲି ପଗଡ଼ି । ସାଗୁଆ ଅଣ୍ଟାପଟି ଏବଂ ଯୋଡ଼େଇ ହୋଇଛି ଗୋଟିଏ ଠେଲା ଶାଳ । ତା ନାଁ । ହୋଲା । ଆଜିକାଲି ସେଇ ମୋର ପ୍ରିୟ ଲୋକ । ସେଥିପାଇଁ ଏମାନେ ସମସ୍ତେ ଯାହା ମୋତେ କହିବା କଥା, ତା ମାଧ୍ୟମରେ କହି ପଠାନ୍ତି ।

ହରିଶ୍ଚନ୍ଦ୍ରଙ୍କ ପତ୍ନୀ ମନୋଦେବୀ ଦୁଇଟି ପୁଅ ଏବଂ ଗୋଟିଏ କନ୍ୟା ଜନ୍ମ କରିଥିଲେ । ଉଭୟ ପୁଅ ଶୈଶବାବସ୍ଥାରେ ମୃତ୍ୟୁ ବରଣ କରିଥିଲେ ଏବଂ ରୁଗ୍ଣା କନ୍ୟାଟି କେବଳ ବଞ୍ଚି ରହିଥିଲା । ତା'ର ମୁଣ୍ଡଟି ଗୋଟିଏ ପଟକୁ ଟଳି ରହିଥାଏ । ହରିଶ୍ଚନ୍ଦ୍ରଙ୍କର ବୈବାହିକ ଜୀବନ ଆଦୌ ସୁଖମୟ ନଥିଲା । ହରିଶ୍ଚନ୍ଦ୍ରଙ୍କ ଅନ୍ତଃପୁରରେ ପ୍ରବେଶ କରି ପାରୁଥିବା ଜଣେ ବୃଦ୍ଧ ହୋମିଓପାଥି ଡାକ୍ତରଙ୍କ ମତରେ, ମନୋଦେବୀଙ୍କ ରୋଗର ମୂଳ କାରଣ ଥିଲା, ତାଙ୍କ ସ୍ୱାମୀ ହରିଶ୍ଚନ୍ଦ୍ରଙ୍କର ଚରମ ଉଦାସୀନତା ।

ଏ ବିଷୟରେ ହରିଶ୍ଚନ୍ଦ୍ରଙ୍କ ସହିତ ସ୍ପଷ୍ଟ କଥାବାର୍ତ୍ତା କରିବାକୁ ସଙ୍କୋଚ ବୋଧକଲେ, ଏକଥା ଜଣାଇ ଦେବା ଉଚିତ ବୋଲି ସେ ମନେକଲେ । ସେ ଡାକ୍ତରଙ୍କର ବଙ୍ଗଭାଷାରେ ଲିଖିତ ଚିଠିର ଉତ୍ତରରେ ହିନ୍ଦୀ ଓ ଦେବନାଗରୀ ଲିପିରେ ହରିଶ୍ଚନ୍ଦ୍ର ଲେଖି ଜଣାଇଦେଲେ ଯେ ପ୍ରକୃତରେ ସେ ତାଙ୍କ ଘରୁ କୌଣସି ସୁଖ ଆନନ୍ଦ ପାଉ ନାହାନ୍ତି । ଆଉ ମଧ୍ୟ ଲେଖିଲେ ଯେ ସେ ତାଙ୍କ ସ୍ତ୍ରୀଙ୍କୁ କୌଣସି ଅଭାବ ଅସୁବିଧାରେ ପକାଉ ନାହାନ୍ତି ଏବଂ ଘରେ ତାଙ୍କର ସମସ୍ତ ଆବଶ୍ୟକତା ପୂରଣ କରୁଛନ୍ତି । କିନ୍ତୁ ତାଙ୍କର ହୃଦୟ ତାଙ୍କର ଆୟତ୍ତରେ ନାହିଁ । ସେଇଥିପାଇଁ ସେ ନିଜକୁ ବଡ଼ ଅସହାୟ ମନେ କରୁଛନ୍ତି ।

ସମୟ କ୍ରମେ, ୧୮୭୦ର ଆଦ୍ୟାବସ୍ଥାରେ ବାବୁଶ୍ରେଣୀର ପ୍ରାୟ ପ୍ରତ୍ୟେକ ବଙ୍ଗାଳୀ ପରିବାର ଉଦ୍ୟାନ-ଗୃହ ଏବଂ କେତେଗୁଡ଼ିଏ ବ୍ୟବସାୟୀ ନର୍ତ୍ତକୀଙ୍କୁ ରଖିବାକୁ ଏକ ବଡ଼ପଣିଆ ବୋଲି ମନେ କରୁଥିଲେ । ହରିଶ୍ଚନ୍ଦ୍ର ମଧ୍ୟ ଏହି ବଡ଼ ମଣିଷିଆରେ ହାର ମାନିଯିବା ଲୋକ ନଥିଲେ । ଏହାର ସମ୍ପୂର୍ଣ୍ଣ ଆୟୋଜନ ସେ କରିଥିଲେ ଏବଂ ଏକ ଲମ୍ପଟ ଜୀବନ ଯାପନ କରୁଥିଲେ । ଯୌଥ-ପରିବାର ହୋଇଥିବା ହେତୁ ହରିଶ ଚନ୍ଦ୍ରଙ୍କ ସ୍ତ୍ରୀ ଓ କନ୍ୟାର ଦେଖାଶୁଣା ଦାୟିତ୍ୱରେ ଅନ୍ୟମାନେ ଥିଲେ । ସୁତରାଂ ତାଙ୍କୁ ଅନ୍ୟତ୍ର ସୁଖ ସନ୍ଧାନ କରିବା ନିମନ୍ତେ ଛାଡ଼ି ଦିଆ ଯାଇଥିଲା ।

ହରିଶ୍ଚନ୍ଦ୍ର ବ୍ୟବସାୟୀ ନର୍ତ୍ତକୀମାନଙ୍କ ନିକଟକୁ ନିୟମିତ ଯାଉଥିଲେ । ଏହି ବ୍ୟବସାୟରେ ଲିପ୍ତ ମହିଳାମାନେ ବହୁ ସମୟରେ ତାଙ୍କ ଉଦ୍ୟାନ ଗୃହକୁ ମଧ୍ୟ ଆସୁଥିଲେ । ସାମୟିକ ଭାବେ ଆସୁଥିବା ମହିଳାମାନଙ୍କ ବ୍ୟତୀତ ହରିଶ୍ଚନ୍ଦ୍ରଙ୍କ ବ୍ୟବସ୍ଥା ମଧ୍ୟରେ ସ୍ଥାୟୀଭାବେ ଦୁଇଜଣ ରକ୍ଷିତା ଥିଲେ, ଯେଉଁମାନେ କି ତାଙ୍କ ସାହିତ୍ୟ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପ୍ରଥମା ହେଲା 'ଅଲିଜାନ୍' ଯିଏ କି ସମ୍ଭବତଃ ଗୋକୁଳ ଚନ୍ଦ୍ର ଓ ହରିଶ୍ଚନ୍ଦ୍ରଙ୍କ ଘରକୁ ଋଣ ନେବା ପାଇଁ ଆସିଥିଲା ଏବଂ ସେଥି ନିମନ୍ତେ ପରେ ଗୋଟିଏ ଘର ଗୋକୁଳଚନ୍ଦ୍ରଙ୍କୁ ହସ୍ତାନ୍ତର କରିଥିଲା— ସେହି ସୂତ୍ରରେ ସେ ହରିଶ୍ଚନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲା । କୌଣସି ବିଶେଷ ଅସୁବିଧା ହେତୁ ସେ ଇସଲାମ ଧର୍ମ ଗ୍ରହଣ କରି ବେଶ୍ୟା ପାଲଟି ଯାଇଥିଲା ।

ଯାହା ଜଣାଯାଏ ହରିଶ୍ଚନ୍ଦ୍ର ତାକୁ ହିନ୍ଦୁ ଧର୍ମରେ ପୁନର୍ଦୀକ୍ଷିତ କରାଇଥିଲେ, ଏବଂ ତାର ନାମ 'ମାଧବୀ' ରଖି ତାକୁ ନିଜର ରକ୍ଷିତା ଭାବେ ରଖିଥିଲେ । ଗୋକୁଳଚନ୍ଦ୍ରଙ୍କ ନିକଟରେ ଘର ବନ୍ଧକ ପଡ଼ିଥିବା ଘଟଣାରୁ ଓ ସେତେବେଳେ ପ୍ରଚଳିତ ସାଧାରଣ ବ୍ୟବହାରରୁ ଜଣାପଡ଼େ ଯେ ତାର ଗୋକୁଳଚନ୍ଦ୍ର ଓ ହରିଶ୍ଚନ୍ଦ୍ରଙ୍କ ସହିତ ୧୮୭୦ ମସିହା ପାଖାପାଖି ସମ୍ପର୍କ ସ୍ଥାପିତ ହୋଇଥିବ । ତେଣୁ ସମ୍ଭବତଃ ସେହି ସମୟ ମଧ୍ୟରେ ସେ ତା ପ୍ରତି ଆକୃଷ୍ଟ ହୋଇ ଘନିଷ୍ଠତା ବଢ଼ିବା ପରେ ତାକୁ ରକ୍ଷିତା ଭାବେ ଗ୍ରହଣ କରିଥିବେ । ହରିଶ୍ଚନ୍ଦ୍ର ମାଧବୀର ଘରେ ଦରବାର କରୁଥିଲେ ଏବଂ ରାତି ଯାପନ କରୁଥିଲେ ମଧ୍ୟ । ମାଧବୀର ଘରେ ସେ ଠାକୁରଙ୍କଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ ଓ ହାତୀଦାନ୍ତର ଚଜ ସଦୃଶ ଅନ୍ୟାନ୍ୟ ଗୃହ ସଜ୍ଜା ଉପକରଣରେ

ବ୍ୟବସ୍ଥା କରିଥିଲେ । ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ପରେ ଗୋକୁଳଚନ୍ଦ୍ର, ଏଥିରୁ ଅଧିକାଂଶ ନେଇଗଲେ ଓ ମାଧବୀକୁ ମାସିକ ପଚିଶଟଙ୍କା ଦେଉଥିଲେ । ଗୋକୁଳଚନ୍ଦ୍ରଙ୍କ ମୃତ୍ୟୁ ପରେ ଏହି ଅର୍ଥ ସାହାଯ୍ୟ ବନ୍ଦ ହୋଇ ଯାଇଥିଲା ।

ଏହାର କିଛି ବର୍ଷ ପରେ 'ମଲ୍ଲିକା' ନାମରେ ଏକ ବଙ୍ଗାଳୀ ବିଧବା ହରିଶ୍ଚନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲା । ସାମାନ୍ୟ କିଛି ସାହିତ୍ୟିକ ପ୍ରତିଭାର ଅଧିକାରିଣୀ ମଲ୍ଲିକା ସହିତ ସେ ନିବିଡ଼ ଭାବେ ସଂପୃକ୍ତ ଥିଲେ । ସେ କବିତା ରଚନା କରୁଥିଲା । ସେ ତିନିଗୋଟି ବଙ୍ଗଳା ଉପନ୍ୟାସର ହିନ୍ଦୀ ଅନୁବାଦ ମଧ୍ୟ କରିଥିଲା । ସେ ହରିଶ୍ଚନ୍ଦ୍ରଙ୍କୁ ତାଙ୍କ ସାହିତ୍ୟିକ କାର୍ଯ୍ୟରେ ସାହାଯ୍ୟ କରୁଥିଲା ଏବଂ ଏକ ପ୍ରକାଶନ ସଂସ୍ଥା ଆରମ୍ଭ କରିଥିଲା, ଯାହା ଜରିଆରେ ହରିଶ୍ଚନ୍ଦ୍ରଙ୍କ ପୁସ୍ତକ ଗୁଡ଼ିକ ମଧ୍ୟ ବିକି ହେଉଥିଲା । ତା' ନିଜର ଗୋଟିଏ ପୁସ୍ତକର ମୁଖବନ୍ଧରେ ସେ ଲେଖିଥିଲା ଯେ, ସେ ଅନୁବାଦଟି ତାର ପ୍ରଭୁଙ୍କର ଆଦେଶରେ କରିଛି, ତେଣୁ ଏହି ପୁସ୍ତକଟି ସେ ତାଙ୍କୁ ହିଁ ସମର୍ପଣ କଲା । ହରିଶ୍ଚନ୍ଦ୍ର ତାର ସାହିତ୍ୟିକ କୃତି ଗୁଡ଼ିକର ପ୍ରଶଂସା କରୁଥିଲେ ଓ ସେଗୁଡ଼ିକ ପ୍ରକାଶିତ କରୁଥିଲେ ।

ହରିଶ୍ଚନ୍ଦ୍ରଙ୍କ ଗଭୀର ପ୍ରେମାବେଗ ହିଁ ତାଙ୍କୁ 'ଭାରତେନ୍ଦୁ' ଉପାଧି ଆଣି ଦେଇଥିଲା । ଏହା ପଛରେ ଏକ ଉପାଖ୍ୟାନ ଅଛି । ହରିଶ୍ଚନ୍ଦ୍ର ଥରେ କୌଣସି ଜଣେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଚରିତ୍ର ଉପରେ ଟୀକା ପରିହାସ କରୁଥିଲା ବେଳେ ତାଙ୍କର ଜଣେ ବନ୍ଧୁ କପଟ ଗୁରୁ ବାକ୍ୟ ଦ୍ୱାରା ଜଣାଇଲେ ଯେ ହରିଶ୍ଚନ୍ଦ୍ରଙ୍କ ଚରିତ୍ର ମଧ୍ୟ ଦୋଷ ମୁକ୍ତ ନୁହେଁ । ତେବେ ସେ ଏ କଥା ମଧ୍ୟ କହିଲେ ଯେ, ଏହା ଚନ୍ଦ୍ରର କଳଙ୍କ ପରି । ତେଣୁ ସେ ତାଙ୍କୁ 'ଭାରତେନ୍ଦୁ' (ଭାରତର ଇନ୍ଦୁ ବା ଚନ୍ଦ୍ର) ବୋଲି ସମ୍ବୋଧନ କରିବେ । ହରିଶ୍ଚନ୍ଦ୍ର ଏଥିରେ ଟିକେମାତ୍ର ଦୁଃଖ କରିବେ ନାହିଁ ବୋଲି କହିଲେ । ଏହିପରି ଭାବେ ତାଙ୍କ ନାମ ପୂର୍ବରୁ ଏହି ଉପନାମ ସଂଯୁକ୍ତ ହେଲା ଏବଂ ତାଙ୍କ ମିତ୍ରମଣ୍ଡଳୀ ତାକୁ ଗ୍ରହଣ କରି ନେଇଥିଲେ । ୧୮୭୦ର ପରବର୍ତ୍ତୀ କାଳରେ ଯେତେବେଳେ ହିନ୍ଦୀ ସାହିତ୍ୟର ବିଭିନ୍ନ ଦିଗରେ ପଥ-ପ୍ରଦର୍ଶକ ଭାବରେ ତାଙ୍କୁ ସ୍ୱୀକୃତି ମିଳିଲା, ସେତେବେଳେ ହିନ୍ଦୀ ଜଗତର ବିଦ୍ୱାନ୍‌ଗଣ, ହରିଶ୍ଚନ୍ଦ୍ରଙ୍କୁ ବ୍ରିଟିଶ-ରାଜ ସମ୍ମାନିତ କରନ୍ତୁ ବୋଲି ଇଚ୍ଛା ପ୍ରକାଶ କଲେ । କିନ୍ତୁ ସେ ସମୟର ବ୍ରିଟିଶରାଜ

ସେମାନଙ୍କ ଏହି ଇଚ୍ଛାକୁ ଗୁରୁତ୍ୱ ନ ଦେଲାରୁ ହରିଶ୍ଚନ୍ଦ୍ରଙ୍କର ପ୍ରଶଂସକମାନେ ଅତ୍ୟନ୍ତ କ୍ଷୁବ୍ଧ ହେଲେ, ବିଶେଷ କରି ଏଇଥିପାଇଁ ଯେ ହରିଶ୍ଚନ୍ଦ୍ରଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜା ଶିବ-ପ୍ରସାଦ 'ସିତାର-ଇ-ହିନ୍ଦ', ସେ ପର୍ଯ୍ୟନ୍ତ ଶାସକମାନଙ୍କର ଅନୁଗ୍ରହ ପାଇ ଆସୁଥିଲେ । ତେଣୁ କରି ହରିଶ୍ଚନ୍ଦ୍ରଙ୍କ ଜନୈକ ପ୍ରଶଂସକ, କଲିକତାର 'ସାରସୁଧାନିଧି'ର ସମ୍ପାଦକ, ଯୁକ୍ତି ଉପସ୍ଥାପିତ କଲେ ଯେ ବ୍ରିଟିଶ ରାଜ ହରିଶ୍ଚନ୍ଦ୍ରଙ୍କୁ କୌଣସି ସମ୍ମାନ ବା ଉପାଧି ପ୍ରଦାନ କରନ୍ତୁ ବା ନ କରନ୍ତୁ, ହିନ୍ଦୀ ଜଗତ ତାଙ୍କୁ 'ଭାରତେନ୍ଦୁ' (ଭାରତର ଚନ୍ଦ୍ର) ଭାବେ ସମ୍ମାନିତ କରିବା ଉଚିତ । ଏହି ପ୍ରସ୍ତାବଟି ତୁରନ୍ତ ଗୃହୀତ ହେଲା । ସେହି ଦିନଠାରୁ ହସ ଖୃପ୍ରୀରେ ଯୋଡ଼ି ଦିଆ ଯାଇଥିବା ଏହି ଉପନାମଟି ତାଙ୍କର ସ୍ଥାୟୀ ଉପାଧିରେ ପରିଣତ ହେଲା । ଏପରିକି ଜର୍ଜ ଗ୍ରୀୟର୍ସନ ଏବଂ ଗାର୍ସାଁ ଦ-ତାସୀଙ୍କ ପରି ବିଦେଶୀ ବିଦ୍ୱାନ୍ ଗଣ ମଧ୍ୟ ଏହି ଉପନାମର ବ୍ୟବହାର କରିଛନ୍ତି । ହରିଶ୍ଚନ୍ଦ୍ର ନିଜେ ମଧ୍ୟ ଏହି ଉପନାମଟିକୁ ଭଲ ପାଉଥିଲେ ଏବଂ ନିଜେ ହଦସ୍ତଚନ୍ଦ୍ରଙ୍କୁ ସେ ରାଇଟିଂ ପ୍ୟାଡ଼ର ଶୀର୍ଷ ସଙ୍କେତ ରୂପେ ଛପାଇ ଥିଲେ ।

— ୦ —

# ୫

ହରିଶ୍ଚନ୍ଦ୍ର ତାଙ୍କ ନାମ ସହିତ ସଂଯୁକ୍ତ 'ଭାରତେନ୍ଦୁ' ଉପନାମଟି ପାଇଁ ବେଶ ଗର୍ବ ଅନୁଭବ କରୁଥିଲେ । ସତ୍ୟ ପ୍ରତି ଅବିଚଳିତ ଦୃଢ ଅନୁରାଗ ଥିବା କିମ୍ବଦନ୍ତୀର ଜଣେ କେଡ଼େ ପ୍ରସିଦ୍ଧ ରାଜାଙ୍କର ନାମ ସହିତ ତାଙ୍କ ଉପାଧିର ମେଳ ଥିବାରୁ ସେ ଏଥିପାଇଁ ମଧ୍ୟ ଗର୍ବ ଅନୁଭବ କରୁଥିଲେ । ଭାରତେନ୍ଦୁ ରାଜାମାନଙ୍କ ପରି କେବଳ ଯେ ବଦାନ୍ୟ ହେବାକୁ ଚାହୁଁଥିଲେ, ତାହା ନୁହେଁ, ବରଂ ସେ କୌଣସି ମୂଲ୍ୟ ବିନିମୟରେ ସତ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରୁଥିଲେ । ଏକ ବହୁ ଉଦ୍ଧୃତ ଗଳ୍ପ ଅନୁଯାୟୀ—ସୟଦ ଅହମ୍ମଦ ଖାଁ (ଯେ ଆଲିଗଡ଼ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ) କ୍ଷୁଦ୍ର ଜଜ କୋର୍ଟର ବିଚାରପତି ପଦକୁ ଉନ୍ନୀତ ହୋଇ, ବାରାଣସୀକୁ ବଦଳି ହୋଇ ଆସିଥିଲେ । ତାଙ୍କର ବିଚାର ପାଇଁ ଥିବା କେତେ ଗୁଡ଼ିଏ ମକଦ୍ଦମା ମଧ୍ୟରେ ଗୋଟିଏ ମକଦ୍ଦମା ଥିଲା, ଯେଉଁଥିରେ କି ଯୁବକ ହରିଶ୍ଚନ୍ଦ୍ର ଅଭିଯୁକ୍ତ ଥିଲେ । ମକଦ୍ଦମାଟି ହେଲା, ଏକ ବ୍ୟବସାୟୀ ହରିଶ୍ଚନ୍ଦ୍ରଙ୍କୁ ଗୋଟିଏ ନୌକା ବିକ୍ରି କରିଥିଲା ଓ ତାଙ୍କୁ କିଛି ନଗଦ ଟଙ୍କା ଉଧାର ଦେଇଥିଲା । ହରିଶ୍ଚନ୍ଦ୍ରଙ୍କଠାରୁ ମୋଟ ତିନିହଜାର ଟଙ୍କା ଫେରସ୍ତ ପାଇବା ପାଇଁ ସେ ଗୋଟିଏ ମକଦ୍ଦମା ଦାଏର କରିଥିଲା ।

କ୍ଷୁଦ୍ର ଜଜ କୋର୍ଟରେ ପୂର୍ବରୁ ସାଧାରଣତଃ ଯେଉଁ ଦାବିଦାର ମାନେ ହାଜର ହେଉଥିଲେ ସେମାନଙ୍କଠାରୁ ଏହି ବିଶେଷ ଅଭିଯୁକ୍ତ ବ୍ୟକ୍ତି ଭିନ୍ନ ଧରଣର ଦେଖା ଯାଉଥିଲେ । ବିଚାରପତି ସୟଦ ଅହମ୍ମଦ ଖାଁ ହରିଶ୍ଚନ୍ଦ୍ରଙ୍କୁ ପାଖକୁ ଡାକିନେଇ ଗୋଟିଏ ଚୌକିରେ ବସିବା ପାଇଁ କହିଲେ ଏବଂ ପଚାରିଲେ, "ଏବେ ମୋତେ କୁହ ବ୍ୟବସାୟୀ ଜଣକ ଯେଉଁ ନୌକାଟି ତୁମକୁ ଦେଇଛନ୍ତି ତା'ର ପ୍ରକୃତ ମୂଲ୍ୟ କେତେ ?" "ମୁଁ ଯାହା ମୋର ଅଙ୍ଗୀକାର-ପତ୍ର (promisory note)ରେ ଲେଖିଛି ।" ସେହି ଯୁବକ ଜଣକ କହିଲେ...... "ତୁମେ ତା ନିକଟରୁ କେତେ ନଗଦ ଟଙ୍କା ନେଇଛ ?" ... "ଅଙ୍ଗୀକାର-ପତ୍ରରେ ଲିଖିତ ସଂପୂର୍ଣ୍ଣ ଅର୍ଥ ମୁଁ ପାଇଛି ।"

ସୟଦ ଅହମ୍ମଦ ଖାଁ । ଟିକିଏ ଅଧୈର୍ଯ୍ୟ ହେଲେ । ସେ ଭ୍ରୂକୁଞ୍ଚନ କରି କହିଲେ······"ବାବୁ ସାହେବ, ତୁମେ ବୋଧହୁଏ ଭୁଲି ଯାଉଛ । ବାହାରକୁ ଯାଅ, ଟିକିଏ ମୁକ୍ତ ବାୟୁ ସେବନ କର ଓ ତା'ପରେ ଆସି ମୋତେ ସତ କଥା କୁହ ।"

ଯୁବକ ଜଣକ କଚେରୀ ବାହାରକୁ ଚାଲିଗଲେ । ତାଙ୍କ ମିତ୍ରଗଣ ତାଙ୍କୁ ଏହି ସୁବର୍ଣ୍ଣ ସୁଯୋଗ ନ ଛାଡ଼ିବା ପାଇଁ ପ୍ରବର୍ତ୍ତାଇଲେ ଓ ଯେତେ ନେହି ଟଙ୍କା ପ୍ରକୃତ ଦେୟ ସେତିକ ଦେଇ ଏଇ ଷ୍ଟାମ୍ପଟିଆ ଦ୍ୱନ୍ଦ୍ୱରୁ ରକ୍ଷା ପାଇବା ପାଇଁ କହିଲେ । ହରିଶ୍ଚନ୍ଦ୍ର ସମସ୍ତଙ୍କ କଥା ଶୁଣି ମଧ୍ୟ ଚୁପ୍ ରହିଲେ ।

ଯେତେବେଳେ ହରିଶ୍ଚନ୍ଦ୍ର କୋର୍ଟ ଭିତରକୁ ଫେରିଲେ, ବିଚାରପତିଙ୍କ ସମ୍ମୁଖରେ ସେ ନିଜର ପୂର୍ବରୁ କହିଥିବା କଥାର ପୁନରାବୃତ୍ତି କଲେ ।

ସୟଦ ଅହମ୍ମଦ ଖାଁ । ସ୍ପଷ୍ଟଭାବେ ବିରକ୍ତି ପ୍ରକାଶ କରି କହିଲେ ଅଭିଜାତ ଯୁବକ ତାଙ୍କ ସଙ୍କେତ ବୁଝି ପାରି ନାହାନ୍ତି । ସେ ପୂର୍ବରୁ ଯୁବକଙ୍କୁ ଯାହା କହିଥିଲେ, ତାର ପୁନରାବୃତ୍ତି କଲେ । କିନ୍ତୁ ଯୁବକ ଜଣକ ସ୍ପଷ୍ଟ ଭାବେ କହିଲେ ଯେ, ସେ ଅର୍ଥ ପାଇଁ ନିଜର ଧର୍ମ ଓ ସତ୍ୟର ବଳି ଦେଇ ପାରିବେ ନାହିଁ ।

ସେ କହିଲେ—"ବ୍ୟବସାୟୀ ଜଣକ ମୋତେ ଅଙ୍ଗୀକାର ପତ୍ର ଲେଖିବାକୁ ବାଧ୍ୟ କରି ନାହାନ୍ତି ଏବଂ ଯେତେବେଳେ ମୁଁ ଇଚ୍ଛାରେ ସେ ସମସ୍ତର ଚୁକ୍ତି ଓ ତାର ମୋ ନିକଟରୁ ପ୍ରାପ୍ୟକୁ ମାନି ନେଇଛି, ବର୍ତ୍ତମାନ ସେହି ପ୍ରାପ୍ୟ ପରିଶୋଧ ବେଳେ ମୋର ଅଙ୍ଗୀକାରକୁ ଅସ୍ୱୀକାର କରିବ ? ନା ମୋ ଦ୍ୱାରା ଏହା ହେବ ନାହିଁ । ମୋ ନାଁ ହେଉଛି 'ହରିଶ୍ଚନ୍ଦ୍ର' ଅର୍ଥାତ୍ ଯେଉଁ ନାଁ ସତ୍ୟର ପ୍ରତୀକ ।

ଏ ବିଷୟରେ ଜଣେ ହିନ୍ଦୀ ଲେଖକ କହିଛନ୍ତି —"ସୟଦ ଅହମ୍ମଦ ଖାଁଙ୍କ ଉପରେ ଏହାର ଏପରି ପ୍ରଭାବ ପଡ଼ିଲା ଯେ, ଅନ୍ୟ ମକଦ୍ଦମା ଗୁଡ଼ିକରେ ସାକ୍ଷୀ ରହୁଁ ନଥିଲେ ଓ ବାଦୀ ଯାହା କହୁଥିଲା, ତାହା ସତ୍ୟ ବୋଲି ଗ୍ରହଣ କରୁଥିଲେ । ସୟଦ ଅହମ୍ମଦ ଖାଁ । କହୁଥିଲେ, "ଆମର ହୃଦ୍‌ବୋଧ ହେଉଛି ଯେ, ଏହି ବ୍ୟକ୍ତି ଜଣକ ସତ୍ୟନିଷ୍ଠ ଅଟନ୍ତି । ତେଣୁ ଏହି ମକଦ୍ଦମାରେ ଆମେ ତାଙ୍କ କଥା ଗ୍ରହଣ କରିବା ଏବଂ ସାକ୍ଷ୍ୟ ଉପରେ ଜୋର ଦେବା ନାହିଁ ।"

ଏହା କେବଳ ଗୋଟିଏ ମାତ୍ର ଘଟଣା ନଥିଲା । ହରିଶ୍ଚନ୍ଦ୍ର ସର୍ବଦା ନିଜ ବଚନ ପାଳନ କରୁଥିଲେ ଏବଂ ସାମାନ୍ୟ ଋଣ ଶୁଝିବା ପାଇଁ ପ୍ରଚୁର ଅର୍ଥ ଫେରସ୍ତ ଦେଉଥିଲେ ।

ହରିଶ୍ଚନ୍ଦ୍ରଙ୍କ ବିବାହ ପରେ-ପରେ, ଯେତେବେଳେ ତାଙ୍କ ପରିବାର ଜଗନ୍ନାଥପୁରୀକୁ ତୀର୍ଥଯାତ୍ରା କରିବା ନିମନ୍ତେ ବାହାରି ଗଲେ, ସେତେବେଳେ ଗୋପାଳ ଚନ୍ଦ୍ରଙ୍କର ଜଣେ ବନ୍ଧୁ ହରିଶ୍ଚନ୍ଦ୍ରଙ୍କ ନିକଟକୁ ଆସି ତାଙ୍କୁ ଦୁଇ ପାଉଣ୍ଡ ସ୍ୱର୍ଣ୍ଣମୁଦ୍ରା ଋଣ ସ୍ୱରୂପ ଯାଚିଲେ । ଋଣର କୌଣସି ଆବଶ୍ୟକତା ନଥିବା କଥା ହରିଶ୍ଚନ୍ଦ୍ର କହିବା ସତ୍ତ୍ୱେ ବିମାତା ଦ୍ୱାରା ଅତ୍ୟାଚାରିତ ଜଣେ ସନ୍ତାନ ପ୍ରତି ସହାନୁଭୂତିର ଅଭିନୟ କରି ହିତୈଷୀ ବନ୍ଧୁ ଜଣକ ହଠାତ୍ ଦରକାର ହେଲେ କାମରେ ଲାଗି ଯାଇପାରେ ବୋଲି କହି ହରିଶ୍ଚନ୍ଦ୍ରଙ୍କୁ ତାଙ୍କର ଯତ୍‌କିଞ୍ଚିତ୍ ଋଣକୁ ଗ୍ରହଣ କରିବାକୁ ବାଧ୍ୟ କଲେ । ସେ ସମୟରେ ଯାତ୍ରାର ସଂପୂର୍ଣ୍ଣ ଯାତ୍ରାପଥ ମଧ୍ୟରୁ ଗୋଟିଏ ଭାଗ ମାତ୍ର ରେଳଦ୍ୱାରା ଯାଇ ହେଉଥିଲା । ଅନ୍ୟ ଭାଗଟି ବଳଦଗାଡ଼ି ଭଳି ଯାନ ଦ୍ୱାରା ଯାତ୍ରା କରିବାକୁ ପଡୁଥିଲା । ସେ ଦୃଷ୍ଟିରୁ ଏହା ଥିଲା ଏକ ଦୀର୍ଘଯାତ୍ରା । ଯାତ୍ରା-ପଥରେ ସେ ବର୍ଦ୍ଧମାନରେ ବାରାଣସୀକୁ ଫେରିଯିବା ପାଇଁ ଇଚ୍ଛା କଲେ ଏବଂ ତାଙ୍କ ପକେଟରେ ଥିବା ବନ୍ଧୁଙ୍କର ଅର୍ଥ ସେଥିରେ ତାଙ୍କୁ ସାହାଯ୍ୟ କଲା । ଦୁଇ ପାଉଣ୍ଡର ସ୍ୱର୍ଣ୍ଣମୁଦ୍ରା ସେ ଭଙ୍ଗାଇ ଦେଲେ । ଏହି କଥାଟା ଅଛପା ରହିଲା ନାହିଁ । ସମସ୍ତଙ୍କର ଅନୁରୋଧରେ ହରିଶ୍ଚନ୍ଦ୍ର ଫେରିଯାଇ ପାରିଲେ ନାହିଁ । କିନ୍ତୁ ପାଉଣ୍ଡ ଦୁଇଟା ଭଙ୍ଗାଇ ଦେଇଥିବା ହେତୁ ତାହା ଋଣ ହୋଇଗଲା । ହରିଶ୍ଚନ୍ଦ୍ରଙ୍କର କହିବା ଅନୁଯାୟୀ ପରବର୍ତ୍ତୀକାଳରେ ସେହି ଦୁଇ ପାଉଣ୍ଡ ଋଣ ପରିଶୋଧ ନିମନ୍ତେ ତାଙ୍କୁ ପ୍ରାୟ ପନ୍ଦର ହଜାର ଟଙ୍କାର ଏକ ଘର ବନ୍ଧୁଙ୍କୁ ଦେଇ ଦେବାକୁ ପଡ଼ିଥିଲା ।

ପ୍ରକୃତ ପକ୍ଷେ ଅସୁବିଧାଟା ଋଣଦାତାମାନଙ୍କର ଯେତେ ବେଶି ନଥିଲା, ସେତେବେଶି ଥିଲା ହରିଶ୍ଚନ୍ଦ୍ରଙ୍କର । ସେ ଅତିମାତ୍ରାରେ ବଦାନ୍ୟ ଥିଲେ; ଏବଂ ଅତି ବିଳାସୀ ଜୀବନଯାପନ ସହିତ ଆନନ୍ଦ ଉପଭୋଗ ଓ ସାହିତ୍ୟ ସୃଷ୍ଟିକୁ ଅର୍ଥ-ସଂଚୟ ବା ବ୍ୟୟର ଚିନ୍ତା ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଥିଲେ । ତାଙ୍କର ପୈତୃକ ପରିବାର ବର୍ଗ କଠିନ ବ୍ୟବସାୟ ଦ୍ୱାରା ପ୍ରଚୁର ସମ୍ପତ୍ତି ଉପାର୍ଜନ ପାଇଁ ଖୁବ୍

117746

ଜଣାଶୁଣା ଥିଲେ, ବର୍ତ୍ତମାନ ସେହିମାନେ ତାଙ୍କ ପରିବାରର ସିନ୍ଦୁକ ଗୁଡ଼ିକ କୌଣସି ଅର୍ଥାଗମ ବଦଳରେ ଶୂନ୍ୟ ହେବାର ଦୃଶ୍ୟ ମଧ୍ୟ ଦେଖିଲେ । ପରିବାରର ସମ୍ପର୍କୀୟ ଏବଂ ମିତ୍ର ମଣ୍ଡଳୀ, ମହାରାଜାଙ୍କୁ ସାହାଯ୍ୟ କରିପାରୁଥିବା ଏହି ପରିବାରର ପ୍ରଭୂତ ସମ୍ପତ୍ତିର ଅର୍ଥହୀନ ଅପବ୍ୟୟ ବନ୍ଦ କରିବା ନିମନ୍ତେ ଧାରନ୍ଦଘୀର ମହାରାଜାଙ୍କୁ ଅନୁରୋଧ କଲେ । ମହାରାଜା ହରିଶ୍ଚନ୍ଦ୍ରଙ୍କୁ ଡକାଇ ଏହି ପ୍ରକାର ଅପବ୍ୟୟ ବିଷୟରେ, ପରିବାରର ଅନ୍ୟାନ୍ୟ ସଦସ୍ୟ ମାନଙ୍କର ଇଚ୍ଛା ବ୍ୟକ୍ତ କଲେ । କିନ୍ତୁ ଏହି ଯୁବକ ସ୍ପଷ୍ଟ ଓ ଦୃପ୍ତ କଣ୍ଠରେ କହିଲେ ଯେ—ସେ ଅର୍ଥ ସହିତ ସମ୍ପୃକ୍ତ ନୁହଁନ୍ତି । ସେ ଏ କଥା ମଧ୍ୟ କହିଥିବାର ଶୁଣା ଯାଏ, "ମହାଶୟ ଏହି ଧନ ସମ୍ପତ୍ତି ମୋର ପୂର୍ବ-ପୁରୁଷମାନଙ୍କୁ ସମ୍ପୂର୍ଣ୍ଣ ଗ୍ରାସ କରିଛି ଏବଂ ମୁଁ ଠିକ୍ କରିଛି ଯେ, ମୁଁ ସେହି ଧନକୁ, ସମ୍ପତ୍ତିକୁ ଗ୍ରାସ କରିବ ।

ଅତଏବ ମହାରାଜାଙ୍କ ମଧ୍ୟସ୍ଥତାର କିଛି ଫଳ ହେଲ ନାହିଁ । ଅପବ୍ୟୟର ସ୍ରୋତ ସେହିପରି ଚାଲିଲା ।

ତେଣୁ ପରିବାରର ସମସ୍ତ ସମ୍ପତ୍ତିର ବିଭାଜନ ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । ସେଥିପାଇଁ ହରିଶ୍ଚନ୍ଦ୍ରଙ୍କ ବ୍ୟତୀତ ପରିବାରର ଅନ୍ୟ ସମସ୍ତ ସଦସ୍ୟ ଅନେକ ସମୟ ଧରି ବିଚାର-ବିମର୍ଶ କରିବା ପରେ ଗୋଟିଏ ସୂତ୍ର ଉଦ୍ଭାବନ କଲେ । ହରିଶ୍ଚନ୍ଦ୍ରଙ୍କର ଏପରି ପରିସ୍ଥିତିର ସମ୍ମୁଖୀନ ହେବାର ଅଭିରୁଚି ନ ଥିଲା । ଏପରିକି ଦଲିଲଟିରେ ପ୍ରକୃତରେ କଣ ଲେଖା ଅଛି, ତାହା ଜାଣିବାର ସ୍ପୃହା ମଧ୍ୟ ନ ଦେଖାଇ ସେ ବିନ୍ଦୁ ସୂଚିତ ରେଖା ଉପରେ ନିଜର ଦସ୍ତଖତ କରିଦେଲେ । ଗଚ୍ଛିତ ଅର୍ଥର ତାଙ୍କ ଅଂଶଟି ପୂର୍ବରୁ ତାଙ୍କ ଦ୍ୱାରା ହୋଇଥିବା ଋଣ ଓ ଖର୍ଚ୍ଚ ବାବଦକୁ ଭରଣା କରାଗଲା ଓ ଅତି ତରବରିଆ ଭାବେ ରେଜିଷ୍ଟ୍ରୀ କରାଯାଇଥିବା ସ୍ଥାବର ବଣ୍ଟନ ଦଲିଲଟିରେ କେବଳ ସମ୍ପତ୍ତିର ହିଁ ବିଭାଜନ ବ୍ୟବସ୍ଥା ହେଲା । କିଛି ବର୍ଷ ପରେ ହରିଶ୍ଚନ୍ଦ୍ରଙ୍କ ଅଭଙ୍ଗ ଇଚ୍ଛାର ପରିବର୍ତ୍ତନ ହେତୁ, ହରିଶ୍ଚନ୍ଦ୍ରଙ୍କୁ ତାଙ୍କ ନିଜ ଘରରୁ ମଧ୍ୟ ବହିଷ୍କୃତ କରି ତାହା ଗୋକୁଳଚନ୍ଦ୍ରଙ୍କୁ ଦିଆଗଲା ।

ସେ ସମୟର ବ୍ୟବସ୍ଥା ଅନୁଯାୟୀ ସମ୍ପତ୍ତିର ବିଭାଜନକୁ ପରିବାରର ବିଭାଜନ ବୋଲି ଧରା ଯାଉ ନ ଥିଲା । ପୈତୃକ ବାସ ଗୃହଟି ସର୍ବ ସାଧାରଣ ଭାବେ ରହିଲା ।

ସମସ୍ତେ ଏକ ଯୌଥ ପରିବାର ଭାବରେ ଗୋଟିଏ ଛାତ ତଳେ ରହୁଥିଲେ । କେବଳ ହରିଶ୍ଚନ୍ଦ୍ର ରହୁଥିବା ଘରର ଅଂଶଟିକୁ ସାମାନ୍ୟ କମେଇ ଦିଆ ଯାଇ ଥିଲା । ଧୀରେ-ଧୀରେ ତାଙ୍କ ଭାଗ ସମ୍ପତ୍ତି କ୍ଷୟ ହେବାକୁ ଲାଗିଲା । ତା' ପରେ ସେ ଋଣ କରିବାକୁ ଆରମ୍ଭ କଲେ । ଯେତେବେଳେ ଋଣ ଅତି ମାତ୍ରାରେ ବଢ଼ିଚାଲି, ତାଙ୍କ ସମ୍ପତ୍ତି ବିକାବା ପର୍ଯ୍ୟନ୍ତ କଥା ଗଲା । ଘରର ସମ୍ପତ୍ତି କିଣିବାରେ ଗୋକୁଳଚନ୍ଦ୍ରଙ୍କର ପ୍ରଥମ ଦାବୀ ଥିବା ହେତୁ, ସେ ହରିଶ୍ଚନ୍ଦ୍ରଙ୍କ ଋଣ ପରିଶୋଧ କରିଦେଇ ତାଙ୍କ ସ୍ଥାବର ସମ୍ପତ୍ତିକୁ ହସ୍ତଗତ କଲେ । କ୍ରମେ-କ୍ରମେ ସେ ହରିଶ୍ଚନ୍ଦ୍ରଙ୍କର ସମସ୍ତ ସ୍ଥାବର ସମ୍ପତ୍ତିକୁ ହସ୍ତଗତ କରିନେଲେ । ହରିଶ୍ଚନ୍ଦ୍ର ଏଥିପାଇଁ ପ୍ରସ୍ତୁତ ଥିଲେ । ତାଙ୍କୁ ଯାହା ଦୁଃଖ ଦାୟକ ମନେ ହେଲା, ତାହା ହେଉଛି, ତାଙ୍କର କ୍ରମ-ବର୍ଦ୍ଧିଷ୍ଣୁ ସମ୍ପତ୍ତି ଓ ପରବର୍ତ୍ତୀ ସମୟରେ ତାଙ୍କର ଅସୁବିଧା । ଏପରି ଅବସ୍ଥାରେ ମଧ୍ୟ ହରିଙ୍କୁ ସମୃଦ୍ଧ-ଶାଳୀ କରିବା ପ୍ରଚେଷ୍ଟାରେ ସେ ଅଟଳ ରହିଲେ; ଯଦିଓ ତାଙ୍କ ପରିବାରର ସଦସ୍ୟ ଓ ବନ୍ଧୁମାନେ ପୁସ୍ତକ ଓ ପତ୍ର-ପତ୍ରିକା କିଣିବା ଭଳି ଅପବ୍ୟୟର ପ୍ରକୃତ ଉଦ୍ଦେଶ୍ୟ ବୁଝି ପାରି ନ ଥିଲେ ।

## ୭

ଭାରତେନ୍ଦୁଙ୍କର ହିନ୍ଦୀ ପାଇଁ ଅବଦାନର ତାତ୍ପର୍ଯ୍ୟ ବୁଝିବାକୁ ହେଲେ, ସାହିତ୍ୟ ରଙ୍ଗମଞ୍ଚରେ ତାଙ୍କର ଆବିର୍ଭାବ ପୂର୍ବରୁ ହିନ୍ଦୀର ବିକାଶଧାରାକୁ ଭଲଭାବେ ଜାଣିବା ଦରକାର ।

ଆଜି ଆମେ ହିନ୍ଦୀ କହିଲେ ଯାହା ବୁଝୁ, ତାହା ଆଧୁନିକ ରାଜସ୍ଥାନ, ହରିଆନା, ଦିଲ୍ଲୀ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାର ଭଳି ଉତ୍ତର-ଭାରତର ରାଜ୍ୟମାନଙ୍କର ଲୋକଭାଷାରୁ ଆସିଅଛି । ଏହି ଅଞ୍ଚଳ ଗୁଡ଼ିକରେ ଯେଉଁ ଉପଭାଷା ଗୁଡ଼ିକ ପ୍ରଚଳିତ ଥିଲା, ସେଗୁଡ଼ିକ ହେଉଛି—ରାଜସ୍ଥାନର ମେୱାଡ଼ୀ, ମାରୱାଡ଼ୀ, ଜୟପୁରୀ ଓ ମାଳବୀ, ହରିଆନାର ଖଡ଼ୀବୋଲି ଓ ବାଙ୍ଗରୁ ଏବଂ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରର ବ୍ରଜଭାଷା, କନୌଜୀ, ବୁନ୍ଦେଲୀ, ଅବଧୀ, ବଘେଲୀ, ଛତିଶଗଢ଼ୀ, ମୈଥିଳୀ, ଭୋଜପୁରୀ, ମାଗଧୀ ଇତ୍ୟାଦି । ଯେଉଁ ଲିପି ବ୍ୟାପକ ଭାବେ ବ୍ୟବହୃତ ହେଉଥିଲା, ତାହା ହେଉଛି ଦେବନାଗରୀ । ଯେହେତୁ କବିମାନଙ୍କ ଦ୍ୱାରା ବିଶେଷ ଭାବରେ ମାରୱାଡ଼ୀ, ବ୍ରଜଭାଷା, ଅବଧୀ, ମୈଥିଳୀ ଓ ଭୋଜପୁରୀ ଭଳି ହିନ୍ଦୀର ଅଧିକାଂଶ ଉପଭାଷା କବିମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା, ସେ ହେତୁ ଏହି ଉପଭାଷା ଗୁଡ଼ିକରେ ବ୍ୟାପକ ଭାବେ କାବ୍ୟ-ସାହିତ୍ୟ ଗଢ଼ି ଉଠିଥିଲା । ମଧ୍ୟବର୍ତ୍ତୀ କାଳ ସୁଦ୍ଧା ନିଶ୍ଚିତ ଭାବେ ଗଦ୍ୟ ସାହିତ୍ୟର ବ୍ୟବହାର ଅତି କମ୍ ଥିଲା ।

ମୁସଲମାନମାନଙ୍କର ଭାରତକୁ ଆଗମନ ଦ୍ୱାରା ଏକ ନୂଆ ଘଟଣା ଘଟିଲା । ଏହି ଆକ୍ରମଣକାରୀଙ୍କ ଦ୍ୱାରା ଆସିଥିବା ଆରବୀ, ପାର୍ଶୀ ଓ ତୁର୍କୀ ଶବ୍ଦଗୁଡ଼ିକ, ଦାକ୍ଷିଣାତ୍ୟକୁ ମିଶାଇ ଯେଉଁ ଅଞ୍ଚଳରେ ମୁସଲମାନ ଶାସକ ଓ ବିଜେତାମାନେ ଜୟଲାଭ କଲେ ବା ପ୍ରାଧାନ୍ୟ ବିସ୍ତାର କଲେ, ସେହି ଅଞ୍ଚଳଗୁଡ଼ିକର କଥିତ ଭାଷାରେ ମିଶିଗଲା ଓ ଉର୍ଦ୍ଦୁ (ତୁର୍କୀରେ ଏହାର ଅର୍ଥ ଗୋଟିଏ ସେନା-ଛାଉଣୀ ଅଟେ)ର ବିକାଶର ମୂଳରେ ଏହି ଅଞ୍ଚଳଗୁଡ଼ିକର ଅବଦାନ ରହିଛି । ହିନ୍ଦୀରେ

ଆରବୀ, ପାର୍ଶୀ ଓ ତୁର୍କୀ ଭଳି ବିଦେଶୀ ଶବ୍ଦଗୁଡ଼ିକର ସମ୍ମିଶ୍ରଣ ଦ୍ୱାରା ଏହି ନୂତନ କଥିତ ଭାଷାଟି ଜନ୍ମ ଗ୍ରହଣ କଲା । ଆକ୍ରମଣକାରୀମାନଙ୍କର ଭାଷା ଏବଂ କଥିତ ଉପଭାଷାର ସମ୍ପର୍କ ଅତି ନିବିଡ଼ ଥିଲା । ଶାସକମାନଙ୍କର ପାର୍ଶୀ ଭାଷାକୁ ଅନେକ ହିନ୍ଦୁ ଗ୍ରହଣ କରିଥିବାର ଉଦାହରଣ ମିଳେ । ଅନ୍ୟ ଦିଗରେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିବା ଅନେକ ମୁସଲମାନ ଶାସକଙ୍କ ଠାରୁ ଊଲଆ (ହିନ୍ଦୁ) ସୈନ୍ୟ, ଦିଲ୍ଲୀ ଅଞ୍ଚଳର ରେଖ୍‌ତା ବା ହିନ୍ଦଓ୍ୱି ଭଳି କଥିତ ଭାଷାର ପୃଷ୍ଠପୋଷକତା କରୁଥିଲେ । ଶାହ୍ ମୀର, ବା-ାପୃଶ, ବୁରହାନୁଦ୍ଦୀନ, ସୟଦ ମହମ୍ମଦ ଗହ୍ୱସୁଦ୍‌ରାଜ ପ୍ରମୁଖ ହିନ୍ଦଓ୍ୱିରେ ରଚନା କରିଥିଲେ । ଅମୀର ଖୁସରୁ, ମଲ୍ଲିକ ମହମ୍ମଦ ଜାୟସୀ ଏବଂ କବୀର, ସୁନ୍ଦର ଓ ବିଶୁଙ୍କ ହିନ୍ଦୀ ବୋଲି କୁହାଯାଉଥିବା ହିନ୍ଦଓ୍ୱି ଭାଷାରେ ହିଁ ଲେଖିଥିଲେ । ବିଶେଷ ଭାବରେ ଆକ୍‌ବରଙ୍କ ଭଳି ମୋଗଲମାନେ ହିନ୍ଦଓ୍ୱିର ବ୍ୟବହାର ପାଇଁ ପ୍ରେରଣା ଯୋଗାଇ ଥିଲେ । ପ୍ରକୃତ ପକ୍ଷେ ସେ ନିଜକୁ 'ଆକ୍‌ବର ରାୟ' ଭାବରେ ନାମିତ କରିଛ, ସେହି ନାମରେ କେତେକ ପଦ୍ୟ ହିନ୍ଦଓ୍ୱି ଭାଷାରେ ଲେଖିଛନ୍ତି । ତାଙ୍କର ପ୍ରିୟ ମନ୍ତ୍ରୀମାନଙ୍କ ମଧ୍ୟରୁ ତୋଡରମଲ୍ଲ, ବୀରବଲ, ଅବ୍‌ଦୁଲ ରହିମ ଖାନଖାନା ଓ ଅବୁଲ ଫୈଜୀ ଏବଂ ତାଙ୍କର ସମସାମୟିକ ଗଙ୍ଗା କବି, ତୁଳସୀ ଦାସ, ସୁର ଦାସ ଓ କେଶବ ଦାସଙ୍କ ଭଳି କବିମାନେ ମଧ୍ୟ ଦେହି ଦେଶ ହିନ୍ଦଓ୍ୱି ଭାଷାରେ ହିଁ ତାଙ୍କ ଲେଖା ରଚନା କରିଛନ୍ତି । ଜାହାଙ୍ଗୀର ଓ ଶାହାଜାହାନଙ୍କ ଶାସନ କାଳରେ ମଧ୍ୟ ହିନ୍ଦୀକୁ ପୂର୍ବ ଭଳି ସମ୍ମାନ ଉତ୍ସାହ ମିଳୁଥିଲା । ପରବର୍ତ୍ତୀ କାଳରେ ହିନ୍ଦୀ ଲକ୍ଷ୍ନୌ, ଅବଧ, ମୁର୍ଶିଦାବାଦ ଓ ଦକ୍ଷିଣର ହାଇଦ୍ରାବାଦର ପ୍ରାନ୍ତୀୟ ନବାବ ଶାସକମାନଙ୍କର ପୃଷ୍ଠପୋଷକତା ଲାଭ କଲା । ଶେଷ ମୋଗଲ ସମ୍ରାଟ ନିଜେ ମଧ୍ୟ ଏକ କବି ଥିଲେ ଏବଂ ତାଙ୍କ ଲେଖାକୁ ଅନେକେ ଉତ୍କୃଷ୍ଟ ହିନ୍ଦୀ ବୋଲି ଦାବୀ କରନ୍ତି ।

ମୋଗଲ ଶାସନ କାଳରେ କଳାଗୁଡ଼ିକ ମଧ୍ୟରେ କାବ୍ୟ ସର୍ବଶ୍ରେଷ୍ଠ ଥିଲା । ତଥାପି ବି ସେତେବେଳେ କେତେକ ଗଦ୍ୟ ରଚନାର ପ୍ରଚେଷ୍ଟା ହୋଇଥିଲା, ଯଥା— ରାମପ୍ରସାଦ ନିରଞ୍ଜନଙ୍କର 'ଭାଷା ଯୋଗବାଶିଷ୍ଠ' (୧୭୧୪) ଏବଂ ପଣ୍ଡିତ ଦୌଲତ-ରାମଙ୍କର 'ପଦ୍ମ ପୁରାଣ'ର ହିନ୍ଦୀ ଅନୁବାଦ (୧୭୬୧) । ଖ୍ରୀଷ୍ଟ ମିଶନାରୀମାନଙ୍କର ପଦାର୍ପଣ ଦ୍ୱାରା ଏକ ନୂତନ ଘଟଣା ଘଟିଲା । ଆଞ୍ଚଳିକ ଭାଷା ଗୁଡ଼ିକ ମାଧ୍ୟମରେ

ହିତୋପଦେଶ ପ୍ରଚାର କରିବା ଥିଲା ଏହି ମିସନାରୀମାନଙ୍କର ଉଦ୍ଦେଶ୍ୟ ଏବଂ ସେମାନଙ୍କ ପାଖରେ ଛାପାଖାନାର ସୁବିଧା ଥିଲା, ଯାହାକି ଅନ୍ୟମାନଙ୍କ ପାଖରେ ନ ଥିଲା । ଏହି ଛାପାର ସୁବିଧା ହିନ୍ଦୀ ସମେତ ଅନ୍ୟାନ୍ୟ ଭାରତୀୟ ଲୋକଭାଷାରେ ଲେଖିବା ପାଇଁ ପ୍ରେରଣା ଯୋଗାଇ ଥିଲା । ସେମାନଙ୍କର ଉଦ୍ଦେଶ୍ୟ ଥିଲା ଏପରି ଏକ ଭାଷା ବ୍ୟବହାର କରିବା ଯାହାକୁ ଅଧିକାଂଶ ଲୋକେ ବୁଝି ପାରିବେ । ତାହା ଥିଲା କଥିତ ହିନ୍ଦୀ ଭାଷା । ତେଣୁ ତାର ବହୁଳ ବ୍ୟବହାର ପାଇଁ ସେମାନେ ଚେଷ୍ଟା କଲେ । ଅନେକ ଗୁଡ଼ିଏ କାରଣ ଯୋଗୁଁ ଏହି ଭାଷା ଗଦ୍ୟ ରୂପରେ ବ୍ୟବହୃତ ହେଉ ନ ଥିଲା । ସତ କହିବାକୁ ଗଲେ ଗଦ୍ୟରେ ମଧ୍ୟ ବେଳେ-ବେଳେ ବ୍ରଜଭାଷା ବ୍ୟବହୃତ ହେଉଥିଲା ।

ମୋଗଲ ସାମ୍ରାଜ୍ୟର ବିଚ୍ଛିନ୍ନତା ଓ ଇଷ୍ଟ-ଇଣ୍ଡିଆ-କଂପାନୀର ପ୍ରଭାବ ବିସ୍ତାର ପରେ ବ୍ରିଟିଶରମାନେ ଭାରତର କଥିତ ଭାଷାଗୁଡ଼ିକର ମହତ୍ତ୍ୱ ଉପଲବ୍ଧି କଲେ । ଇଂଲଣ୍ଡରୁ ଆସିଥିବା ନୂତନ ବ୍ୟକ୍ତିମାନଙ୍କୁ ଭାରତୀୟ ଭାଷାଗୁଡ଼ିକର ଶିକ୍ଷାଦାନ ନିମନ୍ତେ କଂପାନୀ ୧୮୦୦ ମସିହାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କଲେ । ଏହି କଲେଜଟି ଡକ୍ଟର ଗିଲ୍‌କ୍ରାଇଷ୍ଟଙ୍କ ଅଧ୍ୟକ୍ଷତାରେ ଚାଲିଲା । ଉର୍ଦ୍ଦୁ ଭାଷା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇ ଗିଲ୍‌କ୍ରାଇଷ୍ଟ ନିଜେ ଉର୍ଦ୍ଦୁରୁ ଇଂରାଜୀକୁ ଏକ ଶବ୍ଦ କୋଷ ନିର୍ମାଣ କଲେ ଓ ଉର୍ଦ୍ଦୁ ବ୍ୟାକରଣରେ ମଧ୍ୟ ଗୋଟିଏ ପୁସ୍ତକ ରଚନା କଲେ । ସେ କେତେକ ପ୍ରମୁଖ ଲେଖକଙ୍କୁ ଏକାଠି କଲେ, ଯେଉଁମାନେ କି କମ୍ପାନୀ ଶାସନର ରାଜନୈତିକ ସ୍ଥିରତା ଏବଂ କଂପାନୀ ଦେଉଥିବା ପ୍ରୋତ୍ସାହନର ପ୍ରଚାର ନିମନ୍ତେ କାର୍ଯ୍ୟ କଲେ । ଏହି ଲେଖକଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଦ୍ୱିଭାଷୀ ଥିଲେ । ଅର୍ଥାତ୍ ସେମାନେ ଯେ କେବଳ ହିନ୍ଦଓ୍ୱି ବା ହିନ୍ଦୀ ଭଳି ଲୋକଭାଷା ହିଁ ଜାଣିଥିଲେ, ତାହା ନୁହେଁ, ବରଂ ପାର୍ସୀ ଓ ଉର୍ଦ୍ଦୁ ଭଳି ସେତେବେଳେ ପ୍ରଚଳିତ କଚେରୀର ଭାଷା ମଧ୍ୟ ଜାଣିଥିଲେ । ଆଗ୍ରାରୁ ଆସିଥିବା ଲଲ୍ଲୁଜୀ 'ଲଲ', ପଶ୍ଚିମ ଉତ୍ତର ପ୍ରଦେଶର ଆଞ୍ଚଳିକ ଭାଷା ଖଡ଼ୀବୋଲି ଓ ବ୍ରଜଭାଷାକୁ ଭଲଭାବେ ଜାଣିଥିବାରୁ, ସେ ଭାଗବତ-ପୁରାଣର ଗୋଟିଏ ଅଧ୍ୟାୟର ହିନ୍ଦୀ ଅନୁବାଦ କରିଥିଲେ ଓ ତାକୁ 'ପ୍ରେମସାଗର' ନାମରେ ପ୍ରକାଶ କରିଥିଲେ । ତାଙ୍କ ଦ୍ୱାରା ହିତୋପଦେଶ ଓ ପଞ୍ଚତନ୍ତ୍ରର ବ୍ରଜଭାଷାରେ ଅନୁବାଦ 'ରାଜନୀତି' ନାମରେ ପ୍ରକାଶିତ ହୋଇଥିଲା ଏବଂ

ମିଶ୍ରିତ ଉର୍ଦ୍ଦୁ ଓ ହିନ୍ଦୀରେ 'ସିଂହାସନ-ବତିଶି' ଓ 'ବୈତାଳ-ପଚିଶି' ଭଳି ପୁସ୍ତକ ତାଙ୍କ ଦ୍ୱାରା ରଚିତ ହୋଇଥିଲା । ଅନ୍ୟ ଏକ ସୁନାମଧନ୍ୟ ଲେଖକ ସଦଲମିଶ୍ର 'ନାସିକେତୋପାଖ୍ୟାନ' (୧୮୦୩) ଲେଖିଥିଲେ । ତାଙ୍କ ହିନ୍ଦୀ ଯାହାକି ଲଲ୍ଲୁଜୀ 'ଲାଲ'ଙ୍କ ହିନ୍ଦୀ ଅପେକ୍ଷା ଉତ୍କୃଷ୍ଟ ଧରଣର ବୋଲି ପରିଗଣିତ ହେଉଥିଲା, ତାକୁ ଶାସକମାନେ ଅଧିକ ପସନ୍ଦ କରୁ ନ ଥିଲେ । ଇନ୍‌ଶା ଅଲ୍ଲାଖାଁ 'ରାଣୀ କେତକୀ କୀ କହାନୀ' ନାମରେ ଏକ ଉତ୍କୃଷ୍ଟ ପୁସ୍ତକ ରଚନା କରିଥିଲେ ।

ଯଦିଓ କଥିତ ହିନ୍ଦୀର ବ୍ୟାପକ ବ୍ୟବହାର ନ ଥିଲା, ତଥାପି ହିନ୍ଦୀ ଗଦ୍ୟରେ ତାର ଉପଯୋଗିତା ଗ୍ରହଣୀୟ ଥିଲା । ରାଜା ରାମମୋହନ ରାୟ ତାଙ୍କର 'ବଙ୍ଗଦୂତ' ପୁସ୍ତକଟି ଚାରୋଟି ଭାଷାରେ ପ୍ରକାଶ କରିଥିଲେ । ତନ୍ମଧ୍ୟରୁ ଦେବନାଗରୀ ଲିପିର ହିନ୍ଦୀ ଗଦ୍ୟ ଗୋଟିଏ । ସେ ଜଣେ ଅନ୍ୟ କେତେକ ପୁସ୍ତିକାରେ ମଧ୍ୟ ଏହି ଭାଷାର ବ୍ୟବହାର କରିଛନ୍ତି । ଏହା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଯେ, ହିନ୍ଦୀର ଯେଉଁ ପ୍ରଥମ ପତ୍ରିକା 'ଉଦନ୍ତ ମାର୍ତ୍ତଣ୍ଡ' (୧୮୨୬) ପ୍ରକାଶିତ ହୋଇଥିଲା, ସେଥିରେ ମଧ୍ୟ ହିନ୍ଦୀ ଗଦ୍ୟ ବ୍ୟବହୃତ ହୋଇଥିଲା ।

ଦୁର୍ଭାଗ୍ୟର କଥା ଯେ, ହିନ୍ଦୀ ସାହିତ୍ୟରେ ଓ ସାମ୍ବାଦିକତାରେ ଯେଉଁ ପ୍ରକାର ନେତୃତ୍ୱ ନିଆଯାଇଥିଲା, ତାହା ପରବର୍ତ୍ତୀ କେତେକ ଦଶନ୍ଧିରେ ଅନୁସୃତ ହୋଇ ପାରି ନ ଥିଲା । ଏହି ମଶାଲକୁ ଆଗେଇନେବା ନିମନ୍ତେ ଉତ୍ସାହ କମି ଯାଇଥିଲା । ଏହାର ଏକ ସମ୍ଭାବ୍ୟ କାରଣ ଏହା ହୋଇପାରେ—ଇଷ୍ଟ ଇଣ୍ଡିଆ କଂପାନୀର ଅଫିସରମାନଙ୍କର ଉଦାସୀନତା ଏବଂ ସେମାନେ ଯେଉଁ ମୋଗଲ ସମ୍ରାଟ ମାନଙ୍କର ବଦଳରେ ରହୁଁଥିଲେ ସେମାନଙ୍କର ଦରବାରୀ ଭାଷା ଉପରେ ଗୁରୁତ୍ୱ ପ୍ରଦାନ । ଅତଏବ ହିନ୍ଦୀ ଯେ ଅନ୍ତରାଳକୁ ଚାଲି ଯାଇଥିଲା, ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ।

୧ ୪୪ ଖ୍ରୀଷ୍ଟାବ୍ଦରେ ବାରାଣସୀରୁ ହିନ୍ଦୀ ଭାଷା ଭାଷୀ ଉତ୍ତର ଭାରତର ପ୍ରଥମ ହିନ୍ଦୀ ପତ୍ରିକା ପ୍ରକାଶିତ ହୋଇଥିଲା । ବଙ୍ଗଳା ଲେଖକ ତାରମୋହନ ମିତ୍ରଙ୍କ ଦ୍ୱାରା ସଂପାଦିତ ଉକ୍ତ ପତ୍ରିକାଟିରେ ରାଜା ଶିବ ପ୍ରସାଦ 'ସିତାର୍-ଇ-ହିନ୍ଦ'ଙ୍କ ପ୍ରତ୍ୟକ୍ଷ ପୃଷ୍ଠପୋଷକତାରେ, ପାର୍ଶି ମିଶ୍ରିତ ଉର୍ଦ୍ଦୁ ଭାଷାର ଅଧିକ ବ୍ୟବହାର ଥିଲା ।

କେବଳ ଲିପି ଦୃଷ୍ଟିରୁ ହିନ୍ଦୀ ସହିତ ସମ୍ପର୍କ ରକ୍ଷା କରାଯାଇ ଥିଲା । ରାଜା ଶିବପ୍ରସାଦ ଯଦିଓ ଦେବନାଗରୀ ଲିପିର ସପକ୍ଷରେ ଥିଲେ, ତଥାପି ଫାର୍ଶୀ ମିଶ୍ରିତ ଉର୍ଦ୍ଦୁ ପାଇଁ ଓକିଲାତି କରୁଥିଲେ । ହିନ୍ଦୀ ଲେଖକମାନେ ଏହାର ବିରୋଧ କଲେ ଏବଂ ଏହି ବିରୋଧ ହିଁ ୧୮୫୦ ଖ୍ରୀ: ରେ ବାରାଣସୀରୁ 'ସୁଧାକର' ନାମକ ଅନ୍ୟ ଏକ ପତ୍ରିକା ପ୍ରକାଶନର ମୂଳ କାରଣ ହେଲା । କିନ୍ତୁ ଖୁବ୍ ଆଶ୍ଚର୍ଯ୍ୟର କଥା ଯେ, ତାରାମୋହନ ମିଶ୍ରଙ୍କ ଦ୍ୱାରା ମଧ୍ୟ ଏହି ପତ୍ରିକାଟି ସମର୍ଥନ ଲାଭ କଲା । ଏହି ପତ୍ରିକାରେ କେତେ-କାଂଶରେ ଯେଉଁ ଶୁଦ୍ଧ ଭାଷା ବ୍ୟବହୃତ ହେଲା ତାକୁ ବିଶୁଦ୍ଧ ହିନ୍ଦୀ କୁହା ଯାଇ ପାରେ ।

ରାଜା ଶିବପ୍ରସାଦଙ୍କ ଦ୍ୱାରା ବିସ୍ତାର ଲାଭ କରିଥିବା ହିନ୍ଦୀର ବିରୋଧ କେବଳ ପତ୍ର ପତ୍ରିକା ମଧ୍ୟରେ ସୀମିତ ନ ଥିଲା । 'ଇତିହାସ-ତିମିରନାଶକ' ଭଳି ପୁସ୍ତକରେ ବ୍ୟବହୃତ ଶୈଳୀର ମଧ୍ୟ ବିରୋଧ ହେଲା । ହିନ୍ଦୀ ଓ ଉର୍ଦ୍ଦୁ ମଧ୍ୟରେ ଥିବା ମୌଳିକ ପ୍ରଭେଦ ବିଷୟରେ କହୁଥିବା ରାଜା ଲକ୍ଷ୍ମଣ ସିଂହ (୧୮୨୬-୧୮୯୬) ଏହି ବିରୋଧମାନଙ୍କର ନେତା ଥିଲେ । ତାଙ୍କ ମତରେ ହିନ୍ଦୀ ଓ ଉର୍ଦ୍ଦୁ ଉଭୟ ସ୍ୱତନ୍ତ୍ର ଭାଷା । ଯେତେବେଳେ ଦୈନନ୍ଦିନ ଜୀବନରେ ବ୍ୟବହୃତ ସରଳ ଶବ୍ଦ ଗୁଡିକ ହିନ୍ଦୀରେ ମିଳୁଥିଲା, ସେତେବେଳେ ପାର୍ଶୀ ଓ ଆରବୀ ଶବ୍ଦଗୁଡିକୁ ବଳପୂର୍ବକ ଲଦି ଦିଆ ଯାଉଥିବାରୁ, ସେ ଏହି ପ୍ରବୃତ୍ତିର ବିରୋଧ କଲେ ।

# ୬

ହରିଶ୍ଚନ୍ଦ୍ର ୧୮୬୭ ଖ୍ରୀଃରେ 'କବି ବଚନ ସୁଧା' ନାମକ ଏକ ମାସିକ ପତ୍ରିକାର ପ୍ରକାଶନ ମାଧ୍ୟମରେ ପତ୍ରପତ୍ରିକା ଓ ପୁସ୍ତକଗୁଡ଼ିକ କେଉଁ ଭାଷାରେ ରଚିତ ହେବ, ତା'ର ବିବାଦକୁ ଚାହିଁ ଦୂର କରିଦେଲେ । ପ୍ରାଚୀନ ଓ ନୂତନ କବିତା ପ୍ରକାଶ କରିବା ଏହି ପତ୍ରିକାର ମୂଳ ଲକ୍ଷ୍ୟ ଥିଲା । ଏହାର ପ୍ରଥମ ସଂଖ୍ୟା ଗୁଡ଼ିକରେ କବୀରଙ୍କ 'ଦୋହା', ଜାୟସୀଙ୍କ 'ପଦ୍ମାବତ' ଓ ଦୀନଦୟାଳ ଗିରିଙ୍କ 'ଅନୁରାଗ-ବାଗ' ପ୍ରକାଶିତ ହୋଇଥିଲା । କବି ଭାବରେ ଅନ୍ୟମାନଙ୍କଠାରୁ କୌଣସି ଗୁଣରେ ନ୍ୟୁନ ନ ହୋଇଥିବା ହରିଶ୍ଚନ୍ଦ୍ର ପ୍ରଭାବଶାଳୀ କବିତା ସୃଷ୍ଟି କରିପାରୁଥିଲେ । ଲୋକେ ତାଙ୍କୁ 'କଲିଯୁଗ କା କହ୍ନେୟା' ଅର୍ଥାତ୍ 'କଳିଯୁଗର କୃଷ୍ଣ' ବୋଲି ଅଭିହିତ କରୁଥିଲେ । ତାଙ୍କ ଶରୀରର ଶ୍ୟାମଳ ବର୍ଣ୍ଣ ଏବଂ ଲମ୍ବା କୁଞ୍ଚୁକୁଞ୍ଚିଆ ମୁଣ୍ଡବାଳ, ତାଙ୍କର ଏପରି ନାମକରଣରେ ଆଂଶିକ କାରଣ ଥିଲା । ଦୋହା-ଛନ୍ଦ, କାବ୍ୟାବୃତ୍ତି ଏବଂ ପତ୍ରିକା ଗୁଡ଼ିକରେ ତାଙ୍କ ଲେଖା ହେତୁ ତାଙ୍କର ପାଠକ ସଂଖ୍ୟା ବୃଦ୍ଧି କରିଥିଲା ।

'କବି ବଚନ ସୁଧା'ର ଲୋକପ୍ରିୟତା ଉଲ୍ଲେଖଯୋଗ୍ୟ ଥିଲା, କେବଳ ଗ୍ରାହକ ଭୁକ୍ତିରୁ ୧୫୦ ଖଣ୍ଡ ଓ ବ୍ରିଟିଶ ଶିକ୍ଷା ଅଧିକାରୀଙ୍କ ନିମନ୍ତେ ୧୦୦ ଖଣ୍ଡ, ଏହିପରି ଏହା ମୋଟ ୨୫୦ ଖଣ୍ଡ ମୁଦ୍ରିତ ହେଉଥିଲା । ଖୁବ୍ ଶୀଘ୍ର ଏହା ପାକ୍ଷିକ ଓ ପରେ-ପରେ ସାପ୍ତାହିକ ହୋଇଗଲା । ପରବର୍ତ୍ତୀ ବର୍ଷମାନଙ୍କରେ ଏଥିରେ ଗଦ୍ୟ ମଧ୍ୟ ପ୍ରକାଶିତ ହେଲା ।

ପରବର୍ତ୍ତୀ ସମୟର ହିସାବରୁ ଜଣାଯାଏ ଯେ, ୧୮୬୭ ଖ୍ରୀରେ କାନପୁର, ସିକନ୍ଦରାବାଦ ଓ ବାରଣସୀରୁ ହିନ୍ଦୀରେ ପ୍ରକାଶିତ ତିନୋଟି ପତ୍ରିକା ମଧ୍ୟରୁ 'କବି ବଚନ ସୁଧା' ଅନ୍ୟତମ । ଏହା ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା । ସେ ହିନ୍ଦୀ ସାମ୍ବାଦିକତାରେ ରାମମୋହନରାୟ ଭଳି ବିବେଚିତ

ହୋଇଥିଲେ । ସେ ତାଙ୍କର ମାସିକ ପତ୍ରିକାର ପ୍ରଥମ ପ୍ରକାଶେ ଅନେକ ନୂଆ ଲେଖକଙ୍କୁ ଜଣେ ପ୍ରତିଷ୍ଠିତ ଲେଖକ ହୋଇ ପାରିଥିଲେ ଏବଂ ତାଙ୍କର ଏହି ସାହସିକ ପଦକ୍ଷେପ ଅନ୍ୟ ଲେଖକ ମାନଙ୍କୁ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ପ୍ରେରଣା ଯୋଗାଇଲା । ଏହା କୁହାଯାଇ ପାରେ ଯେ, ତାଙ୍କ ପ୍ରଚେଷ୍ଟାରେ ହିନ୍ଦୀ ସାମ୍ବାଦିକତା ଆତ୍ମ ନିର୍ଭର-ଶୀଳ ହୋଇ ପାରିଥିଲା । ତାଙ୍କ ପତ୍ରିକା ପରେ-ପରେ ହିନ୍ଦୀ ସାହିତ୍ୟ ମାନର ବହୁ ପତ୍ରିକାର ସଂଖ୍ୟା ବଢ଼ିଲା । କିନ୍ତୁ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ କେବଳ ଅଳ୍ପ କିଛି ବର୍ଷ ତିଷ୍ଠି ପାରିଥିଲା । ଏହାର କାରଣ ଥିଲା ସର୍ବ ସାଧାରଣଙ୍କର ସମର୍ଥନର ଅଭାବ ।

'କବି ବଚନ ସୁଧା' ହରିଶ୍ଚନ୍ଦ୍ରଙ୍କର ସମ୍ପାଦକତା ବା ଯୋଗ୍ୟତାର ଛଟା କେବଳ ଉନ୍ମେଜିତ କଲା । ଅଳ୍ପକାଳ ପରେ (୧୮୭୩) ସେ 'ହରିଶ୍ଚନ୍ଦ୍ର ମାଗାଜିନ' ନାମକ ଅନ୍ୟ ଏକ ପତ୍ରିକାର ପ୍ରକାଶନ ଆରମ୍ଭ କଲେ, ଯାହା ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠିଲା । ହରିଶ୍ଚନ୍ଦ୍ରଙ୍କର ମିତ୍ରମଣ୍ଡଳୀ 'ମାଗାଜିନ' ଶବ୍ଦର ବ୍ୟବହାରକୁ ଭଲ ପାଉ ନ ଥିଲେ । ତେଣୁ ସେ ତାକୁ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ନାମରେ ପୁନର୍ନାମିତ କଲେ । କିନ୍ତୁ ପୃଷ୍ଠାର ଶୀର୍ଷକରେ ମୁଦ୍ରିତ ଇଂରାଜୀ 'ମାଗାଜିନ' ଶବ୍ଦଟିକୁ ବାହାର ପଛ ମଲାଟରେ ଲେଖା ଯାଉଥିଲା ।

'ହରିଶ୍ଚନ୍ଦ୍ର ଚନ୍ଦ୍ରିକା'ଟି ଗୋଟିଏ ନୂତନ ଧରଣର ପତ୍ରିକା ଥିଲା । ଗଦ୍ୟ ଓ ନାଟକ ପ୍ରକାଶନ ଏହାର ବିଶେଷତ୍ୱ ଥିଲା ଏବଂ ପ୍ରବନ୍ଧ, ପୁସ୍ତକ-ସମାଲୋଚନା, ଚେଖ୍, ହାସ୍ୟରସ ସମ୍ପର୍କୀୟ ଲେଖା ମଧ୍ୟ ଏଥିରେ ସ୍ଥାନ ପାଉଥିଲା । ଜନସାଧାରଣର ବହୁ ପ୍ରକାର ଆବଶ୍ୟକତାକୁ ମନେ ରଖି ଏହି ପତ୍ରିକାଟି ସେ ସମ୍ବନ୍ଧୀୟ ଲେଖା ଓ ପ୍ରବନ୍ଧକୁ ସ୍ଥାନ ଦେଉଥିଲା । ସହ-ସମ୍ପାଦକ ଭାବେ ନାମିତ ହୋଇଥିବା ଏହି ପତ୍ରିକାର ଲେଖକଗଣ ଥିଲେ ସେ ଯୁଗର ଯଶସ୍ୱୀ ବ୍ୟକ୍ତି ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, କେଶବଚନ୍ଦ୍ର ସେନ୍, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ । 'କବି ବଚନ ସୁଧା' ଭଳି ଏହି ପତ୍ରିକାଟି ମଧ୍ୟ ଭାରତର ବ୍ରିଟିଶ ଅଧିକାରୀ ମାନଙ୍କର ପୃଷ୍ଠପୋଷକତା ଲାଭ କରିଥିଲା ଓ ସେମାନେ ସେଥିରୁ ୧୦୦ ଖଣ୍ଡ ପତ୍ରିକା କିଣୁଥିଲେ ।

ପତ୍ରିକାଟିର ଏହି ବିଶେଷତ୍ୱ ଥିଲା ଯେ ଏହା ରାଜା ଶିବପ୍ରସାଦ 'ସିତାରେ-ହିନ୍ଦ' ଓ ତାଙ୍କ ଅନୁଗାମୀମାନଙ୍କ ଦ୍ୱାରା ବ୍ୟବହୃତ ଅତ୍ୟଧିକ ପାର୍ଶୀ ବହୁଳ ଶବ୍ଦାବଳୀ ବା ବାରଣସୀର ବ୍ରାହ୍ମଣ ସମାଜ ଦ୍ୱାରା ବ୍ୟବହୃତ ସଂସ୍କୃତନିଷ୍ଠ ହିନ୍ଦୀର ପ୍ରୟୋଗ ବଦଳରେ ସାଧାରଣ ଜନତାଙ୍କର କଥିତ ହିନ୍ଦୀ ଭାଷାର ପ୍ରଚାର କରୁଥିଲା । ହରିଶ୍ଚନ୍ଦ୍ର ଲୋକେ କହୁଥିବା ହିନ୍ଦୀର ସପକ୍ଷରେ ଥିଲେ । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ଯେ ହରିଶ୍ଚନ୍ଦ୍ର ବାରଣସୀର ଅତି ଧନୀ ପରିବାରମାନଙ୍କ ଭିତରୁ ଜଣେ ଥିଲେ ମଧ୍ୟ, ସେ ସେଠାକାର କେତେକ ନିମ୍ନ-ଶ୍ରେଣୀ ବୋଲି ଅଭିହିତ ହେଉଥିବା ନିମ୍ନବର୍ଗ ଓ ସାଧାରଣ ଜନତାଙ୍କ ସହିତ ଅବାଧ ମିଳାମିଶା କରୁଥିଲେ । ବାହାରେ ଯାଉଥିବା ସମୟରେ ହରିଶ୍ଚନ୍ଦ୍ର ତାଙ୍କର ରାଜକୀୟ ବେଶଭୂଷା ଓ ଢଙ୍ଗଭଙ୍ଗୀ ସତ୍ତ୍ୱେ 'ଲାବନୀ' ଗୀତ ରଚନା କରୁଥିବା ଦଳଗୁଡ଼ିକଙ୍କ ପାଖରେ ବସି ଯାଉଥିଲେ ଓ ପଦ ରଚନା କରୁଥିଲେ । ସେ ନିଜର ଭାବ ସଂପ୍ରେଷଣ ଲାଗି ସାଧାରଣ ଲୋକଙ୍କର କଥିତ ଭାଷା, କୌଣସି ଦ୍ୱିଧା ନ କରି ବ୍ୟବହାର କରୁଥିଲେ । ସବୁ ଦୃଷ୍ଟିରୁ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା'ଟି ଅତି ଜନପ୍ରିୟ ଥିଲା । ଏହାର ପାଠକମାନେ ଉତ୍ସୁକତାର ସହିତ ପରବର୍ତ୍ତୀ ସଂସ୍କରଣ ଲାଗି ପ୍ରତୀକ୍ଷା କରୁଥିଲେ । ଏହାର କାର୍ଯ୍ୟ-ପଦ୍ଧତିରେ ହରିଶ୍ଚନ୍ଦ୍ର ନିଜେ ଖୁବ୍ ସନ୍ତୁଷ୍ଟ ଥିଲେ ।

ଉକ୍ତ ଦୁଇଟି ପତ୍ରିକା ହିନ୍ଦୀ ପତ୍ରିକା ଜଗତକୁ ଯଥେଷ୍ଟ ଚେତନା ଓ ଶକ୍ତି ଯୋଗାଇଲା । ଏହା ପରେ-ପରେ ଅନେକ ଗୁଡ଼ିଏ ହିନ୍ଦୀ ପତ୍ରିକା ଆତ୍ମପ୍ରକାଶ କଲା । ସାମ୍ବାଦିକ ଓ ଲେଖକଙ୍କର ଗୋଷ୍ଠିଏ ଦଳ ମଧ୍ୟ ଆଗେଇ ଆସିଲେ । 'ହରିଶ୍ଚନ୍ଦ୍ର ମଣ୍ଡଳ' ନାମରେ ନାମିତ ଏହି ଦଳଟି (ହରିଶ୍ଚନ୍ଦ୍ରଙ୍କର ଅନୁଗାମୀ) ହରିଶ୍ଚନ୍ଦ୍ରଙ୍କ ପରେ ମଧ୍ୟ ତାଙ୍କର ପରମ୍ପରା ବଜାୟ ରଖିଥିଲା ଏବଂ ହରିଶ୍ଚନ୍ଦ୍ରଙ୍କର କୃତିଗୁଡ଼ିକରୁ ପ୍ରେରଣା ପାଉଥିବା କଥା ସେମାନେ ସଦାସର୍ବଦା ସ୍ୱୀକାର କରୁଥିଲେ । ଏମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ମିର୍ଜାପୁରର, ଅନ୍ୟମାନଙ୍କ ଭଳି ଉର୍ଦ୍ଦୁରୁ ହିନ୍ଦୀକୁ ଆସିଥିବା ବଦ୍ରୀନାରାୟଣ ଚୌଧୁରୀ 'ପ୍ରେମଘନ' । ସେ ହିନ୍ଦୀ ମାସିକ 'ଆନନ୍ଦ କାଦମ୍ବିନୀ' ଓ ସାପ୍ତାହିକ 'ନାଗରୀ ନୀରଦ'ର ପ୍ରକାଶନ କଲେ । ସେ ଜଣେ ବହୁପ୍ରସୂ ଲେଖକ ଥିଲେ । ହରିଶ୍ଚନ୍ଦ୍ର ତାଙ୍କୁ ଏକଦା ଉପଦେଶ ଦେଇଥିଲେ ଯେ ଜୀବନର ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ବହୁ ଲୋକଙ୍କର ଲେଖା ଦ୍ୱାରା

ପତ୍ରିକାଟିଏ ନିଶ୍ଚୟ ହେବା ଦରକାର । କେବଳ ଜଣେ ଲେଖକଙ୍କର ଲେଖାରେ ପତ୍ରିକାଟିକୁ ପରିପୂର୍ଣ୍ଣ କରିଦେବା ସମୀଚୀନ ନୁହେଁ । ଉର୍ଦ୍ଦୁରୁ ହିନ୍ଦୀକୁ ଆସିଥିବା ଅନ୍ୟ ଜଣେ ପ୍ରମୁଖ ଲେଖକ ଥିଲେ ପ୍ରତାପ ନାରାୟଣ ମିଶ୍ର । ହରିଶ୍ଚନ୍ଦ୍ରଙ୍କର ପତ୍ରିକା ମାଧ୍ୟମରେ ସେ ଲେଖା ଆରମ୍ଭ କରିଥିଲେ । ସେ କାନପୁରର 'ବ୍ରାହ୍ମଣ' ପତ୍ରିକାର ସମ୍ପାଦନା କରୁଥିଲେ । କଲିକତାରୁ ଅଲ୍ଲାହାବାଦ ଫେରି ଆସି ପଣ୍ଡିତ ବାଳକୃଷ୍ଣ ଭଟ୍ଟ 'ହିନ୍ଦୀ ପ୍ରଦୀପ' ନାମକ ପତ୍ରିକାଟିଏ ଜାରି କଲେ । ପରବର୍ତ୍ତୀ କାଳରେ ଏହି ପତ୍ରିକାଟି ଅଲ୍ଲାହାବାଦର 'ହିନ୍ଦୀ ବର୍ଦ୍ଧିନୀ ସଭା'ର ମୁଖପତ୍ର ରୂପେ ସ୍ଥାନ ଗ୍ରହଣ କଲା । ଏହି ସଭା ଓ ଏହାର ପତ୍ରିକା ଉଭୟ ହରିଶ୍ଚନ୍ଦ୍ରଙ୍କଠାରୁ ପ୍ରେରଣା ପାଇଥିଲେ । ଭଟ୍ଟଜୀ ନିଜେ ପତ୍ରିକାରେ ଶୀର୍ଷଲେଖା ଲେଖିଥିଲେ ଓ ଦେଶର ପ୍ରଗତିରେ ମାତୃଭାଷାର ଦେୟ ସମ୍ବନ୍ଧୀୟ ମହତ୍ତ୍ୱ ଅଭିଭାଷଣ (କବିତାରେ) ଦେବାଲାଗି ଅଲ୍ଲାହାବାଦ ଯାତ୍ରା କରିଥିଲେ । ଲାଲ ଶ୍ରୀନିବାସ ଦାସ ନାମକ ଜଣେ ଲେଖକ ପେଟ୍ଟର ଦିଲ୍ଲୀ ଗୃହଯାଇ ଥିଲେ । ସେ ଜଣେ ପ୍ରତିଷ୍ଠିତ ଲେଖକ ଥିଲେ । ସେ ମଧ୍ୟ ଉର୍ଦ୍ଦୁରେ ନ ଲେଖି ହିନ୍ଦୀରେ ଲେଖିଥିଲେ । ସେ 'ସଦାଦର୍ଶ' ନାମକ ପତ୍ରିକା ଆରମ୍ଭ କରିଥିଲେ, ଯେଉଁଟିକି ପରେ 'ଚନ୍ଦ୍ରିକା' ସହିତ ସାମିଲ ହୋଇ ଯାଇଥିଲା । ହରିଶ୍ଚନ୍ଦ୍ରଙ୍କର ପ୍ରଶଂସକ ପଣ୍ଡିତ ରାଧାଚରଣ ଗୋସ୍ୱାମୀ 'ଭାରତେନ୍ଦୁ' ନାମକ କାଗଜ ପ୍ରକାଶ କଲେ । ହରିଶ୍ଚନ୍ଦ୍ରଙ୍କର ଅନ୍ୟ ଜଣେ ପ୍ରଶଂସକ ବଟଶଙ୍କର ବ୍ୟାସ 'ସାର ସୁଧାନିଧି' ନାମକ ଗୋଟିଏ ପତ୍ରିକା ଆରମ୍ଭ କରିଥିଲେ ।

ଉକ୍ତ ସମସ୍ତ ପତ୍ରିକା ଏବଂ ସମ୍ପାଦକଗଣ 'କବି ବଚନ ସୁଧା' ଓ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଏହା ସ୍ୱାଭାବିକ ଯେ ହରିଶ୍ଚନ୍ଦ୍ର ନିଜର ସାଫଲ୍ୟ ପାଇଁ ଗର୍ବ ଅନୁଭବ କରୁଥିବେ । ସେ ପରବର୍ତ୍ତୀ କାଳରେ ପ୍ରାୟତଃ କହୁଥିଲେ ଯେ ସେ ଓ ତାଙ୍କ ମିତ୍ରମଣ୍ଡଳୀ ଦ୍ୱାରା ଲିଖିତ ସର୍ବାଧିକ ପ୍ରଭାବଶାଳୀ ଲେଖା ଗୁଡ଼ିକ 'ଚନ୍ଦ୍ରିକା'ରେ ହିଁ ପ୍ରକାଶିତ ହୋଇଥିଲା ।

ପତ୍ରକାରିତାରେ ତାଙ୍କର ସାଫଲ୍ୟ ଅନ୍ୟ ଦୁଇଟି ପତ୍ରିକା 'ବାଲାବୋଧିନୀ' ଏବଂ 'ଭଗବଦ ତୋଷିଣୀ'ର ପ୍ରକାଶ ପାଇଁ ଉତ୍ସାହ ଯୋଗାଇଲା । 'ବାଲାବୋଧିନୀ'ଟି

ମହିଳାମାନଙ୍କ ପାଇଁ ଉତ୍କୃଷ୍ଟ ଗୋଟିଏ ମାସିକ ପତ୍ରିକା ଏବଂ ଏହାର ଅଭିମୁଖ୍ୟ ଥିଲା ସ୍ତ୍ରୀ-ଶିକ୍ଷା ପ୍ରତି ଦୃଢ଼ ସମର୍ଥନ ଏବଂ ସେମାନଙ୍କର ଜାଗରଣ । ଏହି ଉଦ୍ଦେଶ୍ୟ ଦୃଷ୍ଟିରୁ ଏହା ଏକ ପଥପ୍ରଦର୍ଶକ ଥିଲା ଓ ବ୍ରିଟିଶ ଶାସକମାନଙ୍କର ପୃଷ୍ଠପୋଷକତା ଲାଭ କରିଥିଲା । 'କବି ବଚନ ସୁଧା' ଓ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ଭଳି ସେମାନେ ଏହି ପତ୍ରିକାଟିରୁ ମଧ୍ୟ ନିର୍ଦ୍ଦିଷ୍ଟ ସଂଖ୍ୟକ ପ୍ରତିଲିପି କିଣୁଥିଲେ । ହରିଶ୍ଚନ୍ଦ୍ର ନିଜେ ଜଣେ ବୈଷ୍ଣବ ଥିବାରୁ ତାଙ୍କ ଦ୍ୱାରା ସମ୍ପାଦିତ ଚତୁର୍ଥ ପତ୍ରିକା 'ଭଗବତ ତୋଷିଣୀ' ପ୍ରକାଶ କରିବାର ଉଦ୍ଦେଶ୍ୟ ଥିଲା ବୈଷ୍ଣବ ଭକ୍ତମାନଙ୍କର ଆକାଂକ୍ଷା ପୂରଣ କରିବା । ଏହି ପତ୍ରିକାଟିର କିଛି ଅଳ୍ପ ସଂଖ୍ୟକ ଅଙ୍କ ହିଁ ପ୍ରକାଶିତ ହୋଇ ପାରିଥିଲା ।

ହରିଶ୍ଚନ୍ଦ୍ର ଏପରି ଜଣେ ପରମ ବୈଷ୍ଣବ ଭକ୍ତ ଥିଲେ ଯେ ସେ କେବଳ ବୈଷ୍ଣବ ସମ୍ପ୍ରଦାୟର ପ୍ରଚାର ପାଇଁ ଗୋଟିଏ ସଂସ୍ଥା ଗଢ଼ିଥିଲେ, ତା ନୁହେଁ ଅନ୍ୟାନ୍ୟ ଅନୁଗାମୀ (ବିଶେଷ ଭାବରେ ଉତ୍ତର ଭାରତର) ମାନଙ୍କ ସହିତ ଯୋଗା-ଯୋଗ ଚେଷ୍ଟା କରିଥିଲେ । ମଥୁରାର ବଲ୍ଲଭାଚାର୍ଯ୍ୟ ସମ୍ପ୍ରଦାୟର ଅଧିନାୟକ ରାଧାଚରଣ ଗୋସ୍ୱାମୀଙ୍କ ସହିତ ସେ ଅତି ଘନିଷ୍ଠ ବ୍ୟକ୍ତିଗତ ସମ୍ପର୍କ ରଖିଥିଲେ । ଜଣେ ଗବେଷଣାରତ ଛାତ୍ର ଭଳି, ସମ୍ପ୍ରଦାୟର ଅଲୌକିକ ପୂର୍ବବର୍ତ୍ତୀ ଗୋସ୍ୱାମୀ-ମାନଙ୍କ ବିଷୟରେ ସବିଶେଷ ବିବରଣୀ ଜାଣିବା ପାଇଁ ସେ ଗୋସ୍ୱାମୀଙ୍କ ସହିତ ପତ୍ରାଳାପ କରୁଥିଲେ । ହରିଶ୍ଚନ୍ଦ୍ର ନିଜ ଆଲବମ୍ ପାଇଁ ଗୋସ୍ୱାମୀଙ୍କୁ ମହାନ ଗୋସ୍ୱାମୀମାନଙ୍କର ଚିତ୍ର ସଂଗ୍ରହ କରିବାକୁ ଅନୁରୋଧ କରିଥିଲେ ଓ ସେଥିପାଇଁ ସେ ପ୍ରଚୁର ଅର୍ଥ ମଧ୍ୟ ଦେଉଥିଲେ ।

ଗୋ-ବଧ ବନ୍ଦ ପାଇଁ ସେ ପ୍ରଚାର କରୁଥିଲେ । ଏଥିପାଇଁ ସେ ପାଣ୍ଡୁଲିପି ନାଟକ ବା ପୁସ୍ତକ ପଠାଇ ଭଲ ଦାମ୍ ଦେଉଥିଲେ । କେବଳ ଏତିକି ନୁହେଁ, ମାଂସ ଭକ୍ଷଣ ଓ ମଦ୍ୟପାନ ବନ୍ଦ ପାଇଁ ମଧ୍ୟ ଚେଷ୍ଟା କରୁଥିଲେ । ଏହି ଦୁଇଟି ଉପରେ ସାମାଜିକ ନିଷେଧାଦେଶ ଥିଲା । କେତେଦିନ ଧରି ଯେ ଏ ସଂସ୍ଥାଟି ଚାଲିଲା ତା ଜଣା ନାହିଁ । ଏହାର ସଦସ୍ୟମାନଙ୍କୁ ଲିଖିତ ଭାବରେ ପ୍ରତିଜ୍ଞା ନେବାକୁ ପଡୁଥିଲା । ଏହାର ଉଦ୍ଦେଶ୍ୟ ଯେ ହରିଶ୍ଚନ୍ଦ୍ରଙ୍କର ଅତ୍ୟନ୍ତ ପ୍ରିୟ ଥିଲା, ଏଥିରେ ସନ୍ଦେହ ନାହିଁ ।

*

ଯଦିଓ ହରିଶ୍ଚନ୍ଦ୍ର ସାତବର୍ଷ ବୟସରୁ କବିତା ରଚନା ଆରମ୍ଭ କରିଥିଲେ ଏବଂ ଅନେକ ଗୁଡ଼ିଏ ସାମାଜିକ ଓ ରାଜନୈତିକ ବିଷୟ ଉପରେ ଲେଖନୀ ଚାଳନା କରୁଥିଲେ, ତଥାପି ତାଙ୍କ କବିତାର ମୁଖ୍ୟ ଆଧାର ଥିଲା ବୈଷ୍ଣବମାନଙ୍କର ଭକ୍ତିମାର୍ଗ । ପ୍ରକୃତ ପକ୍ଷେ ସାଧାରଣତଃ ତାଙ୍କୁ ଭକ୍ତି-ଆନ୍ଦୋଳନର ଅନ୍ତିମ କବି ବୋଲି ଧରାଯାଏ ।

ହରିଶ୍ଚନ୍ଦ୍ର ବଡ଼ ବ୍ରଜଭାଷାପ୍ରେମୀ ଥିଲେ । ଏହି ଭାଷାରେ ଭଗବାନ କୃଷ୍ଣ ଓ ତାଙ୍କ ପ୍ରେମିକା ରାଧା ଏବଂ ତତ୍ ସମ୍ପୃକ୍ତ ଅନ୍ୟାନ୍ୟ ବିଷୟବସ୍ତୁ ଉପରେ ତାଙ୍କର ଭକ୍ତିସାହିତ୍ୟ ରଚିତ ହୋଇଛି । ହରିଶ୍ଚନ୍ଦ୍ର ଏଥିପାଇଁ ପ୍ରଶଂସନୀୟ ଯେ କେତେକଙ୍କ ଦ୍ୱାରା ଅସ୍ଥି ରହିତ ବୋଲି ବର୍ଣ୍ଣିତ ବ୍ରଜଭାଷାର ହାର୍ଦ୍ଦିକତା ଓ ମାଧୁର୍ଯ୍ୟ ତାଙ୍କ ଦ୍ୱାରା ନୂତନ ଭାବରେ ଓ ଅଧିକ ପରିମାର୍ଜିତ ହୋଇଥିଲା । ସେ ଇନ୍ଦ୍ରିୟାଶ୍ରିତ ଭକ୍ତି ଓ ଶ୍ରଦ୍ଧା-ଭକ୍ତି ମନୋଭାବର ଏକ ସମନ୍ୱୟ ସ୍ଥାପନ କଲେ । ତାଙ୍କର ଅନେକ ଗୁଡ଼ିଏ କବିତାରେ ଅଶ୍ଳୀଳତା, ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଦ୍ୱାରା ଗୌରବାନ୍ୱିତ ହୋଇଛି ଓ ଶୃଙ୍ଗାର ଭକ୍ତିରେ ପରିଣତ ହୋଇଛି ।

ହିନ୍ଦୀକୁ ହରିଶ୍ଚନ୍ଦ୍ର ପ୍ରାୟ ୩୦୦୦ ଭକ୍ତି ଓ ପ୍ରେମଗୀତ ଦେଇଛନ୍ତି । ଏହି ଗୀତ ଗୁଡ଼ିକ ଯଥାସମ୍ଭବ ସମସ୍ତ ପ୍ରକାର (ପ୍ରାୟ ଏକଶତ) ଛନ୍ଦରେ ରଚିତ, ଯଥା—ହିନ୍ଦୋଳା, ଖିଆଲ, ପୂରବୀ, କଲ୍ୟାଣ ଓ ବିହାଗ । ତାଙ୍କର ଗୀତଗୁଡ଼ିକ ୨୦ଟି ବୃତ୍ତିରେ ସନ୍ନିହିତ ଓ ସବୁଗୁଡ଼ିକ ତାଙ୍କ ଦ୍ୱାରା ଅନୁସୃତ ଧର୍ମସଂପ୍ରଦାୟ ଉପରେ ପର୍ଯ୍ୟବେଶିତ ।

'ଭକ୍ତ ସର୍ବସ୍ୱ'ରେ ସେ ଭଗବାନଙ୍କର ଅନେକ ଲକ୍ଷଣ ବିଷୟରେ କହିଛନ୍ତି । 'ପ୍ରେମମାଳିକା'ରେ କୃଷ୍ଣଙ୍କର ବାଲ୍ୟଲୀଳା ବର୍ଣ୍ଣିତ । ନିଜ ଜନ୍ମସ୍ଥାନ ଛାଡ଼ିବା ବେଳେ, ଗୋପୀମାନଙ୍କର ଭଗବାନଙ୍କ ପ୍ରତି ବଳବତ୍ତୀ ପ୍ରେମଭାବ କାବ୍ୟର ବିଷୟବସ୍ତୁ

ହୋଇଛି । କୃଷ୍ଣଙ୍କ ବିରହରେ ଗୋପୀମାନଙ୍କ ମନୋଭାବ ବର୍ଣ୍ଣନାରୁ କବିତା ଆରମ୍ଭ ହୋଇଛି । ଅନ୍ୟ କେତେକ କବିତାରେ ବିରହ ପରେ ଗୋପୀମାନେ କିପରି ମନରେ ଶାନ୍ତି ପାଇବେ ସେ ବିଷୟରେ କେତୋଟି ଉପଦେଶ ଦିଆଯାଇଛି । କେତୋଟି ଗୀତରେ ଭଗବାନଙ୍କ 'ଲୀଳା' ଓ କେତୋଟିରେ ଭକ୍ତମାନଙ୍କର ଅସହାୟ ମନୋଭାବକୁ ବ୍ୟକ୍ତ କରିବା ପାଇଁ ବିଶେଷ ରାଗରାଗିଣୀ ଗୁଡ଼ିକର ବ୍ୟବହାର କରାଯାଇଛି । ପ୍ରଭୁଙ୍କ ପ୍ରତି ଅହେତୁକୀ ପ୍ରେମ ଓ ଆତ୍ମାନନ୍ଦ ଏହି କବିତାଗୁଡ଼ିକର ସନାତନ ବିଷୟବସ୍ତୁ । ତାଙ୍କର 'ପ୍ରେମସରୋବର'ରେ ଈଶ୍ୱରୀୟ ପ୍ରେମ ପ୍ରତି ଗଭୀର ତୃଷ୍ଣାର ବର୍ଣ୍ଣନା ନିହିତ । ପ୍ରାୟ ବାରଟି ପଦରେ ପ୍ରେମପଥର କାଠିନ୍ୟ ବିଷୟରେ ସେ ଉଲ୍ଲେଖ କରିଛନ୍ତି । ଅନ୍ୟ ସାତଟିରେ ସରୋବରର ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି । ଅଧିକ ସାତଟି ପଦରେ ଈଶ୍ୱରୀୟ ପ୍ରେମର ମହତ୍ତ୍ୱ ଚର୍ଚ୍ଚିତ ହୋଇଛି । ଅନ୍ତିମ ଚାରି-ଗୋଟି ପଦରେ ପ୍ରକୃତ ପ୍ରେମର ଲକ୍ଷଣର ଉଲ୍ଲେଖ ମିଳେ । 'ପ୍ରେମମାଧୁରୀ'ରେ କବି ନିଜକୁ ନିଜର ଆରାଧ୍ୟ (ଭଗବାନ)ଙ୍କ ସହିତ ଏକାକାର କରିଛନ୍ତି । ତାଙ୍କ ବିନା ଜୀବନ ତିଷ୍ଠି ରହିପାରିବ ନାହିଁ ବୋଲି ସେ ଭାବି ନେଇଛନ୍ତି । ନାରୀ ତାର ପ୍ରଭୁର ପ୍ରେମ ପାଇବା ପାଇଁ କିପରି ପାଗଳିନୀ ପ୍ରାୟ ହୋଇଯାଏ, ସେ ତା'ର ବ୍ୟାଖ୍ୟା କରିଛନ୍ତି । 'ପ୍ରେମ ଫୁଲଓ୍ୱାରୀ'ରେ ପ୍ରେମ କିପରି ଚିର ଶୁଦ୍ଧତା ଆଣିଦିଏ ତାର ଚିତ୍ର ଦେଇଛନ୍ତି । 'ପ୍ରେମ ପ୍ରଳାପ'ରେ ଅସଫଳ ପ୍ରେମଜନିତ ନିରାଶା ଚର୍ଚ୍ଚିତ ହୋଇଛି । 'ପ୍ରେମ ଅଶ୍ରୁ ବର୍ଷଣ'ରେ ବର୍ଷା କାଳରେ ପ୍ରେମର ପରିପ୍ରକାଶ କିପରି ହୁଏ ତାହା ବର୍ଣ୍ଣିତ ହୋଇଛି । ଏହି ବହିଟିରେ ଥିବା ୪୬ଟି ପଦରେ ବିଭିନ୍ନ ଋତୁ ପ୍ରସୂତ, ଆନନ୍ଦ, ଦୋଳି ଖେଳିବାର ଆନନ୍ଦ ଉଲ୍ଲାସ, ବର୍ଷାରେ ଆର୍ଦ୍ର କୁଞ୍ଜ ଭିତରେ ଲୁଚକାଳି ଖେଳ ଓ ପ୍ରେମପୂର୍ଣ୍ଣ ଆଳାପର ଚିତ୍ରଣ ହୋଇଛି । ମୌସୁମୀ ବର୍ଷା ଛାଡ଼ି ଯିବା ପରେ ପରେ ପ୍ରକୃତିର ମନୋରମ ଦୃଶ୍ୟ ଏହି ବହିଟିର ମୁଖ୍ୟ ବିଷୟବସ୍ତୁ । 'ପ୍ରେମ ତରଙ୍ଗ'ରେ ପ୍ରେମକୁ ପାର୍ଥିବ ସ୍ତରକୁ ନେଇ ଆସି ତାର ଏକ ମାନବିକ ରୂପ ପ୍ରଦାନ କରାଯାଇଛି । ବସ୍ତୁତଃ କବି ପ୍ରେମରେ ନିରାଶାର ଅଦ୍ଭୁତ ଅନୁଭୂତିର ବର୍ଣ୍ଣନା କରିଛନ୍ତି । ଏହିଠାରେ ବୈଷ୍ଣବ କବି ମାନବିକ ପ୍ରେମର କବି ହୋଇ ଯାଇଛନ୍ତି । 'ପ୍ରେମସରୋବର'ର ବିଷୟବସ୍ତୁ ହେଲା ପ୍ରେମର ଗଭୀରତା ବିନା ଜୀବନ କିପରି ରଙ୍ଗହୀନ, ଶୂନ୍ୟ ଓ ଅର୍ଥହୀନ ମନେ ହୁଏ । ଯେ କୌଣସି ମାନବରୁ ବିସ୍ତର କଲେ

ଜଣାଯାଏ ବ୍ରଜଭାଷାକୁ ହରିଶ୍ଚନ୍ଦ୍ରଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ପ୍ରକୃତରେ ସେ ହେଉଛନ୍ତି ବ୍ରଜଭାଷାକୁ ଶକ୍ତିଶାଳୀ ଭାଷା ଭାବରେ ବ୍ୟବହାର କରିଥିବା ଅନ୍ତିମ କବି ।

ଏହା ତାତ୍ପର୍ଯ୍ୟପୂର୍ଣ୍ଣ ଯେ ବ୍ରଜଭାଷା ତାଙ୍କର ପୂର୍ଣ୍ଣ ଆୟତ୍ତାଧୀନ ଥିବା ସତ୍ତ୍ୱେ ହରିଶ୍ଚନ୍ଦ୍ର ଭବିଷ୍ୟତ ସମୟର ଆବଶ୍ୟକତାକୁ ଜାଣିଥିଲେ ଏବଂ ଖଡ଼ୀବୋଲିରେ କବିତା ରଚନାର ପ୍ରାରମ୍ଭିକ ଚେଷ୍ଟା କରିଥିଲେ । ଆମେ ଭଲଭାବେ ଜାଣୁ ଯେ ଏହି ଖଡ଼ୀବୋଲି ପରବର୍ତ୍ତୀ ସମୟରେ ବ୍ରଜଭାଷାକୁ ନିଶ୍ଚିହ୍ନ କରିଦେଲା । କଲିକତାର 'ଭାରତମିତ୍ର'ରେ ହରିଶ୍ଚନ୍ଦ୍ରଙ୍କର କେତେଗୁଡ଼ିଏ କବିତା ଖଡ଼ୀବୋଲିରେ ପ୍ରକାଶିତ ହୋଇଥିଲା । ଖଡ଼ୀବୋଲି କବିତା ଛପାହେଉଥିବା ବେଳେ ସେ ଖଡ଼ୀବୋଲିର କବିତାକୁ କିପରି ପ୍ରୋତ୍ସାହନ ଦିଆଯାଇ ପାରିବ ସେ ବିଷୟରେ ପରାମର୍ଶ ମାଗିଥିଲେ, ଏବଂ ଯେଉଁ ଛନ୍ଦ ଗୁଡ଼ିକ ଲୋକପ୍ରିୟ ହେବ, ସେ ଗୁଡ଼ିକର ସବିଶେଷ ଅନୁଧ୍ୟାନ କରିଥିଲେ ।

ଏ କଥା ସତ ଯେ ହିନ୍ଦୀ ସାହିତ୍ୟର ପ୍ରତ୍ୟେକ ବିଭାଗ ପାଇଁ ହରିଶ୍ଚନ୍ଦ୍ରଙ୍କର ଅବଦାନ ଯେତେ ଜଣାଶୁଣା, ଉର୍ଦ୍ଦୁରେ ଜଣେ ପ୍ରତିଷ୍ଠିତ ଲେଖକ ହିସାବରେ ସେ ସେତେ ଜଣାଶୁଣା ନୁହନ୍ତି । ୧୮୭୨ରେ ସେ ଗୋଟିଏ ଉର୍ଦ୍ଦୁ ସାପ୍ତାହିକ 'କ୍ୱାସିଦ' ବାହାର କରିବାକୁ ଯୋଜନା କଲେ, ଏବଂ ଆନୁଷ୍ଠାନିକ ଭାବେ ଉକ୍ତ ପତ୍ରିକା ପ୍ରକାଶନର ପ୍ରସ୍ତାବ ଘୋଷଣା ମଧ୍ୟ କଲେ । କିନ୍ତୁ ପାଠକମାନଙ୍କର ସ୍ୱଳ୍ପ ଉତ୍ସାହ ଯୋଗୁଁ ସେ ଏହି ଯୋଜନାକୁ ବନ୍ଦ କଲେ । ତାଙ୍କର ଉର୍ଦ୍ଦୁରେ କବିତା, ଗଦ୍ୟ ଓ ବ୍ୟଙ୍ଗାତ୍ମକ ଲେଖା ଏକ ଶହ ମୁଦ୍ରିତ ପୃଷ୍ଠାରୁ ନିଶ୍ଚିତ ଭାବରେ ବେଶି ହେବ ।

ଅନୀସ ଓ ଓ୍ୱାବିରଙ୍କ ଭଳି ଉର୍ଦ୍ଦୁ କବିମାନଙ୍କର ପୃଷ୍ଠପୋଷକ ଓ ମିତ୍ରଭାବେ ହରିଶ୍ଚନ୍ଦ୍ର ନିଜେ 'ରସ' ଛଦ୍ମ ନାମରେ ଉର୍ଦ୍ଦୁରେ କବିତା ରଚନା କରୁଥିଲେ । ତାଙ୍କର ଗଜଲ ଗୁଡ଼ିକର ମାନ ଅତ୍ୟନ୍ତ ଉଚ୍ଚସ୍ତରର ଥିଲା । କବି ଅମୀର ଅଲ୍ଲୀ ତାଙ୍କ 'ଦରବାର'ର ଜଣେ ନିୟମିତ ସଦସ୍ୟ ଥିଲେ । ହରିଶ୍ଚନ୍ଦ୍ର 'ଗୁଲସ୍ତାନଇପୁର ବହାର' ଏବଂ 'ଚମନସ୍ତାନ-ଇ-ପୁର ବହାର' ନାମରେ ଦୁଇଟି ଉର୍ଦ୍ଦୁ କବିତା ସଂଗ୍ରହ ସଙ୍କଳନ କରିଥିଲେ । ଏହି ଦୁଇଟି ସଂଗ୍ରହ ବହୁ ସାହିତ୍ୟ ସଭା ଦ୍ୱାରା ଅଦୃତ ହୋଇ ଥିଲା ।

ମୁସଲମାନ ହିନ୍ଦୁ କବି ଓ କବୟିତ୍ରୀମାନଙ୍କ ପ୍ରତି ପ୍ରେମ ପ୍ରକଟ କରିବା ହରିଶ୍ଚନ୍ଦ୍ରଙ୍କର ସ୍ୱାଭାବିକ ବିଶେଷତ୍ୱ ଥିଲା । ଉଦାହରଣ ସ୍ୱରୂପ 'ରୂପବତୀ' ଛଦ୍ମ ନାମ ନେଇ ଲେଖାଲେଖି କରୁଥିବା ଭୋପାଳର ବେଗମଙ୍କ ରଚନା ଗୁଡ଼ିକ ପ୍ରତି ସେ ବିଶେଷ ଆକୃଷ୍ଟ ହୋଇଥିଲେ । ସେ ବେଗମଙ୍କ ଗଜଲ ଗୁଡ଼ିକୁ ନିଜ ପତ୍ରିକାରେ ଯେ କେବଳ ସ୍ଥାନ ଦେଉଥିଲେ ତା ନୁହେଁ, କଲିକତାର 'ଭାରତମିତ୍ର'ରେ ପ୍ରକାଶିତ ହେବା ପାଇଁ ପ୍ରଶଂସାପତ୍ର ସହିତ ପଠାଉଥିଲେ ।

ହରିଶ୍ଚନ୍ଦ୍ର ଉର୍ଦ୍ଦୁରେ ଭଲ ଗଦ୍ୟ ମଧ୍ୟ ଲେଖି ପାରୁଥିଲେ । ତାଙ୍କର କେତେକ ପ୍ରବନ୍ଧ ଯଥା, 'ପଞ୍ଚାବନ ପୈଗମ୍ବର' ଓ 'ଖୁଦୀ' ଉର୍ଦ୍ଦୁ ଭାଷାରେ ଥିଲା । ତାଙ୍କର ରଚନା 'କାନୁନ-ତଜକିରାତ-ଇ-ଶୌହର' ବା ପତିମାନଙ୍କର ବ୍ୟବହାର ସୂତ୍ର ଉଚ୍ଚକୋଟୀର ପାରସୀମିଶ୍ରିତ ଉର୍ଦ୍ଦୁରେ ଲେଖା ଯାଇଥିଲା ଓ ଏହା ଏକ ପାରସୀ ଦୋହାରେ ପରିସମାପ୍ତ ହୋଇଛି । ଉକ୍ତ ଲେଖା ବିଷୟରେ ଲକ୍ଷ୍ନୌରୁ ପ୍ରକାଶିତ 'ହିନ୍ଦୁସ୍ଥାନୀ ଅଖବାର'ର କହିବା କଥା— 'ଏହି ପୁସ୍ତକର ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଲେଖକ ନାରୀର ସ୍ୱାମୀଙ୍କୁ ଅବିଶ୍ୱାସ କରୁଥିବା ସ୍ତ୍ରୀମାନଙ୍କର ଚରିତ୍ର ଚିତ୍ରଣ କରିଛନ୍ତି । ଏହି ଲେଖାଟି ଖୁବ୍ ମନୋରଞ୍ଜକ । ଆମେ ବାବୁ ସାହେବଙ୍କୁ ଏବେ ଅନୁରୋଧ କରୁ ଯେ ସ୍ତ୍ରୀମାନଙ୍କର ବ୍ୟବହାର ସୂତ୍ର ବିଷୟରେ ମଧ୍ୟ ଏକ ପୁସ୍ତକ ରଚନା କରନ୍ତୁ । ବାବୁ ହରିଶ୍ଚନ୍ଦ୍ର ହିନ୍ଦୀରେ ପ୍ରଚୁର ଲେଖିଛନ୍ତି । ଏହା କହିବା ବାହୁଲ୍ୟ ମାତ୍ର ଯେ ତାଙ୍କର ଲେଖା ହିନ୍ଦୀ ପ୍ରଗତିରେ ମାଇଲ-ଖୁଣ୍ଟ । ଆମେ ଆଶା ଓ ଇଚ୍ଛା କରୁ ଯେ ତାଙ୍କର ସମସ୍ତ ହିନ୍ଦୀ ରଚନା ଗୁଡ଼ିକର ଉର୍ଦ୍ଦୁ ଅନୁବାଦ କରନ୍ତୁ । ଯଦି ସେ ଏପରି କରନ୍ତି, ତା ହେଲେ ଉର୍ଦ୍ଦୁ ପାଠକଗଣ କୃତଜ୍ଞ ହେବେ ଏବଂ ଯଦି ତାଙ୍କ ଭଳି ଲେଖକ କିଛି ସମୟ ଉର୍ଦ୍ଦୁ ନାଟକ ଲେଖିବା ପାଇଁ ଦିଅନ୍ତେ, ତେବେ ଏହା ଗୋଟିଏ ଅପୂରଣୀୟ କ୍ଷତି ପୂରଣ କରନ୍ତା ଏବଂ ଉର୍ଦ୍ଦୁ ସମୃଦ୍ଧିଶାଳୀ ହୁଅନ୍ତା । ଆମେ ଯେତେବେଳେ 'ନୀଳଦେବୀ' ବା 'ସତ୍ୟ ହରିଶ୍ଚନ୍ଦ୍ର' ଦେଖୁ, ସେତେବେଳେ ଉର୍ଦ୍ଦୁର ଦୁରବସ୍ଥା ପାଇଁ ଦୁଃଖ ପ୍ରକାଶ କରୁ । କାରଣ ସେଥିରେ ଗର୍ବ କରିବା ପାଇଁ ଏଭଳି ନାଟକ ନାହିଁ ।"

# ୯

ଯଦିଓ ହରିଶ୍ଚନ୍ଦ୍ର ଜଣେ ମହାନ ସାହିତ୍ୟିକ ଥିଲେ ଏବଂ ସାହିତ୍ୟର ଅନେକ ଗୁଡ଼ିଏ ବିଭାଗରେ ପ୍ରତିଷ୍ଠା ଲାଭ କରିଛନ୍ତି, ତଥାପି ନାଟକକୁ ତାଙ୍କର ଅବଦାନ ଦୃଷ୍ଟିରୁ ସେ ସର୍ବାଧିକ ସ୍ମରଣୀୟ । ତାଙ୍କର ଅଠର ବର୍ଷର ସାହିତ୍ୟ ସାଧନା କାଳ ମଧ୍ୟରେ ସେ ବହୁ ନାଟକ ଲେଖିଛନ୍ତି । ତନ୍ମଧ୍ୟରୁ କେତେକ ମୌଳିକ ଲେଖା ଓ ଅନ୍ୟ ଗୁଡ଼ିକ ବଙ୍ଗଳା, ସଂସ୍କୃତ ବା ଇଂରାଜୀରୁ ଅନୂଦିତ ।

ହରିଶ୍ଚନ୍ଦ୍ରଙ୍କର ନାଟକ ରଚନା କ୍ଷେତ୍ରରେ ପ୍ରତିଭା ଥିଲା ଓ ମନେ ରଖିବା କଥା ଯେ ସେ କେବଳ ନାଟକ ଲେଖି ନାହାନ୍ତି, ସେ ଉନ୍ନତ ଧରଣର ଅଭିନୟ ପ୍ରତିଭାର ଅଧିକାରୀ ମଧ୍ୟ ଥିଲେ । ବିବାହର ଠିକ ପରେ ପରେ ଯେତେବେଳେ ସେ ଜଗନ୍ନାଥପୁରୀ ତୀର୍ଥ-ଯାତ୍ରାରେ ଯାଇଥିଲେ, ସେତେବେଳେ ବର୍ଦ୍ଧମାନରୁ ବଙ୍ଗଳା ନାଟକଟିଏ ଆଣିଥିଲେ । ବଙ୍ଗଳାରେ ପାରିବାରିକ ସମ୍ପର୍କ ଓ ବାରାଣସୀରେ ବଙ୍ଗାଳୀମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଥିବା ଯୋଗୁଁ ସେ ସେହି ନାଟକଟିକୁ ସହଜରେ ଓ ସୁବିଧାରେ ପଢ଼ି ପାରିଲେ ଏବଂ ବଙ୍ଗଳା ନାଟକର ନୂତନ ଦିଗ୍‌ଦର୍ଶନ ଦ୍ୱାରା ସେ ଏତେ ଦୂର ପ୍ରଭାବିତ ହେଲେ ଯେ ହିନ୍ଦୀରେ ସମାନ୍ତରାଳ ଭାବରେ କିଛି କରିବାପାଇଁ ତାଙ୍କୁ ପ୍ରେରଣା ମିଳିଲା ।

ତାଙ୍କ ପାଖରେ ଅଭିନୟ ପ୍ରତିଭା ଅତ୍ୟଧିକ ଥିଲା । ଆଧୁନିକ ହିନ୍ଦୀରେ ଲିଖିତ ପ୍ରଥମ ନାଟକ ରୂପେ ସାଧାରଣ ଭାବେ ଗୃହୀତ ଶୀତଳ ପ୍ରସାଦ ତିୱାରୀଙ୍କର ନାଟକ 'ଜାନକୀମଙ୍ଗଳ'ର ରଙ୍ଗମଞ୍ଚରେ ଅଭିନୟ ପାଇଁ ତାଙ୍କୁ ବାରାଣସୀର ମହାରାଜା ସମସ୍ତ ପ୍ରକାର ସାହାଯ୍ୟ କରିଥିଲେ । ୧୮୬୭ରେ ରାମାୟଣର ବିଷୟବସ୍ତୁ ଉପରେ ରଚିତ ଏହି ନାଟକଟିର ଅଭିନୟ ବାରାଣସୀର ମହାରାଜାଙ୍କ ଉପସ୍ଥିତିରେ ହେବା କଥା । ଅଭିନୀତ ହେବା ଦିନ ଲକ୍ଷ୍ମଣ ଭୂମିକାରେ ଅଭିନୟ କରୁଥିବା ପାତ୍ରଟି ବେମାର ପଡ଼ିଗଲା । ନାଟକ ଆରମ୍ଭର ଯଥେଷ୍ଟ ଆଗରୁ ଆସିଥିବା ମହାରାଜାଙ୍କୁ ଏହି ଅଦୃଷ୍ଟ

ପରିସ୍ଥିତି ସମ୍ବନ୍ଧରେ ଜଣାଇବାକୁ ସେ ଅଭିନୟକୁ ଗୋଟିଏ ଦିନ ଘୁଞ୍ଚାଇ ଦେବାକୁ କହିଲେ । ଯେତେବେଳେ ଏହି ଆଲୋଚନା ଚାଲୁଥିଲା, ସେତେବେଳେ ମାତ୍ର ୧୬ ବର୍ଷ ବୟସ୍କ ହରିଶ୍ଚନ୍ଦ୍ର ଭିତରକୁ ଗଲେ ଅସୁବିଧା ହେତୁରେ ତାଙ୍କ କଥା ଚଳ ପରେ ସେ ବିନୟର ସହିତ କହିଲେ ଯେ, ଅଳ୍ପ କିଛି ସମୟ ଦେଲେ ସେ ସଂଳାପ ଗୁଡ଼ିକ ମନେ ରଖି ଅଭିନୟ କରି ପାରିବେ । ବାରାଣସୀର ମହାରାଜା ଏକଥା ଶୁଣି କହିଲେ ଯେ ବୋଧହୁଏ ଏହି ଯୁବକଙ୍କୁ ଲକ୍ଷ୍ମଣଙ୍କ ସଂଳାପ ଗୁଡ଼ିକ ଏତେ ଶୀଘ୍ର ମନେ ରଖି କହିବା ପାଇଁ ଅସୁବିଧା ହେବ । ହରିଶ୍ଚନ୍ଦ୍ର ନିବେଦନ କଲେ ଯେ ଯଦି ତାଙ୍କୁ ଅଧ-ଘଣ୍ଟା ସମୟ ଦିଆଯାଏ, ତେବେ ସେ ଅଭିନୟ କରି ପାରିବେ । ମହାରାଜା ପ୍ରଥମେ ଅନିଚ୍ଛୁକ ଥିଲେ । ତଥାପି ସେ ଘଣ୍ଟାଏ ସମୟ ଦେଲେ ଓ ହରିଶ୍ଚନ୍ଦ୍ର ଯଥାଶୀଘ୍ର ସମ୍ପୂର୍ଣ୍ଣ ନାଟକଟି ପଢ଼ି ପକାଇଲେ । ପରେ ହରିଶ୍ଚନ୍ଦ୍ରଙ୍କଠାରୁ ସୁନ୍ଦର ପାଠ୍ୟ ପ୍ରତ୍ୟେକ ଶବ୍ଦର ଆବୃତ୍ତି ଶୁଣି ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଶେଷରେ ତାଙ୍କୁ ଅଭିନୟଟି ଦିଆଗଲା ଓ ନାଟକଟି ଅଭିନୀତ ହେଲା ।

ଇଂଲଣ୍ଡରୁ ପ୍ରକାଶିତ ଗୋଟିଏ ସମସାମୟିକ ପତ୍ରିକାରେ ଉକ୍ତ ଘଟଣାର କିଛିଟା ଅନୁଲେଖନ ପ୍ରକାଶିତ କରାଯାଇଥିଲା, କିନ୍ତୁ ହରିଶ୍ଚନ୍ଦ୍ରଙ୍କର ନାଟକ ଓ ନାଟକୀୟ ଅଭିନୟରେ ବିଶେଷ ଅଭିରୁଚି ଥିବା ଓ ଚମତ୍କାର ସ୍ମୃତି ବିଷୟରେ ଅନ୍ୟାନ୍ୟ ଉଲ୍ଲେଖରୁ ମଧ୍ୟ ପ୍ରମାଣ ମିଳେ ।

ପ୍ରାୟ ଏହି ସମୟରୁ ହରିଶ୍ଚନ୍ଦ୍ର ନାଟକ ଲେଖିବା ଆରମ୍ଭ କଲେ । ପ୍ରଥମଟି 'ପ୍ରବାସ ନାଟକ' । ଏବେ ଏହା ମିଳୁ ନାହିଁ । ଦ୍ୱିତୀୟଟି 'ରତ୍ନାବଳୀ' ଏକ ଅନୁବାଦ ନାଟକ । ଏହାର ଭୂମିକାରେ (ଯେତିକି ଏବେ ମିଳୁଛି) ହରିଶ୍ଚନ୍ଦ୍ର କହିଛନ୍ତି, 'ହିନ୍ଦୀ ବିଷୟରେ ହିନ୍ଦୀର ନିଜ ସଂଖ୍ୟା ବହୁତ କମ । ବିଶେଷ କରି ଆନନ୍ଦ ପାଇଁ ଲେଖା-ଭଲ ବା ମହତ୍ତ୍ୱପୂର୍ଣ୍ଣ ଭାଷାରେ ଆଦର୍ଶ ହିନ୍ଦୀ ନାଟକର ସଂଖ୍ୟା ଅତି କମ । ମୁଁ ସେଥିପାଇଁ କେତେଗୁଡ଼ିଏ ନାଟକର ହିନ୍ଦୀ ଅନୁବାଦ କରିବାକୁ ଇଚ୍ଛୁକ । 'ଶକୁନ୍ତଳା' ପରେ 'ରତ୍ନାବଳୀ' ସୁପାଠ୍ୟ ବୋଲି ଅନୁଭବ କରେ । ସେହି ଦୃଷ୍ଟିରୁ ଏହାକୁ ଅନୁବାଦ କରିବାରେ ମୋର ପ୍ରଚେଷ୍ଟା·· ····· ·· ଅନ୍ୟ ଅନୁବାଦ ଗୁଡ଼ିକ ଏହାର ଅନୁଗାମୀ ହେବେ ।

ହରିଶ୍ଚନ୍ଦ୍ରଙ୍କର 'ବିଦ୍ୟାସୁନ୍ଦର' ନାଟକଟି ଜତୀନ୍ଦ୍ରମୋହନ ଠାକୁରଙ୍କ ଏକ ବଙ୍ଗଳା ନାଟକ ଉପରେ ଆଧାରିତ ।

୧୮୭୦ରେ ଯେତେବେଳେ ହରିଶ୍ଚନ୍ଦ୍ର ନାଟକ ଲେଖିବାରେ ମନୋନିବେଶ କଲେ, ସେତେବେଳେ ପେଷ୍ଟୋନଜୀ ଫ୍ରାମଜୀଙ୍କର 'ଓରିଜିନାଲ ଥିଏଟର କମ୍ପାନୀ' ତାର ସାତବର୍ଷ ପରେ ଦିଲ୍ଲୀର ଖୁରସିଦଜୀ ବାଲିଓ୍ୱାଲାଙ୍କ 'ଭିକ୍ଟୋରିଆ ଥିଏଟ୍ରିକାଲ କଂପାନୀ', ଓ କାଓ୍ୱାସଜୀ ଖଟାଓଙ୍କ ପ୍ରସିଦ୍ଧ 'ଆଲଫ୍ରେଡ ଥିଏଟ୍ରିକାଲ କମ୍ପାନୀ', ଗୁଡ଼ିକର ପ୍ରତିଷ୍ଠା ଦେଖିଥିଲେ । ହରିଶ୍ଚନ୍ଦ୍ର ଅନୁଭବ କରୁଥିଲେ ଯେ ନାଟକ କେବଳ ନେତ୍ର ଓ କର୍ଣ୍ଣର ସନ୍ତୁଷ୍ଟ କରୁ ନାହିଁ ବରଂ ପାଞ୍ଚୋଟି କଳାର ଆଧାର ନେଇ ପଞ୍ଚେନ୍ଦ୍ରିୟର ସନ୍ତୁଷ୍ଟି ସାଧନ କରୁଛି । ସେଥିପାଇଁ କହିବାକୁ ଗଲେ ହରିଶ୍ଚନ୍ଦ୍ର ନିଜର ଭାବାଭିବ୍ୟକ୍ତି ଲାଗି ଏହାକୁ ମୁଖ୍ୟ ମାଧ୍ୟମ ରୂପେ ଗ୍ରହଣ କଲେ । ସେ ଅନୁଭବ କରୁଥିଲେ ଯେ ପ୍ରାଚୀନ ଶାସ୍ତ୍ରକାରମାନଙ୍କ ଦ୍ୱାରା ବର୍ଣ୍ଣିତ ନିୟମ ଗୁଡ଼ିକ ଦ୍ୱାରା ବ୍ୟବସ୍ଥିତ ପ୍ରାଚୀନ କାଳର ନାଟକ ଗୁଡ଼ିକ ପରିବର୍ତ୍ତିତ ସମୟରେ ସଫଳ ନୁହନ୍ତି । ସେ ପାର୍ଶୀ ନାଟକର ସମସ୍ତ ଆବଶ୍ୟକୀୟ ଗୁଣ ଓ ପ୍ରାଚୀନ ନାଟ୍ୟକଳାର ଉତ୍ତମ ଗୁଣ ଗୁଡ଼ିକର ଯଥାଯଥ ସମନ୍ୱୟ କରିବା ପାଇଁ ଠକ୍ କଲେ । ପାର୍ଶୀ ଥିଏଟରର ଅନୁକରଣରେ ହିନ୍ଦୀ ଥିଏଟ୍ରିକାଲ କଂପାନୀ ଗୁଡ଼ିକ ରଙ୍ଗମଞ୍ଚର ଆବଶ୍ୟକତାକୁ ଉପଲବ୍ଧି କଲେ ଏବଂ ପୂର୍ଣ୍ଣତଃ ଆଦର୍ଶଗତ ବସ୍ତୁବିସ୍ତାର ପରିବେଷଣ ପରିବର୍ତ୍ତେ ଚରିତ୍ରଚିତ୍ରଣ ଉପରେ ଅଧିକ ଗୁରୁତ୍ୱ ଦେଲେ । ଯଦିଓ ଭାରତେନ୍ଦୁଙ୍କର ନାଟକ ଗୁଡ଼ିକରେ କେତେକ କାବ୍ୟିକ ଭାଷା କହିବାକୁ ଗଲେ ଶ୍ରୁତି-ମଧୁର ବ୍ରଜଭାଷା ବା ଅବଧୀ ଭାଷା, ତଥାପି ଭାରତେନ୍ଦୁ ତାଙ୍କର ନାଟକ ଗୁଡ଼ିକରେ ଖଡ଼ିବୋଲି ବା ସାଧାରଣ କଥିତ ଭାଷାର ପ୍ରଥମଥର ପାଇଁ ପ୍ରୟୋଗ କରିଛନ୍ତି । ବ୍ରାହ୍ମଣ ଚରିତ୍ର ଗୁଡ଼ିକ ସଂସ୍କୃତନିଷ୍ଠ ଭାଷା କହୁଥିବା ବେଳେ ସାଧାରଣ ଲୋକ-ଚରିତ୍ର ଗୁଡ଼ିକ ଆଞ୍ଚଳିକ ହିନ୍ଦୀର ବ୍ୟବହାର କରିଛନ୍ତି ।'

ଅନ୍ୟ ଦିଗରୁ ଦେଖିଲେ ଭାରତେନ୍ଦୁ ମଧ୍ୟବର୍ତ୍ତୀ ମାର୍ଗ ଅବଲମ୍ବନ କରିଛନ୍ତି । ସେ ପ୍ରାଚୀନ ଅବ୍ୟବହୃତ ଶୈଳୀ ବା କଥା ବସ୍ତୁ ପରିତ୍ୟାଗ କଲେ ଏବଂ ନିଜର ସମୟ ସହିତ ଖାପ ଖାଉଥିବା ନୂତନ ପଦ୍ଧତି ଅବଲମ୍ବନ କଲେ ।

ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କର ଶେଷ ମହତ୍ତ୍ୱପୂର୍ଣ୍ଣ କୃତିଗୁଡ଼ିକ ମଧ୍ୟରୁ 'ନାଟକ' ନାମକ ରଚନା ନାଟ୍ୟ-କଳା ସମ୍ବନ୍ଧୀୟ ଅଟେ । ଏହାକୁ ସେ ରୋଗଶଯ୍ୟାରେ ପଡ଼ିଥିବା ଅବସ୍ଥାରେ ଲେଖିଥିଲେ । ସାହିତ୍ୟର ଏକ ବିଭାବ ଭାବେ ଭାରତେନ୍ଦୁ ନାଟକକୁ କେତେ ମହତ୍ତ୍ୱ ଦେଉଥିଲେ, ଏହି କୃତିଟି ହେଉଛି ତାର ନିଦର୍ଶନ ।

ହରିଶ୍ଚନ୍ଦ୍ର ତାଙ୍କର 'ନାଟକ' ନାମକ କୃତିରେ ଲେଖିଛନ୍ତି ଯେ 'ୟୁରୋପୀୟ ପଦ୍ଧତିରେ ଲିଖିତ ନାଟକ ଏବଂ ସଂସ୍କୃତ ଶୈଳୀରେ ଅନେକ ନାଟକ ନୂତନ ପ୍ରବୃତ୍ତି ଗୁଡ଼ିକର ଅଗ୍ରଦୂତ ମାତ୍ର ।

ଭାରତେନ୍ଦୁ ତାଙ୍କ ନାଟ୍ୟ କୃତିରେ ପୌରାଣିକ, ଐତିହାସିକ ଓ ସାମାଜିକ କଥାବସ୍ତୁ ଗ୍ରହଣ କରିଛନ୍ତି । କିନ୍ତୁ ହିନ୍ଦୀ ନାଟକରେ ତାଙ୍କ ଦ୍ୱାରା ସମସାମୟିକ କଥାବସ୍ତୁର ପ୍ରୟୋଗ ନୂତନ କହିଲେ ଚଳେ । ଏଗୁଡ଼ିକରେ ବିଧବା-ବିବାହ, ମାଂସ ଭକ୍ଷଣର ନିଷେଧ, ଗଡ଼ଜାତ ଶାସନରେ ଶାସନଗତ ଦୁରବସ୍ଥା, ବ୍ରିଟିଶ ଶାସନ ଦ୍ୱାରା ବ୍ରିଟିଶଲୋକମାନଙ୍କୁ ଧନୀ କରିବା ଉଦ୍ଦେଶ୍ୟରେ ଦେଶର ଧନ ସମ୍ପଦର ଦୁର୍ବ୍ୟବହାର ଇତ୍ୟାଦି ବିଷୟବସ୍ତୁ ତାଙ୍କ ନାଟକ ଅନ୍ତର୍ଭୁକ୍ତ ଥିଲା । ଭାରତୀୟ ସମାଜର ଦୁର୍ଗୁଣ ଗୁଡ଼ିକୁ ଲୋକ ଲୋଚନକୁ ନିର୍ଭୟରେ ଆଣିବାକୁ ସେ ଚେଷ୍ଟା କରିଛନ୍ତି । ଏହା ସତ ଯେ ସମସାମୟିକ କଥାବସ୍ତୁ ଉପରେ ପ୍ରତାପ ନାରାୟଣ ମିଶ୍ର, ବଦ୍ରି ନାରାୟଣ ଚୌଧୁରୀ 'ପ୍ରେମଘନ' ଓ ବାଳକୃଷ୍ଣ ଭଟ୍ଟଙ୍କ ଭଳି ହରିଶ୍ଚନ୍ଦ୍ରଙ୍କର ଅନ୍ତରଙ୍ଗ ମିତ୍ରମଣ୍ଡଳୀ ଓ ସମସାମୟିକ ଲେଖକମାନେ ମଧ୍ୟ ନାଟକ ଲେଖିଥିଲେ ।

ହିନ୍ଦୀରେ ନାଟକ ଗୁଡ଼ିକୁ ହରିଶ୍ଚନ୍ଦ୍ର ଆଧୁନିକ ରୂପ ଦେଲେ । ଯେତେବେଳେ ସେ 'ମରଚେଣ୍ଟ ଅଫ ଭେନିସ'ର 'ଦୁର୍ଲ୍ଲଭ ବନ୍ଧୁ' ନାମରେ ହିନ୍ଦୀ ଅନୁବାଦ କଲେ, ସେତେବେଳେ ସେ ପୋର୍ସିଆ ପାଇଁ 'ପୁରଶ୍ରୀ', ସାଇଲକ୍ ପାଇଁ 'ଶୈଳାକ୍ଷ' ଓ ବସାନିଓ ପାଇଁ 'ବସନ୍ତ' ଭଳି ଭାରତୀୟ ନାମ ଦେଲେ । ବଙ୍ଗଳାରୁ 'ବିଦ୍ୟାସୁନ୍ଦର'କୁ ଅନୁବାଦ କଲ ପରେ, ସେ 'ଭାରତ ଜନନୀ' ନାମକ ବଙ୍ଗଳା ନାଟକର ଅନୁବାଦ କଲେ । ସଂସ୍କୃତରୁ ବା ପ୍ରାକୃତରୁ ଗ୍ରହଣ ବା ଅନୁବାଦ କରି ଯାଇଥିବା ନାଟକ ଅତି କମ । ସେଗୁଡ଼ିକ ହେଲ 'ସତ୍ୟ ହରିଶ୍ଚନ୍ଦ୍ର', 'ଚନ୍ଦ୍ରାବଳୀ', 'ମୁଦ୍ରାରାକ୍ଷସ',

'ରତ୍ନାବଳୀ', 'ଧନଞ୍ଜୟ ବିଜୟ', କର୍ପୂର ମଞ୍ଜରୀ' ଓ 'ପାଷଣ୍ଡ ବିଡ଼ମ୍ବନ' । ତାଙ୍କର ପ୍ରସିଦ୍ଧ ରଚନା 'ସତ୍ୟ ହରିଶ୍ଚନ୍ଦ୍ର'ରେ ସତ୍ୟର ଆଦର୍ଶ ଓ ଅନ୍ୟ ପକ୍ଷରେ ତାହାକୁ ପରିହାର କରିବାର ଚେଷ୍ଟା ମଧ୍ୟରେ ଏକ ସଂଘର୍ଷର ଚିତ୍ର ପ୍ରଦାନ କରାଯାଇଛି । ଏହାର ନାୟକ ଜଣେ ପୌରାଣିକ ରାଜା । ସେ ଅତ୍ୟଧିକ ଦୁଃଖ ଓ କଷ୍ଟ ଭୋଗ କରି ମଧ୍ୟ ସତ୍ୟର ପଥକୁ ଆବୋରି ରଖିଛନ୍ତି । ଏଭଳି କରିବା ଲାଗି ସେ ତାଙ୍କର ସର୍ବସ୍ୱ ତ୍ୟାଗ କରି ଦୁଃଖ ଓ ଯନ୍ତ୍ରଣା ମଧ୍ୟ ଦେଇ ଗତି କରିଛନ୍ତି । ଅନ୍ୟ ଜଣେ ପୌରାଣିକ ଚରିତ୍ର ରାଜା ବିଶ୍ୱାମିତ୍ର ତାଙ୍କ ଦୁଃଖ କଷ୍ଟ ଭୋଗ ପାଇଁ ଏକାନ୍ତ ଭାବେ ଦାୟୀ । ହରିଶ୍ଚନ୍ଦ୍ର ଓ ବିଶ୍ୱାମିତ୍ର ଦୁହେଁ ସାଧାରଣ ମାନବୀୟ ଇଚ୍ଛା ଦ୍ୱାରା ପ୍ରଭାବିତ ହୋଇ ନାହାନ୍ତି, ପରନ୍ତୁ ସେମାନେ ସତ୍ୟର ଆଦର୍ଶ ରକ୍ଷା ଏବଂ ସତ୍ୟରୁ ପରିହାର କରିବା ଚେଷ୍ଟାର ପ୍ରତୀକ ହୋଇ ଯାଇଛନ୍ତି । ହରିଶ୍ଚନ୍ଦ୍ରଙ୍କ ଦ୍ୱାରା ଏହି ପୌରାଣିକ କଥା-ବସ୍ତୁଟି ଅତ୍ୟଧିକ ନାଟକୀୟ ଓ ଶକ୍ତିମନ୍ତ ହୋଇ ଉଠିଛି ।

'ଚନ୍ଦ୍ରାବଳୀ' ନାମକ ଅନ୍ୟ ଗୋଟିଏ ନାଟକରେ ଭଗବାନ କୃଷ୍ଣ ବିଶ୍ୱକୁ ଧାରଣ କରିଥିବା ଆଧ୍ୟାତ୍ମିକ ପ୍ରେମର ପ୍ରତୀକ ହୋଇ ଯାଇଛନ୍ତି । 'ଚନ୍ଦ୍ରାବଳୀ' ଆଦର୍ଶର ଅନୁଭୂତି ପାଇଁ ମଣିଷର ଚିରନ୍ତନ ଉତ୍କଣ୍ଠାର ପ୍ରତୀକ । ସେ ମଣିଷର ଦୁଃଖର ସୀମାରୁ ବହୁ ଦୂରରେ ଥିବା ଉନ୍ନତ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଭକ୍ତିର ମଧ୍ୟ ପ୍ରତୀକ ।

'ପ୍ରେମ ଯୋଗିନୀ' ରେ ଗୋଟିଏ ଅନ୍ୟ ପ୍ରକାରର ବିଶେଷତ୍ୱ ଲକ୍ଷିତ ଅଛି । ଏଥିରେ ହରିଶ୍ଚନ୍ଦ୍ର ସେ ସମୟର ବାରାଣସୀର ଏକ ଜୀବନ୍ତ ବିବରଣୀ ପ୍ରଦାନ କରିଛନ୍ତି । ଏଥିରେ, ତାଙ୍କ ଦରବାରକୁ ପ୍ରାୟ ଆସୁଥିବା ଗୁଡ଼ିଏ ବେଶ୍ୟାଙ୍କର ଉଲ୍ଲେଖ ମିଳେ । ଏହା ସତ ଯେ ନିଜର ଲେଖା ଗୁଡ଼ିକୁ ବାସ୍ତବରୂପ ଦେବା ପାଇଁ ସେ ସେମାନଙ୍କ ସଙ୍ଗରେ ସମ୍ପର୍କର ଯଥାର୍ଥତା ଦେଖାଇଛନ୍ତି । 'ପ୍ରେମ ଯୋଗିନୀର' ପ୍ରଥମ ଦୁଇଟି ଦୃଶ୍ୟ ଶୀର୍ଷକରେ ଜନ୍ମ ନେଇ ହୋଇଛି ଦୁଇଟି ଚିତ୍ର ଭଳି, ମନ୍ଦ ବା ଉଦାସୀନତା । 'ଭାରତ ଦୁର୍ଦ୍ଦଶା' ନାମକ ଏକ ପ୍ରହସନରେ ସମସାମୟିକ ଭାରତର ଗୋଟିଏ ଦାରୁଣ ଚିତ୍ର ପ୍ରସ୍ତୁତ କରାଯାଇଛି । ଏହି ନାଟକଟିରେ ଗୁଡ଼ିଏ ପ୍ରତୀକାତ୍ମକ ଚରିତ୍ର ମାଧ୍ୟମରେ ସେ ଦେଶର ଦୁର୍ଦ୍ଦଶା ଦେଖାଇଛନ୍ତି । 'ରୋଗ', 'ଆଳସ୍ୟ' 'ମଦ୍ୟପାନ', 'ଅଜ୍ଞାନତା' ଓ 'ଦାରିଦ୍ର୍ୟ' ହେଉଛନ୍ତି ଚରିତ୍ର । ଏହି ସତର ପୃଷ୍ଠା ସମ୍ବଳିତ ନାଟକଟି ପ୍ରଭାବଶାଳୀ ପଦ୍ୟ ଶୈଳୀରେ ଦର୍ଶକମାନଙ୍କ ଭିତରେ ଆତ୍ମ

ସଂସ୍କାରର ଭାବନା ଜାଗ୍ରତ କରେ । ଅନ୍ୟ ଗୋଟିଏ ନାଟକ 'ଅନ୍ଧେର ନଗରୀ'ରେ ସେ ଏହି କଥାବସ୍ତୁକୁ ଫେରି ଆସିଛନ୍ତି । ଏହି ନାଟକଟି ଦେଶର ଦୁଃଖ ଦାରିଦ୍ର୍ୟ ଅବସ୍ଥା ଉପରେ ମଝେ-ମଝେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ନିକ୍ଷେପ କରେ । ହରିଶ୍ଚନ୍ଦ୍ର କଟ, ନୀଳଦେବୀ, ମଧ୍ୟ ସେହି ଦେଶଭକ୍ତି ଉଦ୍ଦେଶ୍ୟ ନେଇ ରଚିତ । ଉକ୍ତ ପ୍ରଥମ ଐତିହାସିକ ନାଟକରେ ସେ ଭାରତୀୟ ନାରୀତ୍ୱର ଜାଗରଣ ପାଇଁ ଚେଷ୍ଟା କରିଛନ୍ତି । ନାଟକର ଭୂମିକାଟି ତାର ନିର୍ଭୀକ ବକ୍ତବ୍ୟ ପାଇଁ ବେଶ ମହତ୍ତ୍ୱପୂର୍ଣ୍ଣ । ସେ ଯାହା କହିଛନ୍ତି ତାହା ହେଉଛି—"ଏହି ବଡ଼ଦିନ ଦିବସଟିରେ ଯେଉଁ ଧାର୍ମିକ ଖ୍ରୀଷ୍ଟିୟାନ ମାନଙ୍କର ବର୍ଷର ଅନ୍ୟ ଦିନ ମାନଙ୍କ ତୁଳନାରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ମୁଁ ଦୁଃଖ ଅନୁଭବ କରୁଛି । ଏବଂ ସେହି ଦୁଃଖ ଏଇଥିପାଇଁ ଯେ ପୁରୁଷମାନଙ୍କ ସହିତ ଆନନ୍ଦ ଓ ଅବାଧରେ ମିଶି ପାରୁଥିବା ଇଂରାଜ ମହିଳା ଓ ଭାରତୀୟ ନାରୀମାନଙ୍କ ଦୁଃସ୍ଥ ଜୀବନ ମଧ୍ୟରେ କେତେ ପାର୍ଥକ୍ୟ ! କିନ୍ତୁ ଏହାର ଅର୍ଥ କଦାପି ଏହା ନୁହେଁ ଯେ ମୁଁ ଭାରତୀୟ ନାରୀମାନଙ୍କୁ ତାଙ୍କର ନାରୀତ୍ୱସୁଲଭ ସମ୍ମାନ ଓ ଲଜ୍ଜାଶୀଳତା ପରିବର୍ତ୍ତନ କରିବାକୁ କହୁଛି । କିନ୍ତୁ ମୁଁ ଚାହେଁ ଯେ ସେମାନେ ସଜାଗ ଓ ସୁଶିକ୍ଷିତା ହୁଅନ୍ତୁ । ଏହାଦ୍ୱାରା ସେମାନେ ସୁବ୍ୟବସ୍ଥିତରୂପେ ଘର ଚଳାଇବା ଶିଖି ପାରିବେ । ତାଙ୍କର ପିଲାମାନଙ୍କୁ ଶିକ୍ଷା ଦେଇ ପାରିବେ । ସାବଧାନତା ସହ ସ୍ଥିର କରି ପାରିବେ ଯେ ଭାରତୀୟ ସମାଜ ଓ ଦେଶପାଇଁ କ'ଣ ଭଲ............ ଭାରତୀୟ ନାରୀ ତାର ପାରମ୍ପରିକ ମନୋମାଳିନ୍ୟ ଓ ଅନ୍ଧକାରର ଗଣ୍ଡି ଭିତରୁ ବାହାରି ଆସି କିଛି ଉଲ୍ଲେଖନୀୟ ଅବଦାନ କରୁ । ଏହି ଦିଗରେ କଠୋର ପରମ୍ପରା-ବାଦିତାର ଅବରୋଧକୁ ଘୁଞ୍ଚାଇବା ହେଉଛି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଅତି ପ୍ରାଚୀନ କାଳର ଭାରତରେ ଆର୍ଯ୍ୟମାନଙ୍କର କଥା ଦେଖିଲେ ଜଣାଯାଏ ଆଜି ଭଳି ଦୁରବସ୍ଥା ଭିତରେ ସ୍ତ୍ରୀମାନେ ନ ଥିଲେ । ସ୍ତ୍ରୀ ଜାତି ପ୍ରକୃତରେ ଅଲୋକିତ ହୋଇଥିଲେ । ଅଳ୍ପକାଳ ପୂର୍ବରୁ ତାଙ୍କ ଭିତରେ ପ୍ରବେଶ କରିଥିବା ଏହି ଅନ୍ଧକାରକୁ ଲୋକଲୋଚନକୁ ଆଣିବା ଲାଗି ମୁଁ ଏହି ନାଟକଟିକୁ ଲେଖିଛି । ଏହାକୁ ମୁଁ ତାଙ୍କରି ହାତରେ ସମର୍ପଣ କରୁଛି....... ତାଙ୍କୁ ମୋର ଏହାହିଁ ଅନୁରୋଧ ଯେ ସେମାନେ ଏ ନାଟକଟି ଭଲଭାବେ ଜାଣନ୍ତୁ ଓ ଭାରତର ସେହି ସ୍ମରଣୀୟ ଓ ମହତ୍ତ୍ୱପୂର୍ଣ୍ଣ ମହିଳା ମାନଙ୍କର

ଗୌରବମୟୀ କାର୍ଯ୍ୟପଦ୍ଧତି ବିଷୟରେ ଚିନ୍ତା କରନ୍ତୁ । ତେବେ ଯାଇ ସେମାନେ ତାଙ୍କର ଉଦାହରଣ ଗ୍ରହଣ କରି ପାରିବେ ଓ ଦୃଢ଼ତାର ସହିତ ଅଗେଇ ଯାଇ ପାରିବେ ।

'ବିଷସ୍ୟ ବିଷମୌଷଧମ୍' କରଦ ରାଜ୍ୟ ଗୁଡ଼ିକରେ କୁଶାସନ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରେ । ଏହି ନାଟକର ପୃଷ୍ଠଭୂମି ବରୋଦାର ଶାସକଙ୍କର ପଦଚ୍ୟୁତି ଘଟଣା । ଏହା ଏକ ପ୍ରକାର ବ୍ୟଙ୍ଗାତ୍ମକ ନାଟକ ।

'ବୈଦିକୀ ହିଂସା ହିଂସା ନ ଭବତି'ରେ ସେ ମାଂସ ଭକ୍ଷଣ (ଭକ୍ତି ହିସାବରେ ଗୋବଧ ବନ୍ଦ କରିବାର ପକ୍ଷପାତି ଥିଲେ') ମଦ୍ୟପାନ ତା ଜଣେ ହିନ୍ଦୁ କୌଣସି ମୁସଲମାନ ସ୍ତ୍ରୀକୁ ରକ୍ଷିତା ଭାବରେ ରଖିବାକୁ ତୀବ୍ର ଉପହାସ କରିଛନ୍ତି ।

ଯେଉଁମାନେ ଇଂରାଜୀ ଭାଷାରେ ସାମାନ୍ୟ ଜ୍ଞାନ ଯୋଗୁଁ ନିଜକୁ ପ୍ରଗତିଶୀଳ ବୋଲି ମନେ କରନ୍ତି, ନିଜକୁ ବଡ଼ ସମାଜ-ସଂସ୍କାରକ ବୋଲି ଦେଖେଇ ହୁଅନ୍ତି, ସେମାନଙ୍କୁ ମଧ୍ୟ ସେ ପରିହାସ କରିଛନ୍ତି । ଆଲୋଚକ ମାନଙ୍କର ମତ ଯେ ରାଜା ଶିବ ପ୍ରସାଦ 'ସିତାର-ଇ-ହିନ୍ଦ'ଙ୍କର ନେତୃତ୍ୱରେ ପରିଚାଳିତ ହରିଶ୍ଚନ୍ଦ୍ରଙ୍କୁ ପରିତ୍ୟାଗ ଓ ବିରୋଧ କରୁଥିବା କେତେକ ପ୍ରସିଦ୍ଧ ବ୍ୟକ୍ତିଙ୍କୁ ସେ ପରିହାସ କରିଛନ୍ତି ।

## ୧୦

ହରିଶ୍ଚନ୍ଦ୍ରଙ୍କର ପରିବାର ଅତ୍ୟନ୍ତ ରାଜଭକ୍ତ ଓ ହରିଶ୍ଚନ୍ଦ୍ର ନିଜେ ଜଣେ ପରମ ରାଜବାଦୀ ଥିଲେ । ସେ ଅନୁଭବ କରୁଥିଲେ ଯେ ମହାରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ଥିବାରୁ ପ୍ରତ୍ୟେକ ଭାରତୀୟ ପୂର୍ଣ୍ଣ ଭାବରେ ତାଙ୍କ ପ୍ରତି ଓ ତାଙ୍କର ରାଜବଂଶ ପ୍ରତି ରାଜଭକ୍ତି ଦେଖାଇବା ଦରକାର । ଏଗାର ବର୍ଷ ବୟସରେ ସେ ମହାମାନ୍ୟ ରାଜକୁମାର ଆଲବର୍ଟଙ୍କ ସମ୍ମାନାର୍ଥେ ଗୋଟିଏ କବିତା ରଚନା କରିଥିଲେ । ମହାରାଣୀଙ୍କର କୌଣସି ଗୋଟିଏ ଜନ୍ମତିଥି ବାଦ ଯାଇନାହିଁ ଯେଉଁଟି କି ତାଙ୍କ ପ୍ରତିଷ୍ଠିତ ସ୍କୁଲର ଆରମ୍ଭରୁ ସେ ପାଳନ କରି ନାହାନ୍ତି । ସେଠାରେ ଅନ୍ୟ ବ୍ୟବସ୍ଥା ସହିତ ଆଲୋକମାଳା ସଜ୍ଜିତ ହେଉଥିଲା । ୧୮୭୫ ଡିସେମ୍ବରରେ ୱେଲସର ରାଜକୁମାର ଭାରତ ଆସିଥିଲାବେଳେ, ତାଙ୍କୁ ବାରାଣସୀ ଦେଖାଇବା ପାଇଁ ହରିଶ୍ଚନ୍ଦ୍ରଙ୍କୁ ନିୟୋଜିତ କରାଯାଇଥିଲା । ତା ସହିତ ସେ ବାରାଣସୀର ପ୍ରସିଦ୍ଧ ପଣ୍ଡିତ ଓ ବ୍ରାହ୍ମଣମାନଙ୍କୁ ରାଜକୁମାରଙ୍କ ସମ୍ମାନାର୍ଥେ କବିତା ରଚନା ପାଇଁ ଆମନ୍ତ୍ରଣ ଜଣାଇଲେ । ଏହି କବିତାଗୁଡ଼ିକ ପରବର୍ତ୍ତୀ ସମୟରେ ଛପାହୋଇ ମାନନୀୟ ୱେଲ୍ସର ରାଜକୁମାରଙ୍କୁ ସମର୍ପଣ କରାଯାଇଥିଲା ।

ହରିଶ୍ଚନ୍ଦ୍ର ବ୍ରିଟିଶ ମାନଙ୍କର ପ୍ରିୟ ଥିଲେ । ସେମାନେ ତାଙ୍କୁ ମ୍ୟୁନିସିପାଲ କମିଶନର ଓ ଜଣେ ଅବୈତନିକ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ ଦେଇଥିଲେ । ଅତି କମ ବୟସରେ ତାଙ୍କୁ ନ୍ୟାୟାଧୀଶର ପାହ୍ୟା ପ୍ରଦାନ କରାଯାଇଥିଲା ସେ ବାରାଣସୀର ଅବୈତନିକ ବିଚାରପତିଙ୍କ ମଧ୍ୟରେ ସବୁ କନିଷ୍ଠ ଥିଲେ । ଅନ୍ୟାନ୍ୟ ସମ୍ମାନ ଗୁଡ଼ିକ ମଧ୍ୟ ତାଙ୍କୁ ଦିଆ ଯାଇଥିଲା । ତାଙ୍କର ପତ୍ରିକା ଗୁଡ଼ିକରୁ ଶହେଟି ଲେଖାଏଁ ସରକାର କିଣିବା ମଧ୍ୟ ତାଙ୍କ ପ୍ରତି ଏକ ଅନୁଗ୍ରହ ଥିଲା ।

ହରିଶ୍ଚନ୍ଦ୍ର ଲଣ୍ଡନର ସେଣ୍ଟ ଜେମ୍ସ ପ୍ୟାଲେସ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷା କରିବା ପାଇଁ ଚେଷ୍ଟା କରିଥିଲେ, ଯାହାକି ଅନ୍ୟ ଲେଖକମାନେ କରି ନଥିଲେ । ୧୮୭୯ ଖ୍ରୀଃରେ ବିରାଟ ସାମ୍ରାଜ୍ୟ ପ୍ରଦର୍ଶନୀ ସମୟରେ ସେ କେତେଗୁଡ଼ିଏ ଦୁର୍ଲଭ ଐତିହାସିକ ବସ୍ତୁ ସେଠାକୁ ପଠାଇଥିଲେ ଏବଂ ତାଙ୍କର ସେହି ଅବଦାନ ପାଇଁ

ଏଡ଼ିନ୍‌ବରା ରାଜକୁମାର ଯେବେ ଭ୍ରମଣରେ ଆସିଥିଲେ ସେ ତାଙ୍କୁ ସ୍ୱାଗତ ଜଣାଇ ଥିଲେ । ସୌରୀନ୍ଦ୍ର କେବଳ ଯେ ସାମ୍ରାଜ୍ଞୀ ଓ ଇଂଲଣ୍ଡର ରାଜକୁମାରମାନଙ୍କୁ ପତ୍ର ଲେଖିଥିଲେ ତାହା ନୁହେଁ, ପ୍ରୁଷିଆ, ଇଟାଲୀ ଓ ଜର୍ମାନୀ ଆଦି ଦେଶର ଭଳି ରାଷ୍ଟ୍ର ମୁଖ୍ୟମାନଙ୍କୁ ମଧ୍ୟ ପତ୍ର ଲେଖିଥିଲେ । ସେ ସେମାନଙ୍କୁ ତାଙ୍କ ରଚିତ ହିନ୍ଦୀ ପୁସ୍ତକ ମଧ୍ୟ ଉପହାର ଦେଉଥିଲେ ଏବଂ ସମ୍ଭବତଃ ସେ ହିନ୍ଦୀକୁ ଭାରତର ବାହାରେ ପ୍ରକ୍ଷେପିତ କରିଥିବା ପ୍ରଥମ ହିନ୍ଦୀ ଲେଖକ । ଗାର୍ସିନ-ଦ-ତାସୀଙ୍କ ଭଳି ପ୍ରାଚ୍ୟ ଶାସ୍ତ୍ରବିତ୍‌ମାନଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ଥିଲା ଓ ତା ସହିତ ରାଷ୍ଟ୍ରମୁଖ୍ୟମାନଙ୍କ ସହିତ ମଧ୍ୟ । ସେଣ୍ଟ-ପିଟର୍ସବର୍ଗର ଜଣେ ରୁଷୀୟ ପିନେଟ ହେୟଙ୍କ ଠାରୁ ଜଣାପଡ଼େ ଯେ ଗତ ଶତାବ୍ଦୀର ସପ୍ତଦଶକରେ ସୌରୀନ୍ଦ୍ର ୟୁରୋପୀୟ ପ୍ରାଚ୍ୟ ତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ଜଣେ ନିର୍ଭର ଯୋଗ୍ୟ ବିଦ୍ୱାନ ବୋଲି ଧରାଯାଉଥିଲେ । (ବର୍ଲିନ ଓ ସେଣ୍ଟପିଟର୍ସବର୍ଗକୁ ପଠାଇଥିବା ପୁସ୍ତକ ସେଟ୍‌ର ପ୍ରାପ୍ତି ସ୍ୱୀକାର ବ୍ରିଟିଶ ବୈଦେଶିକ କାର୍ଯ୍ୟାଳୟ, ଲଣ୍ଡନ, ମାଧ୍ୟମରେ [illegible] କଲିକତାର ଗଭର୍ଣ୍ଣର ଜେନେରାଲଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା ଓ ପରେ ତାହା ପ୍ରଦେଶର ଗଭର୍ଣ୍ଣରଙ୍କୁ ମଧ୍ୟ) ରାଜବଂଶ ସହିତ ନିଜକୁ ଘନିଷ୍ଠତର କରିବା ଦିଗରେ ସମସ୍ତ ସମ୍ଭାବ୍ୟ ସୁଯୋଗକୁ କରଗତ କରିବାରେ ସୌରୀନ୍ଦ୍ରଙ୍କର ଅଦ୍ଭୁତ ନିପୁଣତା ଥିଲା । ରାଜକୁମାର ଭାରତ ପରିଦର୍ଶନରେ ଆସୁଥିବାର ବା ଭାରତରେ ପଦାର୍ପଣ କରିଥିବାର ଖବର ପାଇବା ମାତ୍ରେ ସୌରୀନ୍ଦ୍ର ସ୍ତୁତିଗାନ ମୂଳକ କବିତା ରଚନା କରୁଥିଲେ । ଯେତେବେଳେ ଇଂଲଣ୍ଡର ରାଣୀ ଆତତାୟୀର ଗୁଳି ମାଡ଼ରୁ ରକ୍ଷା ପାଇଗଲେ, ବା ଯେତେବେଳେ ବ୍ରିଟିଶ ବା ଭାରତୀୟ ସେନା ଆଫଗାନିସ୍ଥାନ ବା ବର୍ମା ବା ଇଜିପ୍ଟରେ ବିଜୟଲାଭ କଲା ସେତେବେଳେ ସେ ବିଜୟୋଲ୍ଲାସର କବିତା ଲେଖୁଥିଲେ । ବ୍ରିଟିଶ ରାଜ-ପରିବାର ସଦସ୍ୟଗଣଙ୍କର ଭାରତ ପରିଦର୍ଶନ ସମୟରେ ସେ ବ୍ୟକ୍ତିଗତ ଭାବେ ତାଙ୍କ ସମ୍ପର୍କରେ ଆସୁଥିଲେ ଓ ଏହି ସୁଯୋଗ ଗୁଡ଼ିକରୁ ଲାଭ ଉଠାଉଥିଲେ ଏବଂ ଭଲଭାବରେ ପ୍ରଭାବ ପକାଇ ପାରୁଥିଲେ । ଏହା ତାଙ୍କୁ ବ୍ରିଟିଶ ରାଜବଂଶ ସହିତ ଘନିଷ୍ଠତର କରୁଥିଲା ଏବଂ ଏହି ଘନିଷ୍ଠତା ରାଜା ଶିବପ୍ରସାଦ 'ସିତାର-ଇ-ହିନ୍ଦ' ଓ ତାଙ୍କ ଦଳର ଅନ୍ୟ ସଦସ୍ୟମାନଙ୍କର ବିରକ୍ତି ଉଦ୍ରେକ କରୁଥିଲା । ସେମାନେ (ରାଜା ଓ ତାଙ୍କର ସାଙ୍ଗମାନେ) ତାଙ୍କର ସ୍ତୁତି ରଚନା କରିବା ବା ତାଙ୍କର କାର୍ଯ୍ୟକଳାପକୁ

ନାପସନ୍ଦ କରିବା ଓ ତାଙ୍କ ଲେଖା ଗୁଡ଼ିକର ଦୁର୍ନାମ କରିବା ଦିଗରେ କୌଣସି
ସୁଯୋଗ ହରାଉ ନ ଥିଲେ । ବିଦେଶୀ ଅତିଥିମାନଙ୍କର ଦାଣ୍ଡପୀଠରେ ପଦାର୍ପଣର
ସୁଯୋଗର ସଦ୍‌ବ୍ୟବହାର କରି ଭାରତର ଲୋକମାନଙ୍କ ଦୁର୍ଦ୍ଦଶା ଓ ତାଙ୍କ ପ୍ରତି
କରାଯାଉଥିବା ଅତ୍ୟାଚାର ପ୍ରତି ଦୃଷ୍ଟି ଆକର୍ଷଣ କରି ହରିଶ୍ଚନ୍ଦ୍ର, ନିଜର ବିରୋଧୀ-
ମାନଙ୍କ କ୍ରୋଧକୁ ଇନ୍ଧନ ଯୋଗାଉ ଥିଲେ । ଭାରତୀୟଙ୍କର ଦାସ ସ୍ପୃହା ଓ ପରଦାସ-
ପ୍ରିୟ ଜୀବନ ସେମାନଙ୍କର ଅସନ୍ତୋଷ ଓ କ୍ରୋଧ ଜାଗ୍ରତ କରିବାର ଅନ୍ୟ କାରଣ
ଥିଲା । ତାଙ୍କର ପୈତୃକ ଘରର ବସବାସ କରିବା କୋଠରୀର ପଦାକୁ ବାହାରି
ଆସିଥିବା ଉପରଭାଗରେ ଠିଆ ହୋଇ ଅଣଓସାରିଆ ରାସ୍ତାରେ ଯାଉଥିବା
ଲୋକମାନଙ୍କ ପ୍ରତି ବ୍ୟଙ୍ଗାତ୍ମକ ଆକ୍ଷେପ କରୁଥିଲେ । ଏହି ଆକ୍ଷେପ ଗୁଡ଼ିକ ମଧ୍ୟରୁ
କେତେକ ଅତ୍ୟନ୍ତ ମନୋରଞ୍ଜକ । ଅନ୍ୟଗୁଡ଼ିକ ଲୋକମାନଙ୍କର ବା ସେମାନଙ୍କର
ପ୍ରଥା ମାନଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା । ଏହି କାରଣରୁ କେତେକ ଲୋକଙ୍କୁ ସେ ଶତ୍ରୁରେ
ପରିଣତ କରି ଦେଉଥିଲେ । ନିଜର ସଂପତ୍ତି ଓ ସାମାଜିକ ସ୍ଥିତି ପାଇଁ ହରିଶ୍ଚନ୍ଦ୍ର
ହାକିମି ଦେଖାଇ ମାରୁଥିଲେ । ଉପରନ୍ତୁ ନିଜର ପତ୍ରିକା ଗୁଡ଼ିକରେ ମର୍ମ-ଭେଦୀ
ଲେଖା ଦ୍ୱାରା ସେ ତାଙ୍କର ବିରୋଧୀମାନଙ୍କର ସମାଲୋଚନା କରୁଥିଲେ । ଏ ଗୁଡ଼ିକ
ଭିତରୁ କେତେକର ଉଦ୍ଦେଶ୍ୟ ଥିଲା ଜନତାର ନିଦ୍ରାଭଙ୍ଗ କରିବା । ସେ ଦେଶର
ଶିଳ୍ପୀକାରିଗରଙ୍କୁ ସାହାଯ୍ୟ କରିବାଲାଗି ବିଦେଶ ଯାତ୍ରା କରୁଥିବା ଭାରତୀୟ ଲୋକ-
ମାନଙ୍କୁ ଶିଳ୍ପ ଯୁଗର ନୂତନ ଶିଳ୍ପବିଦ୍ୟା ଆହରଣ କରିବା ପାଇଁ ଅଭିଯାନ ଚଳାଇ
ଥିଲେ । ଭାରତର ସଂପତ୍ତି ସତତ ବିଦେଶକୁ ବୁହା ଚାଲିଥିବା ଉପରେ ମଧ୍ୟ ସେ
ଉଲ୍ଲେଖ କରୁଥିଲେ । ଏ କଥା ଜାଣିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ ଯେ ଅଷ୍ଟାଦଶ
ଶତାବ୍ଦୀର ସପ୍ତଦଶକରେ ବିଦେଶୀ ଜିନିଷ ଗୁଡ଼ିକର ବର୍ଜନ ପାଇଁ ସେ ଅଭିଯାନ
ଚଳାଇ ଥିଲେ । ଦେଶରେ ସ୍ୱଦେଶୀ ଆନ୍ଦୋଳନର ପ୍ରାୟ ୫୦ ବର୍ଷ ପୂର୍ବରୁ ଆମେ
ଦେଖୁଁ ଯେ ହରିଶ୍ଚନ୍ଦ୍ର, ଲୋକମାନଙ୍କୁ ସ୍ୱଦେଶୀ ପଦାର୍ଥ ବ୍ୟବହାର କରିବା ପାଇଁ
ଶପଥ ନେବାକୁ ପ୍ରବର୍ତ୍ତାଇଥିଲେ । 'ଦେଶରେ ଶିଳ୍ପ କଳର ମନୋଭାବ ବୃଦ୍ଧି ପାଇଁ
'ହରିଶ୍ଚନ୍ଦ୍ର ଚନ୍ଦ୍ରିକା'ରେ କେତେଗୁଡ଼ିଏ ବୈଜ୍ଞାନିକ ସିଦ୍ଧାନ୍ତ ଓ ଯନ୍ତ୍ରପାତି ବିଷୟରେ
ଲେଖା ବାହାର କରାଯାଉ ଥିଲା । ଏହା ମଧ୍ୟ ବୁଝାଯାଉଥିଲା ଯେ କିପରି ଭାରତର
ଲୋକେ ପ୍ରଗତିର ପ୍ରତିଯୋଗିତାରେ ପଛରେ ପଡ଼ିଯାଇଛନ୍ତି ଓ କିପରି ସେମାନେ ନିଜକୁ

ସଜାଡ଼ି ଅଧିକ କାମ କରି ଦେଶକୁ ଶକ୍ତିଶାଳୀ କରିବେ । ଶହେ ବର୍ଷ ପୂର୍ବରୁ ସେ ଯାହା ଲେଖିଥିଲେ ତାହା ଭାରତରେ ଆଜି ମଧ୍ୟ ସତ୍ୟ ଅଟେ ।

ବ୍ରିଟେନ୍‌ର ଲୋକମାନେ ଭାରତକୁ ଯେଉଁଭଳି ଭାବରେ ଆସୁଥିଲେ ଭାରତର ସମ୍ପଦକୁ ଯେଉଁଭଳି ଭାବରେ ଲୁଣ୍ଠନ କରୁଥିଲେ ଓ ଧନୀ ହୋଇ ଫେରି ଯାଉଥିଲେ, ସେହି ପଦ୍ଧତିକୁ ହରିଶ୍ଚନ୍ଦ୍ର ସମାଲୋଚନା କରିଛନ୍ତି । ଅଧିକ ସଂଖ୍ୟକ ସାଧାରଣ ଲୋକଙ୍କ ଉନ୍ନତି ପାଇଁ ସେ ସମସ୍ତ ଭାରତୀୟମାନଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଜଣାଇଥିଲେ ।

ହରିଶ୍ଚନ୍ଦ୍ର ତାଙ୍କର ଏହିଭଳି କାର୍ଯ୍ୟକଳାପ ଯୋଗୁଁ ଫଳ ସ୍ୱରୂପ ବ୍ରିଟିଶ ଅଧିକାରୀମାନଙ୍କର ପ୍ରିୟଭାଜନ ହୋଇପାରି ନ ଥିବେ । ସେମାନେ ତାଙ୍କ ପ୍ରତି ବିରୂପ ଆଚରଣ କଲେ ଓ ହରିଶ୍ଚନ୍ଦ୍ରଙ୍କର ପତ୍ରପତ୍ରିକା ଗୁଡ଼ିକରୁ ପୃଷ୍ଠପୋଷକତା ପ୍ରତ୍ୟାହାର କରି ନେଲେ । ହରିଶ୍ଚନ୍ଦ୍ର ତାଙ୍କ ପତ୍ରିକାର ପାଠକମାନଙ୍କୁ ଅନୁରୋଧ କଲେ ଯେ ସେମାନେ ତାଙ୍କୁ ବିଶ୍ୱାସ କରି ତାଙ୍କ ପତ୍ରିକାକୁ ସାହାଯ୍ୟ କରନ୍ତୁ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପ୍ରତି ବିକ୍ଷୋଭ ପ୍ରକାଶ କରି ସେ ମ୍ୟୁନିସିପାଲ କମିଶନର ଓ ଅବୈତନିକ ବିଚାରପତି ପଦଗୁଡ଼ିକରୁ ଇସ୍ତଫା ଦେଲେ । ସେତେବେଳେ ତାଙ୍କୁ ମାତ୍ର ପଚିଶ ବର୍ଷ ବୟସ ହୋଇଥିଲା ।

ଯାହା ହେଉନା କାହିଁକି ବ୍ରିଟିଶ ରାଜମୁକୁଟ ପ୍ରତି ତାଙ୍କର ବ୍ୟକ୍ତିଗତ ଆନୁଗତ୍ୟ ଅକ୍ଷୁର୍ଣ୍ଣ ରହିଥିଲା । ବ୍ରିଟିଶ ରାଜମୁକୁଟ ପ୍ରତି ତାଙ୍କର ଆନୁଗତ୍ୟ ନାହିଁ, ଏଭଳି ଅଭିଯୋଗ ହରିଶ୍ଚନ୍ଦ୍ରଙ୍କୁ ସବୁଠାରୁ ବେଶି ଦୁଃଖ ଦେଇଥିଲା । ସେ ଏହି ଦୋଷାରୋପ ଗୁଡ଼ିକର ଖଣ୍ଡନ ପାଇଁ ତାଙ୍କର ନିର୍ଦ୍ଦିଷ୍ଟ ପଥ ଛାଡ଼ିଛନ୍ତି ଓ ତା ପାଇଁ ପ୍ରମାଣପତ୍ର ସଂଗ୍ରହ କରିଛନ୍ତି । ୧୮୭୦ ଖ୍ରୀଷ୍ଟାବ୍ଦରେ ଆନୁଗତ୍ୟ ଥିଲା ଦେଶପ୍ରୀତିର ଗୋଟିଏ ଅଙ୍ଗାଙ୍ଗୀ ଲକ୍ଷଣ ।

ଏକ ପକ୍ଷରେ ହରିଶ୍ଚନ୍ଦ୍ର ଓ ତାଙ୍କ ପ୍ରଶଂସକ ଓ ଅନ୍ୟ ପକ୍ଷରେ (ବ୍ରିଟିଶମାନଙ୍କ ପ୍ରତି ଅଧିକ ନିଷ୍ଠା ଅଛି ବୋଲି ଧରା ଯାଉଥିବା) ରାଜା ଶିବପ୍ରସାଦ 'ସିତାରା-ଇ-ହିନ୍ଦ'ଙ୍କ ମଧ୍ୟରେ ହିନ୍ଦୀର ଲୋକପ୍ରିୟ ରୂପ କ'ଣ ହେବ ତାର ବିରୋଧ ବଢ଼ି ଚାଲିଲା ।

ବ୍ରିଟିଶ ଅଧୀନରେ ଅନେକଗୁଡ଼ିଏ ବିଭାଗରେ କାମ କରିଥିବା ଓ ଶିକ୍ଷା ନିର୍ଦ୍ଦେଶାଳୟରେ ସେ ପର୍ଯ୍ୟନ୍ତ ଜଣେ ମୁଖ୍ୟ ବ୍ୟକ୍ତିରୂପେ ପରିଗଣିତ ହେଉଥିବା ରାଜା ହିନ୍ଦୀରେ (ଦେବନାଗରୀ ଲିପିରେ ଉର୍ଦ୍ଦୁ) ପ୍ରାଥମିକ ପୁସ୍ତକ ଗୁଡ଼ିକ ରଚନା କରିଥିଲେ । ତାଙ୍କ ହିନ୍ଦୀ ଉପରେ ବିବାଦ ବଡ଼ ଜଟିଳ ରୂପ ଗ୍ରହଣ କଲା । 'କବି ବଚନ ସୁଧା' ବା 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା'ରେ ହରିଶ୍ଚନ୍ଦ୍ରଙ୍କର କେତେଗୁଡ଼ିଏ ଲେଖା ମାଧ୍ୟମରେ ପଦାଧିକାରୀମାନଙ୍କ ପ୍ରତି ସାଧାରଣ ଭାବେ ବ୍ୟଙ୍ଗ କରାଯାଉଥିଲା । ଅବଶ୍ୟ ଏହା ରାଜା ଓ ତାଙ୍କ ପାର୍ଷଦ ମାନଙ୍କ ପ୍ରତି ସମାଲୋଚନା ବୋଲି ଧରି ନିଆଗଲା । ସେତେବେଳେ ଏଭଳି ଲେଖା ଗୁଡ଼ିକରେ ପ୍ରକାଶ ପାଉଥିବା ମତାମତ ଗୁଡ଼ିକୁ କଦର୍ଥ କରି ଇଂରେଜୀ କର୍ମଚାରୀମାନଙ୍କୁ ଜଣାଇ ଦିଆଗଲା । ହରିଶ୍ଚନ୍ଦ୍ରଙ୍କ ଶତ୍ରୁମାନେ ଆପତ୍ତି କଲେ ଯେ ଏହି ଲେଖାଗୁଡ଼ିକରେ ଭାରତର ଗଭର୍ଣ୍ଣର ଜେନେରାଲ ଓ ଉତ୍ତର ପ୍ରଦେଶର ଲେ.ଗଭର୍ଣ୍ଣରଙ୍କର ନିନ୍ଦା କରାଯାଇଛି ଓ ବ୍ରିଟିଶରାଜ ଓ ରାଜବଂଶ ପ୍ରତି ବ୍ୟଙ୍ଗ କରାଯାଇଛି । ପ୍ରତ୍ୟେକ ଭାରତୀୟ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁ ବୋଲି ଆଶା କରୁଥିବା ଧୂର୍ତ୍ତ ବ୍ରିଟିଶ ଅଧିକାରୀଗଣ ଏଥିରେ ନିଜକୁ ଅପମାନିତ ମନେକଲେ ଓ ତାଙ୍କର ପ୍ରିୟ ରାଜା ଶିବ ପ୍ରସାଦ 'ସିତାରା-ଇ-ହିନ୍ଦ'ଙ୍କ ପକ୍ଷ ଗ୍ରହଣ କଲେ । ଫଳରେ ସିଦ୍ଧାନ୍ତ ନିଆଗଲା ଯେ 'କବି ବଚନ ସୁଧା'କୁ ଦିଆଯାଉଥିବା ସାହାଯ୍ୟ ଫେରାଇ ନିଆଯିବ । ପତ୍ରିକାଟିର ଅନିୟମିତ ପ୍ରକାଶନ ଯୋଗୁଁ ସେଥିରେ ବ୍ୟବସାୟିକ ସଫଳତା ତ କେବେ ମିଳି ନଥିଲା । ଏବେ ଏହା କ୍ଷତିରେ ପଡ଼ିଲା । ଋଣ ମଧ୍ୟ ଅତ୍ୟଧିକ ହୋଇଥିଲା । ତେଣୁ ହରିଶ୍ଚନ୍ଦ୍ର ଏହାର ପ୍ରକାଶନ ଭାର ନିଜର ଜଣେ ମିତ୍ରଙ୍କୁ ଦେଇ ଦେଲେ । ଯେତେବେଳେ 'ବାଲବୋଧିନୀ' ଉପରୁ ସାହାଯ୍ୟ ଫେରାଇ ନିଆଗଲା, ତାକୁ ମଧ୍ୟ ବନ୍ଦ କରିବାକୁ ପଡ଼ିଲା । ଏଥିରେ ହରିଶ୍ଚନ୍ଦ୍ର ଦୁଃଖ ଅନୁଭବ କଲେ । ଏହି ପତ୍ରିକାଟିକୁ ବନ୍ଦ କରିଦେବା ସମ୍ବନ୍ଧୀୟ ଅସଫଳତାକୁ ସେ ମାନି ନେବାକୁ ଇଚ୍ଛା କରୁ ନଥିଲେ ଓ 'କବି ବଚନ ସୁଧା'ର ନୂତନ ସମ୍ପାଦକଙ୍କୁ ଅନୁରୋଧ କଲେ ଯେ ସେ 'ବାଲବୋଧିନୀ'କୁ 'କବି ବଚନ ସୁଧା'ରେ ମିଶାଇ ଦିଅନ୍ତୁ । ଏହା କେବଳ ନାମକୁ ମାତ୍ର ହେଲା, କିନ୍ତୁ 'ବାଲବୋଧିନୀ'କୁ ମୃତ୍ୟୁ ମୁଖରୁ ରକ୍ଷା କରାଯାଇ ପାରିଲା ନାହିଁ । ଘଟଣାକ୍ରମେ 'କବି ବଚନ ସୁଧା' ରାଜା ଶିବ ପ୍ରସାଦଙ୍କ ପ୍ରଭାବରେ ପରିଚାଳିତ ହେବାକୁ ଲାଗିଲା, ଓ ଦୁର୍ଭାଗ୍ୟର କଥା ଯେ ଶେଷରେ ଏହି ପତ୍ରିକାଟି

ନିଜର ପ୍ରତିଷ୍ଠାତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା । ନିଜକୁ ବଞ୍ଚାଇ ରଖି ପାରିଥିବା 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ପତ୍ରିକାଟି ବେଶ କିଛି ସମୟ ଧରି ଚାଲିଲା । କିନ୍ତୁ 'ମୋହନ ଚନ୍ଦ୍ରିକା' ନାମରେ ପତ୍ରିକା ଆରମ୍ଭ କରିଥିବା ହରିଶ୍ଚନ୍ଦ୍ରଙ୍କର ଜନୈକ ମିତ୍ର ତାଙ୍କୁ ଅନୁରୋଧ କଲେ ଯେ ତାଙ୍କର ପ୍ରିୟ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା'କୁ ଏହି ପତ୍ରିକାଟିରେ ନିମଜ୍ଜିତ କରି ଦିଅନ୍ତୁ । ଏହି ନୂତନ ପତ୍ରିକାଟି 'ହରିଶ୍ଚନ୍ଦ୍ର ଓ ମୋହନ ଚନ୍ଦ୍ରିକା' ନାମରେ ପ୍ରକାଶ ପାଇଲା । ଅଳ୍ପ କିଛି ମାସ ପରେ ଏହି ପତ୍ରିକାଟି ବାରାଣସୀରୁ ଉଦୟପୁରକୁ ସ୍ଥାନାନ୍ତରିତ ହେଲା ଯେଉଁଠାରେ କି ମୋହନଲାଲ ବିଷ୍ଣୁଲାଲ ପାଣ୍ଡ୍ୟା ଗୋଟିଏ କର୍ମନିଯୁକ୍ତି ପାଇଥିଲେ । ଆହୁରି ପରବର୍ତ୍ତୀ କାଳରେ ନାଥଦ୍ୱାରକୁ ସ୍ଥାନାନ୍ତରିତ ହେବାପରେ ଏହା ରାଜସ୍ଥାନର ମରୁଭୂମିର ବାଲୁକାରେ ମୃତ୍ୟୁ ବରଣ କଲା । ନିଜର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ନିଜର ପ୍ରିୟ 'ଚନ୍ଦ୍ରିକା'କୁ 'ନବୋଦିତ ଚନ୍ଦ୍ରିକା' ନାମରେ ହରିଶ୍ଚନ୍ଦ୍ର ପୁନଃ ପ୍ରତିଷ୍ଠା କଲେ । ହରିଶ୍ଚନ୍ଦ୍ରଙ୍କର ସଂସାର ତ୍ୟାଗ ପୂର୍ବରୁ ଏହାର ଅଧିକ ଅଙ୍କ ବାହାରି ପାରି ନଥିଲା । ଏହି ସମୟରେ ମୋହନଲାଲ ବିଷ୍ଣୁଲାଲ ପାଣ୍ଡ୍ୟା ହରିଶ୍ଚନ୍ଦ୍ରଙ୍କ ଦ୍ୱାରା ପତ୍ରିକାଟିକୁ ଏହି ରୂପରେ ଫେରାଇ ନିଆ ଯାଇଥିବାରୁ ତାଙ୍କର ଦାୟାଦମାନଙ୍କ ନିକଟରେ ଆପତ୍ତି ଉଠାଇଲେ ।

# ୧୧

ଇଂରେଜ ସରକାରଙ୍କ ଆଦେଶ ଗୁଡ଼ିକ ଜାତୀୟ ହିତ ବିରୁଦ୍ଧ ଯାଉଛି କି ନାହିଁ କିମ୍ବା ହିନ୍ଦୀ ପ୍ରଚାର ଓ ପ୍ରସାର ପଥରେ ବାଧା ସୃଷ୍ଟି କରୁଛି କି ନାହିଁ ଏ ଗୁଡ଼ିକ ପ୍ରତି ଦୃଷ୍ଟି ନଦେଇ ଯେଉଁମାନେ ଅନ୍ଧ ଭାବରେ ବ୍ରିଟିଶ ଆଦେଶନାମା ଗୁଡ଼ିକ ପାଳନ କରୁଥିଲେ, ସେ ହେତୁ ଲୋକଙ୍କ ମନରେ ଆଘାତ ଦେଉଥିଲେ । ତଥାପି ଭାରତେନ୍ଦୁଙ୍କର ଅତି କଟୁ ସମାଲୋଚନା କରୁଥିବା ଆଲୋଚକ ମଧ୍ୟ ହରିଶ୍ଚନ୍ଦ୍ରଙ୍କର ହିନ୍ଦୀ ସାହିତ୍ୟର ଉନ୍ନତି ପାଇଁ ଦେଇଥିବା ନୂତନ ଦିଗ୍‌ଦର୍ଶନକୁ ଏଡ଼ାଇ ପାରି ନାହାନ୍ତି । ସେ ହିନ୍ଦୀ ସାମ୍ବାଦିକତାରେ ଅଗ୍ରଦୂତ ଥିଲେ ଏବଂ ତାଙ୍କର ଦୁଇଟି ପତ୍ରିକା 'କବି ବଚନ ସୁଧା' ଏବଂ 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ପତ୍ରିକାରେ ଲେଖା ଆରମ୍ଭ କରିଥିବା ଲେଖକମାନଙ୍କୁ ଅନ୍ୟାନ୍ୟ ବହୁ ପତ୍ରିକା ପ୍ରକାଶନ ପାଇଁ ପ୍ରେରଣା ଯୋଗାଇଥିଲା । ହରିଶ୍ଚନ୍ଦ୍ର ସେମାନଙ୍କର ଉପଦେଷ୍ଟା ଓ ପଥପ୍ରଦର୍ଶକ ଥିଲେ ।

ଅନ୍ୟାନ୍ୟ ବିଷୟ ମଧ୍ୟରେ ଉକ୍ତ ଦୁଇଟି ପତ୍ରିକା ହାସ୍ୟରସର ବିକାଶରେ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା । ବସ୍ତୁତଃ ଏହି କାଳର ସାମ୍ବାଦିକତାରେ ଗୋଟିଏ ବିଶେଷତ୍ୱ ଥିଲା । ହାଲୁକା ମନୋବୃତ୍ତି ନେଇ ଲେଖିବା । ଭାରତେନ୍ଦୁଙ୍କ ପରେ କାନପୁରର ପ୍ରତାପନାରାୟଣ ମିଶ୍ର ଉନ୍ନାଓ-ଦିଲ୍ଲୀର 'ବୋଲି' (ଉପଭାଷା)ରୁ ବାଛିକି ଶବ୍ଦ ବା ଶବ୍ଦାବଳୀ [ଲୋକୋକ୍ତି ବା ରୂଢ଼ି]ର ବ୍ୟବହାର କରି ହାସ୍ୟ ସୃଷ୍ଟି କରିପାରିଛନ୍ତି । ବାଳକୃଷ୍ଣ ଭଟ୍ଟଙ୍କର ଲେଖା ଗୁଡ଼ିକରେ ମଧ୍ୟ ହାସ୍ୟ ଓ ବ୍ୟଙ୍ଗର ସ୍ପର୍ଶ ଓ ମନୋବିନୋଦନର ପୁଟ ରହିଥିଲା, ଯାହା ଫଳରେ କି ତାହା ଅଧିକମାତ୍ରାରେ ପଠନ ଯୋଗ୍ୟ ହୋଇ ପାରିଥିଲା ।

ଏହା ମଧ୍ୟ ଉଲ୍ଲେଖନୀୟ ଯେ ହିନ୍ଦୀ ପତ୍ରିକା ଭଳି ଭାରତେନ୍ଦୁ ନାଟକ ଲେଖାରେ ମଧ୍ୟ ଅଗ୍ରଣୀ ଥିଲେ, ଓ ତାଙ୍କ ପତ୍ରିକା ଏବଂ ତାଙ୍କ ସାହିତ୍ୟିକ ଜୀବନ ସହିତ ନିବିଡ଼ ଭାବରେ ଜଡ଼ିତ ଥିବା ଦଳେ ଲେଖକ ତାଙ୍କୁ ଅନୁଗମନ କରୁଥିଲେ । ଉଦାହରଣତଃ ପ୍ରତାପନାରାୟଣ ମିଶ୍ର ଅନେକ ଗୁଡ଼ିଏ ନାଟକ ଲେଖିଥିଲେ; ତନ୍ମଧ୍ୟରୁ

'ଭାରତ ଦୁର୍ଦ୍ଦଶା', 'କଳି କୌତୁକ ରୂପକ' ଓ 'ହଠୀ ହମୀର' ଉଲ୍ଲେଖନୀୟ । ପଣ୍ଡିତ ବାଳକୃଷ୍ଣ ଭଟ୍ଟ 'ବାଲ ବିବାହ', 'କଳିରାଜ କୀ ସଭା' ଓ 'ରେଲ କା ବିକଟ ଖେଲ' ଲେଖିଥିଲେ । ବଦ୍ରୀନାରାୟଣ ଚୌଧୁରୀ 'ପ୍ରେମଘନ', 'ଭାରତ ସୌଭାଗ୍ୟ', 'ପ୍ରୟାଗ ରାମ ଗମନ', 'ବାରାଙ୍ଗନା ରହସ୍ୟ ନାଟକ' ଇତ୍ୟାଦି ନାଟକ ଲେଖିଥିଲେ । ଲାଲା ଶ୍ରୀନିବାସ ଦାସ ଅନେକ ଗୁଡ଼ିଏ ନାଟକ ଲେଖିଥିଲେ—'ପ୍ରହ୍ଲାଦ ଚରିତ', 'ସଂଯୁକ୍ତା ସ୍ୱୟମ୍ବର', 'ତପ୍ତ ସମ୍ବରଣ' ଇତ୍ୟାଦି । ଭାରତେନ୍ଦୁଙ୍କର ଜଣେ କକେଇ ପୁଅ ଭାଇ ବାବୁ ରାଧାକୃଷ୍ଣ ଦାସ ଭାରତେନ୍ଦୁଙ୍କ ରଚିତ କେତେକ ଅସଂପୂର୍ଣ୍ଣ କୃତିକୁ ଯେ କେବଳ ସମ୍ପୂର୍ଣ୍ଣ କରିଥିଲେ ତାହା ନୁହେଁ ବରଂ ନିଜେ କେତେଗୋଟି ନାଟକ ମଧ୍ୟ ଲେଖିଥିଲେ, ଯଥା, 'ଦୁଃଖିନୀ ବାଲା' ଓ 'ମହାରାଣା ପ୍ରତାପ' ।

ଏହା ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଯେ ନାଟକ ବ୍ୟତୀତ ଭାରତେନ୍ଦୁଙ୍କ ସହିତ ସମ୍ପୃକ୍ତ ଲେଖକଗଣ ସାହିତ୍ୟ ସମୀକ୍ଷାମୂଳକ ପ୍ରବନ୍ଧ, ବିଭିନ୍ନ ସାହିତ୍ୟିକମାନଙ୍କ କୃତିର ମୌଳିକ ସାହିତ୍ୟ ସୃଷ୍ଟିର ନୀତି-ନିୟମ ଉପରେ ଆଲୋଚନା କରିବା ଆରମ୍ଭ କରି ଦେଇଥିଲେ ।

ଆମେ ଜାଣୁ ଯେ ଭାରତେନ୍ଦୁ ହରିଶ୍ଚନ୍ଦ୍ର ବହୁ ପ୍ରକାର ଛନ୍ଦରେ କବିତା ରଚନା କରିଛନ୍ତି ଏବଂ ଭକ୍ତି ଆନ୍ଦୋଳନର ବିଭିନ୍ନ ଦିଗରେ ଗବେଷଣାର ପରଂପରା ସୃଷ୍ଟି କରୁଛନ୍ତି । ବଙ୍ଗଳାରେ ସେ ସମୟରେ ସାହିତ୍ୟରେ ଯେଉଁ ପ୍ରକାର ପୁନର୍ଜାଗରଣ ଆରମ୍ଭ ହୋଇଥିଲା । ହିନ୍ଦୀରେ ସେହି ପ୍ରକାର ଜାଗରଣ ସୃଷ୍ଟି କରିବା ଦିଗରେ ହରିଶ୍ଚନ୍ଦ୍ରଙ୍କର ଅବଦାନ ଯଥେଷ୍ଟ ଥିଲା, କୌଣସି ନୂତନତ୍ୱ ତାଙ୍କ ଦୃଷ୍ଟି ଏଡ଼ାଇ ପାରି ନାହିଁ । ସତ କହିବାକୁ ଗଲେ ସେ ଭାରତ ବାହାରର ଜଗତ ଓ ହିନ୍ଦୀ ସାହିତ୍ୟର ଭବିଷ୍ୟତ ପ୍ରତି ତାଙ୍କର ଦୂର ଦୃଷ୍ଟି ନିକ୍ଷେପ କରିଥିଲେ । ଯେତେବେଳେ ଫ୍ରାନ୍ସ-ଜର୍ମାନ ଯୁଦ୍ଧ ଲାଗିଲା, ହରିଶ୍ଚନ୍ଦ୍ର ସେହି ଘଟଣା ଅବଲମ୍ବନରେ ରଚିତ ପାଣ୍ଡୁଲିପି ଆମନ୍ତ୍ରଣ କରିଥିଲେ ଓ ସେଥିପାଇଁ ଯଥେଷ୍ଟ ଆର୍ଥିକ ପ୍ରଦାନର ସୂଚନା ଦେଇଥିଲେ ।

ଜଣେ ନିଷ୍ଠାପର ସମାଜ ସଂସ୍କାରକ ହିସାବରେ ହରିଶ୍ଚନ୍ଦ୍ର ସମୁଦ୍ରଯାତ୍ରା, ବିଧବା-ବିବାହ, ବାଳିକାମାନଙ୍କର ଶିକ୍ଷା ସମ୍ପର୍କରେ ଲେଖାମାନ ଲେଖିଥିଲେ ।

ଯେଉଁ ବାଳକମାନେ ବମ୍ବେ, ମାନ୍ଦ୍ରାଜ ଓ କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷା ମାନଙ୍କରେ ଉତ୍ତୀର୍ଣ୍ଣ ହେଉଥିଲେ, ସେ ସେମାନଙ୍କୁ ଶାଟୀ ଉପହାର ଦେଉଥିଲେ । ସେ ବହୁ ପତ୍ନୀତ୍ୱ ଓ ବାଲ୍ୟବିବାହର ବିରୋଧ କରୁଥିଲେ ।

ରେଲ ଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ରେଲ ଯାତ୍ରାର ସୁଯୋଗ ସେ ପାଇଥିଲେ । ସେତେବେଳେ ହରିଶ୍ଚନ୍ଦ୍ର ଜଗନ୍ନାଥ ପୁରୀ ଯାତ୍ରା କରିଥିଲେ । ବୟସ ଅଧିକ ହେବା ପରେ ସେ ପୂର୍ବ, ଉତ୍ତର ଓ ପଶ୍ଚିମ ଭାରତର ଅନେକ ଗୁଡ଼ିଏ ସ୍ଥାନକୁ ଯାତ୍ରା କଲେ । ଏହି ଯାତ୍ରା ତାଙ୍କର ଚିନ୍ତାର ପରିସରକୁ ବ୍ୟାପକ କଲା । ବଙ୍ଗଦେଶ ବା ଗୁଜରାଟର ବନ୍ୟା ଦୁର୍ଗତଙ୍କ ପାଇଁ ନିଜ ପତ୍ରିକାର ସ୍ତମ୍ଭ ଗୁଡ଼ିକରେ ସାହାଯ୍ୟ ଭିକ୍ଷା କରିବା, ବା ନିଜେ ବାରାଣସୀରେ ସେମାନଙ୍କ ସାହାଯ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ବୁଲିବା ତାଙ୍କର ସମଗ୍ର ଭାରତୀୟ ଦୃଷ୍ଟିକୋଣର ପରିଚୟ ଦିଏ । ହରିଶ୍ଚନ୍ଦ୍ରଙ୍କର ଯାତ୍ରା ବିବରଣୀ ଗୁଡ଼ିକ ହିନ୍ଦୀ-ସାହିତ୍ୟରେ ଭ୍ରମଣ ସାହିତ୍ୟର ଅଦ୍ୟତମ ରୂପ । ଭ୍ରମଣ ପ୍ରତି ତାଙ୍କର ଆଗ୍ରହ ଥିବାରୁ ରାଜସ୍ଥାନର ଉଦୟପୁରକୁ ଯାତ୍ରା ତାଙ୍କର ଶେଷଥର ପାଇଁ ରୋଗାକ୍ରାନ୍ତ ହେବାର କାରଣ ହୋଇ ପଡ଼ିଥିଲା ।

ଜଣେ ପ୍ରସିଦ୍ଧ ପୁରାତତ୍ତ୍ୱବିତ୍ ରାଜେନ୍ଦ୍ର ଲାଲ ମିତ୍ର, ରାଜକୁମାର ଓ ଅନ୍ୟ ଜମିଦାର ମାନଙ୍କର ସନ୍ତାନମାନଙ୍କ ପାଇଁ ପ୍ରତିଷ୍ଠିତ ଗୋଟିଏ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିଲେ । ସେ ହରିଶ୍ଚନ୍ଦ୍ରଙ୍କର ଘର ପାଖରେ ରହୁଥିଲେ । ବୈଷ୍ଣବ ହୋଇ ଥିବାରୁ ଉଭୟେ ଉଭୟଙ୍କ ସଂପର୍କରେ ଆସିଥିଲେ । ହରିଶ୍ଚନ୍ଦ୍ର ପୁରାତତ୍ତ୍ୱ ଜ୍ଞାନରେ ମନୋନିବେଶ କଲେ ଏବଂ ହିନ୍ଦୀରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଲେଖା ସୂତ୍ରପାତ କଲେ । ଜଣେ ଗବେଷଣାରତ ଛାତ୍ର ଭଳି ସେ ବାରାଣସୀ ଆଦି ବୁଲୁଥିଲେ ଓ ପ୍ରାଚୀନ ମନ୍ଦିର ଓ ବାରାଣସୀରୁ ପ୍ରାପ୍ତ ପ୍ରାଚୀନ ତାମ୍ରପତ୍ର ଉପରେ ଲେଖାମାନ ଲେଖିଥିଲେ । ସେ ଯେତେବେଳେ କଲିକତା ଯାଉଥିଲେ, 'ଏସିଆଟିକ ସୋସାଇଟି'କୁ ଯିବାକୁ ଆଦୌ ଭୁଲୁ ନ ଥିଲେ । ସେ ସୋସାଇଟିକୁ ଅନେକ ଗୁଡ଼ିଏ ହସ୍ତଲିଖିତ-ପୁସ୍ତକ ଋଣ ସୂତ୍ରରେ ପ୍ରଦାନ କରିଥିଲେ ।

ହରିଶ୍ଚନ୍ଦ୍ରଙ୍କର ବିଭିନ୍ନ କାଳର ଭାରତୀୟ ଇତିହାସ ଉପରେ ଲେଖା ଗୁଡ଼ିକ ହିନ୍ଦୀ ସାହିତ୍ୟ ପାଇଁ ଏକ ନୂଆ କଥା ଥିଲା । ଇତିହାସ ଉପରେ ଲେଖା ଲେଖିବା

ପୂର୍ବରୁ ସେ ତତ୍ ସଂପୃକ୍ତ ଯେତେ ସାହିତ୍ୟ ପାଉଥିଲେ, ସେ ସମସ୍ତ ପଢୁଥିଲେ । ଫଳତଃ ଅନେକ ପ୍ରସିଦ୍ଧ ଓ ମାନ୍ୟ ବ୍ରିଟିଶ ଓ ଫରାସୀ ଐତିହାସିକ ମାନଙ୍କର ବହୁ ଉକ୍ତି ସେ ତାଙ୍କ ଲେଖାରେ ଉଦ୍ଧାର କରୁଥିଲେ । ତାଙ୍କର କେତେକ ସଫଳ ଲେଖା ହେଲ-କାଶ୍ମୀର (କହ୍ଲଣଙ୍କର 'ରାଜତରଙ୍ଗିଣୀ' ଆଧାରରେ ଲିଖିତ) ବା ଉଦୟପୁର, କୋଟା ଏବଂ ରାଜସ୍ଥାନର ଅନ୍ୟ ମିତ୍ର ରାଜ୍ୟ ଗୁଡ଼ିକର ରାଜବଂଶର ଇତିହାସ । ଏହି ବହି ଗୁଡ଼ିକ ଲାଗି ସେ ଟଡ୍‌ଙ୍କର 'ଏନାଲ୍‌ସ ଅଫ ରାଜସ୍ଥାନ' ବହିଟି ଭଲଭାବେ ପଢିଥିଲେ । ହରିଶ୍ଚନ୍ଦ୍ରଙ୍କୁ ଅନେକ ଗୁଡ଼ିଏ ଦେଶୀୟ ରାଜ୍ୟ ସମ୍ମାନିତ କରିଥିଲେ । ହିନ୍ଦୀ ସାହିତ୍ୟର ଜଣେ ମହାନ ପୃଷ୍ଠପୋଷକ ଉଦୟପୁରର ମହାରାଓ୍ୱଲ୍ ତାଙ୍କୁ ତାଙ୍କ ଦରବାର ପରିଦର୍ଶନ କରିବା ଲାଗି ନିମନ୍ତ୍ରଣ କରିଥିଲେ । (ହିନ୍ଦୀର ଲେଖକମାନେ କହନ୍ତି ଯେ ମହାରାଓ୍ୱାଲ୍ କବି ଓ ଲେଖକ ହିସାବରେ ହରିଶ୍ଚନ୍ଦ୍ରଙ୍କର ଅସାଧାରଣ ଅବଦାନ ଲାଗି, ଉଦୟପୁରକୁ ତାଙ୍କର ପରିଦର୍ଶନ କାଳରୁ ହିଁ ହରିଶ୍ଚନ୍ଦ୍ର ନିଜକୁ ତାଙ୍କ ରାଜ୍ୟରେ ଅଂଶୀଦାର ରୂପେ ଭାବିବାକୁ କହିଥିଲେ ।)

'କାଳଚକ୍ର' ନାମକ ରଚନାରେ ହରିଶ୍ଚନ୍ଦ୍ର କାଳର କ୍ରମିକ ଧାରାରେ ଏକ ବିଶ୍ୱ ଇତିହାସ ରଚନା କରିଛନ୍ତି ।

ଭକ୍ତ ହୋଇଥିଲେ ମଧ୍ୟ ହରିଶ୍ଚନ୍ଦ୍ର ମୁକ୍ତ ଚିନ୍ତାଧାରାର ବ୍ୟକ୍ତି ଥିଲେ । ଆଧୁନିକ ମାନ ଅନୁଯାରେ ତାଙ୍କର ବିଚାର ନିରପେକ୍ଷ ଥିଲା । ସେ କେବଳ ଯେ ସମସ୍ତ ଧର୍ମର ସମନ୍ୱୟ ଚାହୁଁଥିଲେ ତା ନୁହେଁ ବରଂ ବିଭିନ୍ନ ବର୍ଗ ଗୁଡ଼ିକୁ ଏକାଠି କରିବା ପାଇଁ ସମସ୍ତ ଚେଷ୍ଟା କରିଥିଲେ । ଥରେ ଜୈନ ମନ୍ଦିରକୁ ଯାଇଥିବାରୁ ସମାଲୋଚିତ ହେବା ପରେ, ନିଜ କାର୍ଯ୍ୟର ଯଥାର୍ଥତା ଉପରେ ଜୋର ଦେଇ ସେ ଲେଖାମାନ ଲେଖିଥିଲେ । ସେ ପ୍ରମାଣିତ କଲେ ଯେ ଜୈନଧର୍ମ ଉପହାସ ଯୋଗ୍ୟ ନୁହେଁ । ଅଠରଶହ ସତୁରି ଖ୍ରୀଷ୍ଟାବ୍ଦରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯେତେବେଳେ ବାରଣସୀର ବଡ ବଡ ଧର୍ମ ଗୁରୁମାନଙ୍କୁ ତର୍କ ଦ୍ୱାରା ନୀଚ ବୋଲି ପ୍ରମାଣିତ କରୁଥିଲେ, ହରିଶ୍ଚନ୍ଦ୍ର ମଧ୍ୟ ସେହି ତର୍କରେ ଯୋଗ ଦେଇ ତାଙ୍କର ବିରୋଧ କରୁଥିଲେ । ପରବର୍ତ୍ତୀକାଳରେ ସେ ଦୟାନନ୍ଦଙ୍କୁ ତାଙ୍କ ପତ୍ରିକାର ଜଣେ ଲେଖକ (ସହକାରୀ ସଂପାଦକ) ହିସାବରେ ଗ୍ରହଣ କରି

ଥିଲେ । ତାଙ୍କର ପରବର୍ତ୍ତୀ ଲେଖା ଗୁଡ଼ିକରେ ପ୍ରତ୍ୟେକ ହିନ୍ଦୁ, ମୁସଲମାନ, ଶିଖ ଓ ଖ୍ରୀଷ୍ଟଧର୍ମାବଲମ୍ବୀ ପ୍ରଥମେ ନିଜକୁ 'ଭାରତୀୟ' ବୋଲି ଭାବିବା ପାଇଁ ଅଭିଯାନ ଚଳାଇଥିଲେ ଓ କାନ୍ଧକୁ କାନ୍ଧ ମିଶାଇ ଦେଶର ପ୍ରଗତି ପାଇଁ କାମ କରି ଯିବାକୁ ପ୍ରେରଣା ଦେଉଥିଲେ । ପରମ୍ପରା ପରିପୂର୍ଣ୍ଣ ଏକ ଯୁଗ-ସନ୍ଧିରେ ସେ ଜଣେ ଦୂରଦର୍ଶୀ ବ୍ୟକ୍ତି ଥିଲେ ।

ତାଙ୍କର ନେତୃତ୍ୱାତ୍ମକ ଚେଷ୍ଟା ପାଇଁ ହିଁ ଗଦ୍ୟରେ ଖଡ଼ିବୋଲିର ବ୍ୟବହାର କରାଗଲା । କାବ୍ୟରେ କିନ୍ତୁ ତାହା ହେଲା ନାହିଁ । ସାହିତ୍ୟ ରଙ୍ଗମଞ୍ଚରେ ତାଙ୍କର ଆବିର୍ଭାବ ପୂର୍ବରୁ ଏବଂ ତାଙ୍କ ଜୀବଦ୍ଦଶାରେ ମଧ୍ୟ ମଧୁର ବ୍ରଜଭାଷା, ଯେଉଁଥିରେ କି ଅଧିକାଂଶ ଭକ୍ତି ସାହିତ୍ୟ ଲେଖା ଯାଇଛି, କାବ୍ୟ-ଭାଷା ହୋଇ ରହିଲା । କିନ୍ତୁ ସେ ଜାଣିଥିଲେ ଯେ ଭବିଷ୍ୟତ ଖଡ଼ିବୋଲି ବ୍ୟବହାରର ଆବଶ୍ୟକତାକୁ ଅନୁଭବ କରିବ । ଖଡ଼ିବୋଲିକୁ କାବ୍ୟରେ ପ୍ରୟୋଗ ପ୍ରଚେଷ୍ଟା ତାଙ୍କର ଦୂରଦର୍ଶିତାର ପରିଚାୟକ ଅଟେ । କଲିକତାର 'ଭାରତମିତ୍ର'ର ସମ୍ପାଦକଙ୍କୁ ଖଡ଼ିବୋଲିରେ କେତେକ କବିତା ଲେଖି ପଠାଇଲା ବେଳେ ସେ ତାଙ୍କୁ ଲେଖିଥିଲେ— "ଦୟାକରି ଭଲ ଭାବେ ଦେଖି ମୋତେ ଭୁଲଗୁଡ଼ିକ ଜଣାନ୍ତୁ ଏବଂ ଖଡ଼ିବୋଲିରେ କିପରି ସୁନ୍ଦର ଭାବରେ କାବ୍ୟରଚନା କରି ହେବ, ସେ ବିଷୟରେ ପରାମର୍ଶ ଦିଅନ୍ତୁ । ଏଥିରେ ଯେଉଁ ତିନି ପ୍ରକାରର ଛନ୍ଦ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇଛି, ଭାଷାର ମୂଳ ପ୍ରକୃତି ଅନୁସାରେ ସେଥିମଧ୍ୟରୁ କେଉଁଟି ଖାପ ଖାଇବ, ତାହା ଜାଣିବା ପାଇଁ ଉଦ୍ଦିଷ୍ଟ । ଏହି ରଚନାଗୁଡ଼ିକର ଫଳାଫଳ ଉପରେ ମୁଁ ସନ୍ତୁଷ୍ଟ ବୋଲି କହୁନାହିଁ । ବ୍ରଜଭାଷା ତୁଳନାରେ ଖଡ଼ିବୋଲିରେ ମୁଁ ଯେ ଦୁଇଗୁଣ ଅଧିକ ପ୍ରଚେଷ୍ଟା ଓ ସମୟ ଖର୍ଚ୍ଚ କରିଛି, ତାର କାରଣ ମୁଁ ଖୋଜି ବାହାର କରିପାରୁ ନାହିଁ । ଅବଶ୍ୟ ମୁଖ୍ୟ ଅସୁବିଧା ହେଲା ଖଡ଼ିବୋଲିରେ ଅଧିକ ସଂଖ୍ୟକ ଦୀର୍ଘ ସ୍ୱରର ବ୍ୟବହାର । ଅତଏବ କେତେକ ସ୍ଥଳରେ ଦୀର୍ଘସ୍ୱର ବଦଳରେ ମୋତେ ହ୍ରସ୍ୱ ସ୍ୱର ବ୍ୟବହାର କରିବାକୁ ପଡ଼ିଛି । ଯଦି ଆପଣ ଓ ଆପଣଙ୍କ ପାଠକ ମାନଙ୍କର ପ୍ରତିକ୍ରିୟା ମାଧ୍ୟମରେ ମୋତେ ସମର୍ଥନ ମିଳେ, ତାହେଲେ ମୁଁ ଏଭଳି ଅନେକ ରଚନାରେ ମନୋନିବେଶ କରିବି ।"

ଖଡ଼ୀବୋଲିରେ କବିତା ଛଡ଼ା ହିନ୍ଦୀ ସାହିତ୍ୟର ଅନ୍ୟ ଗୋଟିଏ ଶାଖା ତାଙ୍କର ଧ୍ୟାନ ଆକର୍ଷଣ କରିଥିଲା । ଏହା ହେଉଛି ହିନ୍ଦୀ ଉପନ୍ୟାସ । ହରିଶ୍ଚନ୍ଦ୍ର ନିଜର ଜଣେ ପ୍ରଶଂସକଙ୍କୁ ପତ୍ର ଲେଖିଥିଲେ—"ହିନ୍ଦୀରେ କେତେକ ନାଟକ ଲେଖା ହେଲଣି । କିନ୍ତୁ ହିନ୍ଦୀରେ କୌଣସି ଉପନ୍ୟାସ ନାହିଁ । ଯଦି ଆପଣ ବା ଆପଣଙ୍କ ପତ୍ରିକାର ସହକାରୀ ସମ୍ପାଦକମାନଙ୍କ ଭିତରୁ ରାଧାଚରଣ ଗୋସ୍ୱାମୀ ବା ବାବୁ କାଶୀନାଥଙ୍କ ଭଳି କେହି ହିନ୍ଦୀରେ କେତୋଟି ଉପନ୍ୟାସ ଲେଖି ପାରନ୍ତେ ତେବେ ଏହା ପ୍ରକୃତରେ ଗୋଟିଏ ମହତ୍ କାର୍ଯ୍ୟ ହୁଅନ୍ତା । ଯଦି ଆପଣ ଏକମତ ତେବେ 'ଦୀପନିର୍ବାଣ'ର ଅନୁବାଦ କରାଯାଇପାରେ । ଏହି ସାହିତ୍ୟ କୃତିଟି ଗୋଟିଏ ଉପନ୍ୟାସ ଅପେକ୍ଷା ଅଧିକ କିଛି । କାରଣ ଏହା ଦେଶର ଭାଗ୍ୟ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ।" ହରିଶ୍ଚନ୍ଦ୍ର ତାଙ୍କର ବଙ୍ଗୀୟ ଦ୍ୱିତୀୟ ସ୍ତ୍ରୀ ମଲ୍ଲିକାକୁ ବଙ୍ଗଳାରୁ ଉପନ୍ୟାସ ଅନୁବାଦ କରିବାପାଇଁ କହିଥିଲେ । ସେ ଅନୁବାଦ କରିଥିବା ଉପନ୍ୟାସ ମଧ୍ୟରୁ ତିନୋଟି ହେଲା, 'ରାଧାରାଣୀ', 'ସୌନ୍ଦର୍ଯ୍ୟମୟୀ' ଓ 'ଚନ୍ଦ୍ରପ୍ରଭା ପୂର୍ଣ୍ଣ ପ୍ରକାଶ' । 'ରାଧାରାଣୀ' ଉପନ୍ୟାସଟି ଯଥାର୍ଥରେ ତାଙ୍କ ସ୍ୱାମୀ ହରିଶ୍ଚନ୍ଦ୍ରଙ୍କୁ ଉତ୍ସର୍ଗୀକୃତ ହୋଇଛି । ଉତ୍ସର୍ଗ ଉଲ୍ଲେଖରେ ସେ କହିଛନ୍ତି—"ସଭ୍ୟ ସମାଜର ପ୍ରଚଳିତ ପ୍ରଥାନୁସାରେ ମୁଁ ପରିଚିତ ହେବାକୁ ଯୋଗ୍ୟ ନୁହେଁ ଓ ଏହି ଅନୁବାଦରେ ଏପରି କିଛି ବିଶେଷତ୍ୱ ନାହିଁ ଯେଉଁଥିରେ କି ମୁଁ ମୋର ପରିଚୟ ପାଇଁ ପ୍ରୟାସ କରିବ କିମ୍ବା ପାଠକ ମାନଙ୍କ ଆଗରେ ଉପସ୍ଥିତ ହେବ । ···ଏତିକି କହିଲେ ଯଥେଷ୍ଟ ହେବ ଯେ ଏହି ଅନୁବାଦଟି ମହାନ୍ ଓ ସାଧୁ ପୁରୁଷ ମୋର ସ୍ୱାମୀଙ୍କୁ ଉତ୍ସର୍ଗିତ ହୋଇଛି, ଯାହାଙ୍କ ଆଦେଶରେ କି ମୁଁ ମୋର କେତେକାଂଶରେ ଦୁର୍ବଳ ଭାଷାରେ ଏହି ଅନୁବାଦ କାର୍ଯ୍ୟ ସମାପନ କରିଛି । ମୋର ଏହି ପ୍ରଚେଷ୍ଟାରେ ସ୍ୱାମୀଙ୍କର ସନ୍ତୋଷ ହିଁ ମୋ ପାଇଁ ଏକମାତ୍ର ପୁରସ୍କାର ।" ମଲ୍ଲିକାଙ୍କର ସ୍ୱାମୀ ଏହି ତିନୋଟି ଅନୁବାଦର ପ୍ରଶଂସା କରିଥିଲେ ଓ ସେଗୁଡ଼ିକୁ ପ୍ରକାଶ କରିଥିଲେ ।

ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କର 'ରାଜସିଂହ'ର ଅନୁବାଦ କାର୍ଯ୍ୟର ଦାୟିତ୍ୱ ନିଜେ ହରିଶ୍ଚନ୍ଦ୍ର ଗ୍ରହଣ କରିଥିଲେ (ଦୁର୍ଭାଗ୍ୟ ବଶତଃ ଏହା ଅସମ୍ପୂର୍ଣ୍ଣ ରହିଗଲା ଓ ତାଙ୍କର ମୃତ୍ୟୁ ପରେ ତାଙ୍କର କକେଇପୁଅ ଭାଇ ରାଧାକୃଷ୍ଣ ଦାସ ଏହାକୁ ସମ୍ପୂର୍ଣ୍ଣ କରିଥିଲେ) ।

ହରିଶ୍ଚନ୍ଦ୍ରଙ୍କର ପ୍ରେରଣାରେ ରାଧାକୃଷ୍ଣ ଦାସ 'ସ୍ୱର୍ଣ୍ଣଲତା'ର ଅନୁବାଦ କଲେ, ଏବଂ ପଣ୍ଡିତ ରାମଶଙ୍କର ବ୍ୟାସ 'ମଧୁମାଲତୀ'ର ହିନ୍ଦୀ ଅନୁବାଦ କଲେ । ସେହିପରି ଗଦାଧର ସିଂହ 'ଦୁର୍ଗେଶ ନନ୍ଦିନୀ' ଓ 'କାଦମ୍ବରୀ'ର ଅନୁବାଦ କଲେ । ଏହା ନିଃସନ୍ଦେହ ଯେ ଯଦି ହରିଶ୍ଚନ୍ଦ୍ର ଆଉ କିଛି ବର୍ଷ ଜୀବିତ ରହିଥାନ୍ତେ ତାହେଲେ ହିନ୍ଦୀ ସାହିତ୍ୟର ଏହି ଦିଗଟିକୁ ସମୃଦ୍ଧ କରି ପାରିଥାନ୍ତେ । କିନ୍ତୁ ତାହା ହେବାର ନଥିଲା ।

ହରେକୃଷ୍ଣଙ୍କର ବଦ୍‌ଖର୍ଚ୍ଚ ତାଙ୍କର ଦୁଷ୍ଚିନ୍ତାଗୁଡ଼ିକୁ ଜନ୍ମ ଦେଲା ଏବଂ ଟଙ୍କା ପଇସା ପାଣିଭଳି ଖର୍ଚ୍ଚ କରିବା ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟର ସର୍ବନାଶ ହେଲା । ତଥାପି ସେ ନିଜର ଖିଆଲିପଣିଆକୁ ଅନିଚ୍ଛା ପ୍ରକାଶ କଲେ ଓ ନିଜର ବଦ୍‌ଖର୍ଚ୍ଚର ବାଟରେ ଚାଲିଲେ । ସେ କଠିନ ଓ କ୍ଳାନ୍ତିକର ଯାତ୍ରାଗୁଡ଼ିକରୁ ଓହରିଲେ ନାହିଁ । ସେ ଅତି ଆଗ୍ରହୀ ହୋଇ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିଲେ ଓ ଅସୁସ୍ଥ ଅବସ୍ଥାରେ ମଧ୍ୟ ଉଦୟପୁରକୁ ଏକ ଦୀର୍ଘ ଯାତ୍ରା କଲେ ଓ ସେଠାରୁ ନାଥଦ୍ୱାରରେ ସ୍ଥାୟୀଭାବେ ରହୁଥିବା ନିଜର ପୁରୁଣା ବନ୍ଧୁ ମୋହନଲାଲ ବିଷ୍ଣୁଲାଲ ପାଣ୍ଡ୍ୟାଙ୍କୁ ଦେଖିବା ପାଇଁ ଯାଇଥିଲେ । ଏହି ଯାତ୍ରା ସମୟରେ ତାଙ୍କ ସ୍ୱାସ୍ଥ୍ୟ ଅତି ଖରାପ ଆଡ଼କୁ ଗତି କଲା । ହଇଜା, ଜ୍ୱର ଓ ଶ୍ୱାସ କଷ୍ଟରେ ଆକ୍ରାନ୍ତ ହୋଇ ସେ ଅନ୍ୟର ସେବା ଫଳରେ ହିଁ ବଞ୍ଚି ରହିଲେ । କାଶୀକୁ ଫେରିବା ପରେ ପୂର୍ବରୁ ଆରମ୍ଭ କରାଯାଇଥିବା କେତେକ ମୂଲ୍ୟବାନ ରଚନା ସମ୍ପୂର୍ଣ୍ଣ କରିବାକୁ ଚାହିଁଲେ । ଭାରତୀୟ ନାଟ୍ୟଶାସ୍ତ୍ର ଉପରେ ସେ ଏକ ଗ୍ରନ୍ଥ ଲେଖିଥିଲେ ଓ ବ୍ରିଟେନର ଗୋଟିଏ ସମିତିର ଅନୁରୋଧରେ ବ୍ରିଟିଶ ଜାତୀୟ ସଙ୍ଗୀତର ହିନ୍ଦୀ ଭାଷାନ୍ତର କରିଥିଲେ । ସେ ଅଧିକ କେତେକ ନାଟକ ଓ ଗଦ୍ୟ କୃତି ମଧ୍ୟ ରଚନା କରିଥିଲେ । ସେ ତାଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମ ସାଧାରଣ ଭାବରେ କରି ଚାଲିଥିଲେ । ଅସୁସ୍ଥତା ସତ୍ତ୍ୱେ ତାଙ୍କ ରଚିତ 'ସତ୍ୟ ହରିଶ୍ଚନ୍ଦ୍ର' ଓ 'ନୀଳାଦ୍ରି ନାଟକ'ର ଅଭିନୟ ସମୟରେ ଉପସ୍ଥିତ ହେବା ପାଇଁ ସେ ବାଲିଆକୁ ଯାତ୍ରା କରିଥିଲେ । ତାଙ୍କୁ ସେଠାରେ ବେଦବ୍ୟାସଙ୍କ ସହିତ ତୁଳନା କରି ସର୍ବସାଧାରଣରେ ସମ୍ମାନିତ କରାଯାଇଥିଲା । ଏହି ଯାତ୍ରାଟି ତାଙ୍କ ଦେହ ପକ୍ଷେ ହିତ ନଥିଲା । ଫେରିବାର ଦୁଇ ସପ୍ତାହ ମଧ୍ୟରେ ସେ ପୁଣି ଶଯ୍ୟାଶାୟୀ ହୋଇଗଲେ । ତାଙ୍କର ପାଗଳାମି ବଢ଼ିଲେ । ଡାକ୍ତରମାନେ ତାଙ୍କୁ ଲେଖାଲେଖିରୁ ନିବୃତ୍ତ କରିପାରିଲେ ନାହିଁ । ସେ ଲେଖାଲେଖିରେ କଠିନ ପରିଶ୍ରମ କଲେ । ଦିନ ଗଡ଼ି ଚାଲିବା ସଙ୍ଗେ-ସଙ୍ଗେ ତାଙ୍କର ଶକ୍ତି କ୍ଷୀଣ ହେବାକୁ ଲାଗିଲା ଓ ସେ ଖୁବ୍ ଶୀଘ୍ର ଅତି ଦୁର୍ବଳ ହୋଇ ପଡ଼ିଲେ । ତାଙ୍କର ଶେଷଦିନ ପାଖେଇ ଆସିଲା । ଆଧୁନିକ ହିନ୍ଦୀ ଜଗତ

ତୁଳସୀଦାସଙ୍କ ପରବର୍ତ୍ତୀ ଶ୍ରେଷ୍ଠ ଲେଖକଙ୍କୁ ଅଠରଶହ ପଞ୍ଚାଅଶୀ ମସିହା ଜାନୁଆରୀ ପାଞ୍ଚ ତାରିଖରେ ହରାଇଲୁ । ଗଦ୍ୟ, ନାଟକ, ସାମ୍ବାଦିକତା, ପ୍ରବନ୍ଧ କିମ୍ବା ଇତିହାସ ସମସ୍ତ ବିଷୟରେ ହିନ୍ଦୀ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଥିବା ଜଣେ ନିଷ୍ଠିତ ଓ ନିରବଚ୍ଛିନ୍ନ ହସ୍ତର ଅବସାନ ହେଲା । ସେ ଅନ୍ୟାନ୍ୟ ଭାରତୀୟ ଭାଷାର ଅତି ନିକଟକୁ ହିନ୍ଦୀ ଭାଷାକୁ ନେଇ ଯିବାର ଚେଷ୍ଟା ମଧ୍ୟ କରିଥିଲେ ।

କିନ୍ତୁ ତାଙ୍କର କେତେକ ଦୁଃଖ ରହିଗଲା । କାରଣ ସେ ନିଜର ଅନ୍ତରଙ୍ଗ ମିତ୍ରମାନଙ୍କୁ କହିବାର ଶୁଣାଯାଇ ଥିଲା ଯେ ସେ ଯଦି ପରମ୍ପରା ସୂତ୍ରରେ ଏହି ଜନ୍ମ ଭଲ ଧନପ୍ରାପ୍ତ ହୋଇ ପୁନର୍ଜନ୍ମ ଲଭିବାର ସୁଯୋଗ ପାଆନ୍ତି ତା'ହେଲେ ସେ ନିମ୍ନୋକ୍ତ କାର୍ଯ୍ୟ ଗୁଡ଼ିକ କରନ୍ତେ—

୧ । ଶିକ୍ଷାର ମାଧ୍ୟମ ହିନ୍ଦୀ ଥିବା ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ।

୨ । ନିଜର ପାରିବାରିକ ଉଦ୍ୟାନ ଗୃହରେ ଯଥାଯୋଗ୍ୟ ସମ୍ମାନ ସହ ଠାକୁରଜୀଙ୍କର ଗୋଟିଏ ପ୍ରତିମୂର୍ତ୍ତି ସ୍ଥାପନ କରିବା ।

୩ । ଉତ୍ତରପଶ୍ଚିମ ପ୍ରଦେଶରେ ଗୋଟିଏ କଳା ମହାବିଦ୍ୟାଳୟ ସ୍ଥାପନ କରିବା, ଓ

୪ । ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍‌ସ ଓ ବ୍ରିଟେନ ପରିଦର୍ଶନ କରିବା ।

ଦୁଃଖର କଥା ଯେ ଏହି ଆଶା ତାଙ୍କର ପୂରଣ ହୋଇ ପାରିଲା ନାହିଁ । ତଥାପି ସେ ଖଡ଼ୀବୋଲି ହିନ୍ଦୀରେ ସାମ୍ବାଦିକତା, ନାଟକ, ଉପନ୍ୟାସ, ପ୍ରବନ୍ଧ, କବିତା ଇତ୍ୟାଦିର ପ୍ରଗତି ପାଇଁ ମାର୍ଗ ପରିଷ୍କାର କରିଥିଲେ ଏବଂ ହିନ୍ଦୀର ସନ୍ଦେଶକୁ ଅଗ୍ରଗାମୀ କରାଇବା ଲାଗି ବହୁ ଲେଖକଙ୍କୁ ପ୍ରେରଣା ଯୋଗାଇଥିଲେ । ବହୁ ଲେଖକଙ୍କ ମଧ୍ୟରୁ ରାଧାକୃଷ୍ଣ ଦାସ, ସନ୍ତୋଷ ସିଂହ, ବାଳକୃଷ୍ଣ ଭଟ୍ଟ, ବଦ୍ରିନାରାୟଣ ଚୌଧୁରୀ 'ପ୍ରେମଘନ' ଓ ରାଧାଚରଣ ଗୋସ୍ୱାମୀ ପ୍ରମୁଖ ପରବର୍ତ୍ତୀ କେତେକ ଦଶନ୍ଧିରେ ଖଡ଼ୀବୋଲିକୁ ଗଦ୍ୟ, ପଦ୍ୟ ଓ ସାମ୍ବାଦିକତାର ସ୍ୱୀକୃତ ମାଧ୍ୟମ ରୂପେ ଅଗ୍ରଗାମୀ କରିବା ମଶାଲଧାରୀ ଆଗେଇ ଯାଇଥିଲେ ।

□

# ସହାୟକ ଗ୍ରନ୍ଥ ସୂଚୀ


୧ । ଭାରତେନ୍ଦୁ ଗ୍ରନ୍ଥାବଳୀ : ୧ମ ଭାଗ (ନାଟକ)

" " : ୨ୟ ଭାଗ (ପଦ୍ୟ)

" " : ୩ୟ ଭାଗ (ଗଦ୍ୟ)

(ନାଗରୀ ପ୍ରଚାରିଣୀ ସଭା, ବାରାଣସୀ ଦ୍ୱାରା ପ୍ରକାଶିତ ଏହି ତିନୋଟି ଗ୍ରନ୍ଥରେ ଭାରତେନ୍ଦୁଙ୍କର ଅଧିକାଂଶ ଲେଖା ନିହିତ । ଏହା ଆଗରୁ ଭାରତେନ୍ଦୁଙ୍କର ଠିକ୍ ମୃତ୍ୟୁ ପରେ-ପରେ ବାବୁ ରାମଦୀନ ସିଂହଙ୍କ ଦ୍ୱାରା ତାଙ୍କ ଖଡ୍ଗବିଲାସ ପ୍ରେସ, ବାଙ୍କିପୁର, ପାଟନା ଦ୍ୱାରା ପ୍ରକାଶିତ 'ହରିଶ୍ଚନ୍ଦ୍ର କଳା'ରେ ଏ ଗୁଡ଼ିକ ସଂଗୃହୀତ ହୋଇ ପ୍ରକାଶିତ ହୋଇଥିଲା । 'କବି ବଚନ ସୁଧା', 'ହରିଶ୍ଚନ୍ଦ୍ର ଚନ୍ଦ୍ରିକା' ଓ 'ବାଳବୋଧିନୀ'ରେ ପ୍ରକାଶିତ ବା ହରିଶ୍ଚନ୍ଦ୍ରଙ୍କର ବନାରସ ପ୍ରିଣ୍ଟିଂ ପ୍ରେସ୍, ଚନ୍ଦ୍ରପ୍ରଭା ପ୍ରେସ ଓ ମଲ୍ଲିକାଚନ୍ଦ୍ର ଆଣ୍ଡ କମ୍ପାନୀ ଇତ୍ୟାଦିରୁ ପ୍ରକାଶିତ ହରିଶ୍ଚନ୍ଦ୍ରଙ୍କର ଅନ୍ୟାନ୍ୟ କୃତି ଦ୍ୱାରା 'ହରିଶ୍ଚନ୍ଦ୍ର କଳା' ସମୃଦ୍ଧ ହୋଇଥିଲା ।)

୨ । ସରସ୍ୱତୀ, ୧୯୦୧

ଭାରତେନ୍ଦୁଙ୍କର ଜୀବନୀ : ରାଧାକୃଷ୍ଣ ଦାସ

ହରିଶ୍ଚନ୍ଦ୍ରଙ୍କ ଜୀବନୀ : ବାବୁ ଶିବନନ୍ଦନ ସହାୟ

୩ । ଭାରତେନ୍ଦୁ ହରିଶ୍ଚନ୍ଦ୍ର : ବ୍ରଜରତ୍ନ ଦାସ

୪ । " " : ରମ ବିଲାସ ଶର୍ମା

୫ । " " : ଆର ଚୌହାନ

୬ । " " : ଲକ୍ଷ୍ମୀସାଗର ବାର୍ଷ୍ଣେୟ

୭ । " " : ରାମ ସ୍ୱରୂପ ଭଟନାଗର

୮ । ଭାରତେନ୍ଦୁ କା ନାଟ୍ୟ ସାହିତ୍ୟ . ଭି ଶୁକ୍ଳା

୯ । ଭାରତେନ୍ଦୁ କଳା , ଶିବଧର ଓ ଅନ୍ୟମାନେ

୧୦ । ଭାରତେନ୍ଦୁ ଔର ସହଯୋଗୀ କବି : କିଶୋରୀଲାଲ ଗୁପ୍ତା

୧୧ । ଭାରତେନ୍ଦୁ ଙ୍କ ନାଟ୍ୟକଳ . ପି ଶର୍ମା

୧୨ । ଭାରତେନ୍ଦୁ ଯୁଗ : ରାମ ବିଳାସ ଶର୍ମା

117746
20/12/04
SHIMLA

ଭାରତେନ୍ଦୁ ହରିଶ୍ଚନ୍ଦ୍ର (୧୮୫୦-୧୮୮୫) ହେଉଛନ୍ତି ଆଧୁନିକ ହିନ୍ଦୀସାହିତ୍ୟର ଜନକ । ତୁଳସୀ ଦାସଙ୍କ ପରେ ହିନ୍ଦୀ ଲେଖକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଲେଖକଭାବରେ ସେ ପରିଚିତ । ଗ୍ରୀୟର୍ସନଙ୍କ ଭାଷାରେ ବର୍ତ୍ତମାନ ସମୟର ଦେଶୀୟ କବିମାନଙ୍କ ମଧ୍ୟରେ ସମସ୍ତଙ୍କ ଠାରୁ ସେ ଅଧିକ ଯଶସ୍ୱୀ ଏବଂ ଅନ୍ୟ ଯେ କୌଣସି ଜୀବିତ ଭାରତୀୟଙ୍କ ଅପେକ୍ଷା ଲୋକସାହିତ୍ୟକୁ ଜନପ୍ରିୟ କରିବାରେ ସର୍ବାଧିକ ପ୍ରୟାସୀ ।

ହିନ୍ଦୀ ନାଟ୍ୟକାରମାନଙ୍କ ମଧ୍ୟରେ ଅଗ୍ରଣୀଭାବେ ସର୍ବତ୍ର ପରିଚିତ ହରିଶ୍ଚନ୍ଦ୍ର ପ୍ରାରମ୍ଭିକ ହିନ୍ଦୀ ସାମ୍ବାଦିକତାର ଉନ୍ନତି ପାଇଁ ସମଭାବରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପ୍ରବନ୍ଧ, ଭ୍ରମଣ ବୃତ୍ତାନ୍ତ, ଜୀବନ ଚରିତ, ଇତିହାସ ଓ ପୁରାତତ୍ତ୍ୱ ସମ୍ବନ୍ଧୀୟ ପୁସ୍ତକ ରଚନା ଦିଗରେ ସେ ହେଉଛନ୍ତି ପ୍ରଥମ ପ୍ରସିଦ୍ଧ ହିନ୍ଦୀ ଲେଖକ । ପଦ୍ୟ-ସାହିତ୍ୟକୁ ତାଙ୍କର ପ୍ରଚୁର ଅବଦାନ ଛଡ଼ା ସେ ସବୁପ୍ରକାର ସଂଭାବ୍ୟ ଛନ୍ଦରେ ପ୍ରାୟ ହଜାରହଜାର ଭକ୍ତି-ସଂଗୀତ ମଧ୍ୟ ଲେଖିଥିଲେ । ସମ୍ଭବତଃ ସେ ହେଉଛନ୍ତି ପ୍ରଥମ ହିନ୍ଦୀ କବି ଯାହାଙ୍କର ପଦ୍ୟରେ 'ଖଡ଼ୀବୋଲି' ଶୈଳୀର ପ୍ରୟୋଗ ଦ୍ୱାରା ପରବର୍ତ୍ତୀ କାଳରେ ବ୍ରଜଭାଷା ମୂଳପୋଛ ହୋଇ ଯାଇଥିଲା ।

ମାତ୍ର ଚଉତିରିଶ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଭାରତେନ୍ଦୁ ପ୍ରଥମ କରି ଅନେକ ମାର୍ଗ ନିର୍ଦ୍ଦେଶ କରିଥିଲେ । କିନ୍ତୁ ଦୁଃଖର କଥା ଯେ ବ୍ୟକ୍ତିଗତ ଜୀବନ ଓ ସମସ୍ୟାଗୁଡ଼ିକର ସମାଧାନ ଓ ନିୟନ୍ତ୍ରଣରେ ସେ ବିଫଳ ହୋଇଥିଲେ ।

ମଦନଗୋପାଲ 'ମୁନ୍‌ସୀ ପ୍ରେମଚନ୍ଦ—ଏ ଲିଟାରାରୀ ବାୟୋଗ୍ରାଫୀ' (ଏକ ସାହିତ୍ୟିକ ଚରିତ)ର ଲେଖକ । ସେ ହିନ୍ଦୀ ଲେଖକମାନଙ୍କୁ ଇଂରାଜୀ ଜଗତରେ ପରିଚିତ କରାଇବାରେ ଅଗ୍ରଣୀ । 'ଭାରତେନ୍ଦୁ ହରିଶ୍ଚନ୍ଦ୍ର' ନାମକ ଏହି ଭାବାତ୍ମକ ଲେଖା ମାଧ୍ୟମରେ ଆଧୁନିକ ହିନ୍ଦୀ ସାହିତ୍ୟର ଇତିହାସକୁ ସେ ଏକ ମହତ୍ତ୍ୱପୂର୍ଣ୍ଣ ଦାନ ଦେଇଛନ୍ତି ।

Library IIAS, Shimla
OR 810.409 2 B 469 M
00117746

ଆବରଣ ବ୍ୟବସ୍ଥା : ସତ୍ୟଜିତ ରାୟ
ରେଖାଚିତ୍ର : ଶ୍ୟାମଳ ସେନ

ମୂଲ୍ୟ : ୧୫ ଟଙ୍କା
ISBN 81-7201-250-0